
ଭାରତ-ଏ ଦଳରେ ସୁଶ୍ରୀ

▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-64 ◆FRIDAY ◆28 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୬୪ ◆ଶୁକ୍ରବାର ◆୨୮ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସଂସଦ ଅଧିବେଶନକୁ ନେଇ ଦ୍ୱନ୍ଦ୍ୱରେ ରଖିଲେ କେନ୍ଦ୍ରମନ୍ତ୍ରୀ

■ ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ମୁଲତବୀ ହୋଇଛି। ଏହାକୁ ପ୍ରୋରୋଗ କରାଯାଇ ନାହିଁ। ତେଣୁ ଅଧିବେଶନ ପୁଣି ଡକାଯିବ କି ନାହିଁ, ତାହା ସରକାର ନିଷ୍ପତ୍ତି ନେବେ। କିନ୍ତୁ ଏସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ ମନାକରିଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ବହୁଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ବିଲ୍ ପାଇଁ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି ବୋଲି ରାଜନୈତିକ ମହଲରେ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ରିଜିଜୁଙ୍କ ଏଭଳି ମନ୍ତବ୍ୟ ଏହାକୁ ଆହୁରି ଖୋରାକ ଯୋଗାଇଛି।

ଗଣମାଧ୍ୟମକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ ବେଳେ ରିଜିଜୁ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ବର୍ଷା ଅଧିବେଶନ ସମାପ୍ତ ହୋଇନଥିବାରୁ ପାର୍ଲାମେଣ୍ଟର ବୈଠକ ପୁଣିଥରେ ବସିପାରେ। ସରକାର ଚାହିଁଲେ ଯେକୌଣସି ସମୟରେ ଗୃହକୁ ଡାକିପାରିବେ। ସରକାର ଏସଂପର୍କରେ ନିଷ୍ପତ୍ତି ନେଲେ ଅଧିବେଶନ ଡାକିବା ଲାଗି ରାଷ୍ଟ୍ରପତିଙ୍କୁ ସୁପାରିସ କରିପାରିବେ। ତେବେ ସରକାର ଏଭଳି ଅଧିବେଶନ ଡାକିବେ କି ନାହିଁ, ତାହା ସ୍ପଷ୍ଟ କରିବାକୁ ସେ ▶ପୃଷ୍ଠା-୭

## ନେପାଳ ଜଳପ୍ରଳୟ
# ବିପଦ ଟଳିନି, ପୁଣି ଆସିବ ବନ୍ୟା



### ୪୦୦ ଟପିଲା ମୃତ୍ୟୁସଂଖ୍ୟା, ହଜାର ହଜାର ନିଖୋଜ

**ତିନି ଶହ ଭାରତୀୟ ପର୍ଯ୍ୟଟକଙ୍କ ପତ୍ତା ନାହିଁ**

**ବିପର୍ଯ୍ୟୟ ପାଇଁ ଚୀନକୁ ଦାୟୀ କଲା ନେପାଳ**

■ କାଠମାଣ୍ଡୁ, ୨୭।୮ (ଏଜେନ୍ସି): ନେପାଳରେ ବନ୍ୟା ପ୍ରଳୟ ସବୁ ଛାରଖାର କରିଦେଇଛି। ଗତକାଲି ଆସିଥିବା ଅଚାନକ ବନ୍ୟାରେ ଦେଶରେ ଅକଳ୍ପନୀୟ କ୍ଷତି ଘଟିଛି। ଶହ ଶହ ଗାଁ ନିଶ୍ଚିହ୍ନ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଥିବା ନେଇ ସରକାରୀ ସୂଚନା ଦିଆଯାଇଥିବା ବେଳେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଏବେ ବି ହଜାର ହଜାର ଲୋକ ▶ପୃଷ୍ଠା-୭

### ଶୋକ ବ୍ୟକ୍ତକଲେ ନବୀନ



■ ଭୁବନେଶ୍ୱର, ୨୭।୮ (ସମିସ): ନେପାଳର ଭୋଟେକୋଶୀ ନଦୀରେ ଘଟିଥିବା ଭୟାବହ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଘଟଣା ଏଥିରେ ଅନେକ ଲୋକଙ୍କ ମୃତ୍ୟୁକୁ ନେଇ ଶୋକ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ▶ପୃଷ୍ଠା-୭

## ବିଜୁ ପଟ୍ଟନାୟକ ବିମାନବନ୍ଦର ଲିଜ୍ ନକ୍ସା ପ୍ରସ୍ତୁତ
# ୪୦୦୦ କୋଟିରେ ୫୦ ବର୍ଷ !

### ୪୦ ହଜାର କୋଟି ମୂଲ୍ୟର ୮୩୬ ଏକର ଜମିରେ ଠିଆହୋଇଛି ଏୟାର୍‌ପୋର୍ଟ

■ ଭୁବନେଶ୍ୱର, ୨୭।୮ (ସମିସ): ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ (ଏନ୍ଏମ୍‌ପି ୨.୦) ଅଧୀନରେ ଓଡ଼ିଶାର ଗର୍ବ କୁହାଯାଉଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଏକ ଘରୋଇ ସଂସ୍ଥାକୁ ଲିଜ ଦିଆଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଗତ ୪ ତାରିଖରେ କେନ୍ଦ୍ର ସରକାରଙ୍କ ପିପିପି ଆପ୍ରାଇଜାଲ କମିଟି ନୀତିଗତ ଭାବରେ ଅନୁମୋଦନ ଦେଇଛି। କୁହାଯାଉଛି ଯେ ଏହି ବିମାନବନ୍ଦରକୁ ୫୦ ବର୍ଷ ପାଇଁ ଲିଜ୍ ଦିଆଯିବ। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୁବନେଶ୍ୱର ବିମାନବନ୍ଦରର ଜମି ମୂଲ୍ୟ ପ୍ରାୟ ୪୦ ହଜାର କୋଟି ଟଙ୍କା ଆକଳନ କରାଯାଉଥିବାବେଳେ ଏହାକୁ ୪ ହଜାରରୁ ୫ ହଜାର କୋଟି ଟଙ୍କାରେ ଲିଜ୍ ଦିଆଯିବା ପଛରେ କି ରହସ୍ୟ ଅଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଦେଇ ବାର୍ଷିକ ପ୍ରାୟ ୫୦ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି। ଆର୍ଥିକ ଦୃଷ୍ଟିରୁ ବିମାନବନ୍ଦରଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଉପଲବ୍ଧ ତଥ୍ୟ ଅନୁସାରେ ବିପିଏଆଇ ପ୍ରତିବର୍ଷ ହାରାହାରି ୧୮୦ କୋଟିରୁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଲାଭ କରୁଛି। ମାତ୍ର ଓଡ଼ିଶାର ଏହି ସମ୍ପତ୍ତିକୁ କ୍ଷତିରେ ଚାଲିଥିବା କର୍ଣ୍ଣାଟକର ହୁବଲ୍ଲି ବିମାନବନ୍ଦର ସହ ଯୋଡ଼ି ଏକ ପ୍ୟାକେଜ ଭାବରେ ନିଲାମ ପାଇଁ ଯୋଜନା ରଖାଯାଇଛି। କେବଳ ନିବେଶକମାନଙ୍କ ଲାଭ ପାଇଁ ଲାଭଜନକ ବିମାନବନ୍ଦର ସହ ତୁଳନାମୂଳକ ଭାବେ କମ୍ ଲାଭ କରୁଥିବା ବା କ୍ଷତିରେ ଚାଲୁଥିବା ବିମାନବନ୍ଦରକୁ ଯୋଡ଼ି ଘରୋଇ ନିବେଶକଙ୍କୁ ଆକର୍ଷିତ କରାଇବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଥିବା କୁହାଯାଉଛି। ନିଲାମରେ ଭାଗ ନେଉଥିବା ସଂସ୍ଥାମାନେ ପ୍ରତି ଘରୋଇ ଯାତ୍ରୀ ପିଛା ଦେବାକୁ ଥିବା ଶୁଳ୍କ ଆଧାରରେ ବିଡ୍ କରିବେ। ସର୍ବାଧିକ କିମ୍ବା ନିର୍ଦ୍ଧାରିତ ସର୍ତ୍ତରେ ସଫଳ ବିଡର୍ ବିମାନବନ୍ଦରର ପରିଚାଳନା ଓ ବିକାଶ ଦାୟିତ୍ୱ ଗ୍ରହଣ କରିବ ବୋଲି କୁହାଯାଉଛି।

ଭୁବନେଶ୍ୱର ବିମାନବନ୍ଦର ଦେଶର ଅନେକ ବିମାନବନ୍ଦରଠାରୁ ଉନ୍ନତ। ଏହା ୮୩୬ ଏକର (୩କୋଟି ୬୪ ଲକ୍ଷ ୧୬ ହଜାର୧୬୦ ବର୍ଗଫୁଟ) ଜମି ଉପରେ ପରିବ୍ୟାପ୍ତ। ବିମାନବନ୍ଦର ଆଖପାଖରେ ଜମିର ମୂଲ୍ୟ ଆକାଶଛୁଆଁ। ସରକାରୀ ବେଞ୍ଚମାର୍କଠାରୁ ଦୁଇରୁ ତିନିଗୁଣ ମୂଲ୍ୟରେ ଏଠାରେ ଜମି ବିକ୍ରି ହେଉଥିବା ଦେଖାଯାଏ। ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ଜମିର ▶ପୃଷ୍ଠା-୭

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ
# ୨୯ରେ ଆଉ ଏକ ଲଘୁଚାପ

**ବଢ଼ିବ ବର୍ଷା**

**୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ**

■ ଭୁବନେଶ୍ୱର, ୨୭।୮ (ସମିସ): ରାଜ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହେବ। ୨୯ ତାରିଖରେ ପୁଣି ଗୋଟିଏ ଲଘୁଚାପ ସୃଷ୍ଟି ହେବା କାରଣରୁ ବର୍ଷା ହେବ। ଶୁକ୍ରବାରଠାରୁ ବର୍ଷାର ପରିମାଣ ବଢ଼ିବା ସହ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ବର୍ଷା ପାଇଁ ପାଗ ଅନୁକୂଳ ରହିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ୨୯ ତାରିଖ ବେଳକୁ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ଫଳରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଆସନ୍ତାକାଲି (ଶୁକ୍ରବାର) କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ▶ପୃଷ୍ଠା-୭










# ଅକଳ୍ପନୀୟ କ୍ଷତି, ଶହ ଶହ ଗାଁ ନିଶ୍ଚିହ୍ନ

■ ବୃଦ୍ଧି ପାଉଛି ମୃତ୍ୟୁସଂଖ୍ୟା, ସହସ୍ରାଧିକ ନିଖୋଜ
■ ମାଟି ଓ ପଥରର ବିଶାଳ ପ୍ରବାହ: ପୁଣି ବନ୍ୟା ଆଶଙ୍କା

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟ ଅଞ୍ଚଳରେ ଆସିଥିବା ଭୟଙ୍କର ଆକସ୍ମିକ ବନ୍ୟା ନେପାଳର ଅନେକ ଗାଁ ଓ ସହରକୁ ଛାରଖାର କରିଦେଇଛି । ଆକାଶମାର୍ଗରୁ ଉତ୍ତୋଳିତ ଚିତ୍ରରେ ବନ୍ୟା ପରବର୍ତ୍ତୀ ଧ୍ୱଂସର ଭୟାବହ ଦୃଶ୍ୟ ସାମ୍ନାକୁ ଆସିଛି । ଘରଦ୍ୱାର, ରାସ୍ତା, ସେତୁ ଓ ବିଦ୍ୟୁତ୍ ପ୍ରକଳ୍ପ ମାଟି ଓ କାଦୁଅ ତଳେ ପୋତି ହୋଇ ଯାଇଥିବା ବେଳେ ଅନେକ ଗାଁର ଚିହ୍ନବର୍ଣ୍ଣ ମଧ୍ୟ ରହିନାହିଁ ।। ଭୋଟେ କୋସି ଓ ତ୍ରିଶୂଳୀ ନଦୀର ପ୍ରଚଣ୍ଡ ଜଳପ୍ରବାହ ତାହାର ପଥରେ ଥିବା ଗାଁ ଓ ସହରଗୁଡ଼ିକୁ ଭୟଙ୍କର ଭାବେ ପ୍ରଭାବିତ କରିଛି । ବନ୍ୟାଜଳର ବେଗ ଏତେ ତୀବ୍ର ଥିଲା ଯେ ଅନେକ ଘର, ସେତୁ, ରାସ୍ତା ଓ ଅନ୍ୟାନ୍ୟ ନିର୍ମାଣ ଭାସିଯାଇଛି । ଉଦ୍ଧାରକାରୀମାନେ କାଦୁଅ ଓ ପଙ୍କ ଭିତରେ ପଶି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି । ବହୁତଳ କୋଠାର ତଳ ମହଲାଗୁଡ଼ିକ ବନ୍ୟା ଓ ପଙ୍କ ତଳେ ପୋତିଯାଇଥିବାରୁ ଉଦ୍ଧାରକାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି ।

ତିବ୍ବତର ଗ୍ୟାରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ନେପାଳ-ଚୀନ ସୀମା ନିକଟ ଲହେଣ୍ଡେ ନଦୀ କୂଳରୁ ବିପୁଳ ପରିମାଣର ମାଟି, ପଥର ଓ ଆବର୍ଜନା ଖସିପଡ଼ିବା ପରେ ହଠାତ୍ ବନ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି । ଏହି ବିଶାଳ ଜଳ ଓ କାଦୁଅ ପ୍ରବାହ ତଳିଆ ଅଞ୍ଚଳକୁ ମାଡ଼ିଯାଇ ରାସ୍ତାରେ ଥିବା ଘରବାଡ଼ି ଓ ଅନ୍ୟାନ୍ୟ ସଂରଚନାକୁ ଭସାଇ ନେଇଥିଲା । ତିବ୍ବତ ପଟରୁ ମିଳିଥିବା ନିରୀକ୍ଷଣ ଚିତ୍ରରେ ମଧ୍ୟ ଏହି ଭୟଙ୍କର ଘଟଣାର ଦୃଶ୍ୟ ଦେଖିବାକୁ ମିଳିଛି । ବିଶାଳ ମାଟି ଓ ଆବର୍ଜନାର ପ୍ରବାହ ଏକାଧିକ ମହଲା ବିଶିଷ୍ଟ ଘର ଉପରେ ମାଡ଼ିଯାଇଥିବା ବେଳେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡୁଥିବା ଦୃଶ୍ୟ ମଧ୍ୟ ଦେଖାଯାଇଛି । ବନ୍ୟାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ନେପାଳ ସେନା ଆକାଶମାର୍ଗରେ ଉଦ୍ଧାର ଅଭିଯାନ ଚଳାଇଛି । ଅନେକ ଲୋକଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ନଦୀକୂଳ ଓ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷଜ୍ଞମାନେ ଏବେ ଆଉ ଏକ ବିପଦ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ନଦୀର ଉପରମୁଣ୍ଡରେ ମାଟି ଓ ଆବର୍ଜନା ଜମି ଜଳପଥରେ ବାଧା ସୃଷ୍ଟି କରିଥିବାରୁ ଏହା ଭାଙ୍ଗିଗଲେ ପୁଣି ଏକ ବଡ଼ ବନ୍ୟା ଆସିପାରେ । କାଠମାଣ୍ଡୁସ୍ଥିତ ପର୍ବତ ବିକାଶ ସଂସ୍ଥାର ଜଳବାୟୁ ଓ ପରିବେଶୀୟ ବିପଦ ବିଶେଷଜ୍ଞମାନେ ମଧ୍ୟ ଦ୍ୱିତୀୟ ବନ୍ୟାର ସମ୍ଭାବନା ନେଇ ସତର୍କ କରିଛନ୍ତି । ନେପାଳ-ଚୀନ ସୀମା ନିକଟ ନଦୀର ଉପର ଅଞ୍ଚଳରେ ଥିବା ବାଧା ଏବେ ମଧ୍ୟ ଚିନ୍ତାର କାରଣ ହୋଇରହିଛି ।

ନେପାଳରେ ହୋଇଥିବା ଏହି ବିପର୍ଯ୍ୟୟର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି । ନେପାଳରୁ ଭାରତକୁ ପ୍ରବେଶ କରୁଥିବା ନଦୀଗୁଡ଼ିକର ଜଳସ୍ତର ବଢ଼ିବା ଆଶଙ୍କାରେ ବିହାର ଓ ଉତ୍ତରପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ସତର୍କତା ଜାରି କରାଯାଇଛି । ନେପାଳର ଏହି ବିପର୍ଯ୍ୟୟ ଦକ୍ଷିଣ ଏସିଆରେ ବଢୁଥିବା ଚରମ ପାଣିପାଗ ଘଟଣାର ଏକ ଗମ୍ଭୀର ଚିତ୍ର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ମୌସୁମୀ ବର୍ଷା ସମୟରେ ଏହି ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଓ ଭୂସ୍ଖଳନ ଘଟୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏପରି ଚରମ ଘଟଣାର ତୀବ୍ରତା ବଢୁଥିବା ନେଇ ବୈଜ୍ଞାନିକମାନେ ଚିନ୍ତା ପ୍ରକାଶ କରୁଛନ୍ତି । ନେପାଳର ଆକାଶମାର୍ଗରୁ ମିଳିଥିବା ଚିତ୍ର କେବଳ ଏକ ବନ୍ୟାର ଧ୍ୱଂସ ଦେଖାଉନାହିଁ, ବରଂ ହିମାଳୟ ଅଞ୍ଚଳ କେତେ ଅସୁରକ୍ଷିତ ହୋଇପଡ଼ିଛି ତାହାର ଏକ ଭୟାବହ ସତର୍କ ସଙ୍କେତ ଦେଉଛି । ଗାଁ, ଘର, ରାସ୍ତା ଓ ସେତୁ ନଷ୍ଟ ହେବା ସହ ଶତାଧିକ ଲୋକଙ୍କ ଜୀବନ ଅନିଶ୍ଚିତତାରେ ପଡ଼ିଛି । ଦ୍ୱିତୀୟ ବନ୍ୟାର ଆଶଙ୍କା ଥିବାରୁ ଉଦ୍ଧାର ଓ ସତର୍କତାମୂଳକ ପଦକ୍ଷେପକୁ ଆହୁରି ଜୋରଦାର କରିବା ଆବଶ୍ୟକ । ଏହି ଘଟଣା ହିମାଳୟର ପରିବେଶ ସୁରକ୍ଷା ଓ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସହଯୋଗର ଆବଶ୍ୟକତାକୁ ପୁଣିଥରେ ସାମ୍ନାକୁ ଆଣିଛି ।

## ତିବ୍ବତ-ନେପାଳ ସୀମାରେ ନୂଆ ବିପଦ

# ୭୨ ଘଣ୍ଟାରେ ଭାଙ୍ଗିପାରେ ଜଳାଶୟ

ବେଜିଂ, ୨୭ ।୮ (ଏଜେନ୍ସି): ତିବ୍ବତ-ନେପାଳ ସୀମାରେ ଭୟଙ୍କର ବନ୍ୟା ପରେ ଏବେ ଆଉ ଏକ ବଡ଼ ବିପଦର ଆଶଙ୍କା ଦେଖାଦେଇଛି । ସୀମା ନିକଟରେ ଥିବା ଏକ ପ୍ରାକୃତିକ ଜଳାଶୟ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଭାଙ୍ଗିପଡ଼ିପାରେ ବୋଲି ଚୀନ କର୍ତ୍ତୃପକ୍ଷ ସତର୍କ କରିଛନ୍ତି ।, ଜଳାଶୟରେ ବର୍ତ୍ତମାନ ପ୍ରାୟ ୨୦ ଲକ୍ଷ ଘନମିଟର ପାଣି ରହିଛି । ଆଗାମୀ ତିନି ଦିନରେ ଆଉ ପ୍ରାୟ ୩୦ ଲକ୍ଷ ଘନମିଟର ପାଣି ଏଥିରେ ପ୍ରବେଶ କରୁଛି । ଜଳାଶୟ ଏବେ ଉପରୁ ପାଣି ଓଭରଫ୍ଲୋ କରୁଥିବାରୁ ବିପଦ ବଢ଼ିଛି । ତିବ୍ବତର ଗ୍ୟାରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ନେପାଳ ପାର୍ଶ୍ୱରେ ମଧ୍ୟ ବନ୍ୟାରେ ବହୁ ଲୋକଙ୍କ ମୃତ୍ୟୁ ଓ ନିଖୋଜ ହେବାର ଖବର ରହିଛି । ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ଉଦ୍ଧାର କାର୍ଯ୍ୟ ପାଇଁ ଚୀନ ପକ୍ଷରୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଛି । ଜଳାଶୟ ଭାଙ୍ଗିଲେ ତଳିଆ ଅଞ୍ଚଳରେ ଆକସ୍ମିକ ଭାବେ ବନ୍ୟାଜଳ ପ୍ରବେଶ କରିପାରେ । ଏହା ଉଦ୍ଧାର କାର୍ଯ୍ୟକୁ ଆହୁରି କଷ୍ଟକର କରିବା ସହ ଜୀବନ ଓ ସମ୍ପତ୍ତି ପ୍ରତି ବଡ଼ ବିପଦ ସୃଷ୍ଟି କରିପାରେ । ସୀମା ଅଞ୍ଚଳରେ ପରିସ୍ଥିତି ଉପରେ ଚୀନ କର୍ତ୍ତୃପକ୍ଷ ନଜର ରଖିଥିବାବେଳେ, ଆଗାମୀ ୭୨ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି ।

# ମୁକୁଲ ରୟଙ୍କ ପୁଅ ନିଖୋଜ

କୋଲକାତା, ୨୭ ।୮ (ଏଜେନ୍ସି): ନେପାଳରେ ଭୟଙ୍କର ବନ୍ୟା ପରେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ମୁକୁଲ ରୟଙ୍କ ପୁଅ ତଥା ପୂର୍ବତନ ବିଧାୟକ ଶୁଭ୍ରାଂଶୁ ରୟ ନିଖୋଜ ହୋଇଛନ୍ତି । ଅଗଷ୍ଟ ୨୫ ତାରିଖ ରାତିରୁ ପତ୍ନୀଙ୍କ ସହ ତାଙ୍କର ଆଉ ଯୋଗାଯୋଗ ହୋଇନାହିଁ । ଶୁଭ୍ରାଂଶୁ ଅଗଷ୍ଟ ୨୧ରେ ଏକାକୀ ନେପାଳ ଯାଇଥିଲେ । ନେପାଳ–ତିବ୍ବତ ସୀମା ନିକଟରେ ଭୟଙ୍କର ବନ୍ୟା ପରେ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ଅଞ୍ଚଳରେ କୋଲକାତାରୁ ମାନସରୋବର ଯାତ୍ରାରେ ଯାଇଥିବା ୩୨ ଜଣିଆ ଦଳ ମଧ୍ୟ ନିଖୋଜ ଥିବା ଖବର ମିଳିଛି । ରାସ୍ତା ଓ ସେତୁ ନଷ୍ଟ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ନିଖୋଜଙ୍କ ସନ୍ଧାନ ଜାରି ରହିଛି । ଶୁଭ୍ରାଂଶୁ ରୟ ବିଜପୁରର ପୂର୍ବତନ ବିଧାୟକ । ସେ ଅଗଷ୍ଟ ୨୧ ତାରିଖରେ ଏକ ଭ୍ରମଣ ସଂସ୍ଥା ମାଧ୍ୟମରେ ନେପାଳ ଯାଇଥିଲେ । ସେ ଏକାକୀ ଯାତ୍ରା କରୁଥିଲେ । ତାଙ୍କ ପତ୍ନୀ ଶର୍ମିଷ୍ଠା ଭୌମିକ ରୟଙ୍କ କହିବା ଅନୁସାରେ, ଅଗଷ୍ଟ ୨୫ ରାତିରେ ଶେଷଥର ପାଇଁ ସ୍ୱାମୀଙ୍କ ସହ କଥା ହୋଇଥିଲା । ଏହା ପରଠାରୁ ତାଙ୍କ ଫୋନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ସମ୍ଭବ ହୋଇନାହିଁ ।

# ଭାରତ ପାଇଁ ବିପଦ ଚୀନର 'ଜଳବୋମା'



ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଚୀନ୍‌ର ଏକ ବିରାଟ ଜଳବନ୍ଧ ପ୍ରକଳ୍ପକୁ ନେଇ ଗ୍ଲୋବାଲ୍ ବିଶେଷଜ୍ଞମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ୍ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ବିଶାଳ ଜଳବନ୍ଧ ଆଗାମୀ ଦିନରେ ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଏକ ଜଳବୋମା ସଦୃଶ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ନେପାଳ ଏବଂ ତିବ୍ବତ ସୀମାରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟରେ ଶହ ଶହ ଲୋକଙ୍କର ପ୍ରାଣହାନି ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି । ଏହି ଭୟାବହତା ପରେ ବିଶେଷଜ୍ଞମାନେ ଚୀନ୍ ଦ୍ୱାରା ତିବ୍ବତର ମେଡୋଗ ଅଞ୍ଚଳରେ ନିର୍ମାଣ ହେଉଥିବା ଷାଠିଏ ହଜାର ମେଗାୱାଟ୍ କ୍ଷମତାସମ୍ପନ୍ନ ମେଡୋଗ ଜଳବନ୍ଧ ପ୍ରକଳ୍ପ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ଏକ ଅତ୍ୟନ୍ତ ଭୂକମ୍ପ ପ୍ରବଣ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହାକୁ ନେଇ ବିପଦ ବଢ଼ିବାରେ ଲାଗିଛି । ତିବ୍ବତର ୟାର୍ଲୁଙ୍ଗ ଜାଙ୍ଗବୋ ନଦୀ ଉପରେ ନିର୍ମାଣ ହେଉଥିବା ଏହି ବିଶାଳ ଜଳବନ୍ଧ ଦେଇ ଭାରତରେ ପ୍ରବେଶ କଲା ପରେ ବ୍ରହ୍ମପୁତ୍ର ନଦୀ ଭାବରେ ପରିଚିତ ହୋଇଥାଏ । ଭୂକମ୍ପ ପ୍ରବଣ ଏବଂ ସକ୍ରିୟ ଭୂ-ଗର୍ଭବତୀ ରେଖା ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଥିବାରୁ ଏହାର ଗଠନଗତ ସୁରକ୍ଷାକୁ ନେଇ ଚୀନ୍‌ର ନିଜସ୍ୱ ଭୂ-ତତ୍ତ୍ୱବିତ୍ ମଧ୍ୟ ପୂର୍ବରୁ ପ୍ରଶ୍ନ ଉଠାଇସାରିଛନ୍ତି । ନେପାଳ ଦୁର୍ଘଟଣା ପରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ହିମାଳୟ ଅଞ୍ଚଳରେ ଏଭଳି ବୃହତ୍ ପ୍ରକଳ୍ପଗୁଡ଼ିକ ଭବିଷ୍ୟତରେ ମହାବିନାଶ ଆଣିପାରେ । ଚୀନ୍ ଯଦି ଏହି ଜଳବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କରେ, ତେବେ ଏହା ଭାରତର ଉତ୍ତର-ପୂର୍ବାଞ୍ଚଳ ଯଥା ଅରୁଣାଚଳ ପ୍ରଦେଶ ଏବଂ ଆସାମ ସମେତ ବାଂଲାଦେଶ ପାଇଁ ଗଭୀର ଜଳ ସଙ୍କଟ ଏବଂ ହଠାତ୍ ବନ୍ୟାର କାରଣ ହୋଇପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ।



# ବିପର୍ଯ୍ୟୟ ଘଟାଇବ ହିମାଳୟ ଗ୍ଲାସିଅର

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟରେ ବରଫ ତରଳିବା ଏବଂ ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତ ଏବଂ ନେପାଳ ସମେତ ସମଗ୍ର ଅଞ୍ଚଳ ପ୍ରତି ବଡ଼ ସଙ୍କଟ ସୃଷ୍ଟି ହୋଇଛି । ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କହିଛନ୍ତି ଯେ ହିମାଳୟରେ ଯାହା କିଛି ଘଟୁଛି, ତାହାର ସିଧାସଳଖ ପ୍ରଭାବ ସମୁଦ୍ର ଏବଂ ତଳ ଅଞ୍ଚଳ ଉପରେ ପଡୁଛି । ନେପାଳ ଏବଂ ଚୀନ୍ ସୀମାନ୍ତ ହିମାଳୟ ଅଞ୍ଚଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଏହାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ । ହିମାଳୟରେ ବରଫ ତରଳିବା କିମ୍ବା ପରିବେଶ ବିପର୍ଯ୍ୟୟ ଘଟିଲେ ତାହା ସମୁଦ୍ର ପର୍ଯ୍ୟନ୍ତ ପ୍ରଭାବ ପକାଏ । ଭାରତ, ନେପାଳ, ଚୀନ୍ ଏବଂ ଭୁଟାନ ପ୍ରଭୃତି ଦେଶଗୁଡ଼ିକ ପରିବେଶ ଦୃଷ୍ଟିରୁ ପରସ୍ପର ସହିତ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି । ଏହି ସମସ୍ତ ଦେଶର ଭବିଷ୍ୟତ ଏବଂ ବଞ୍ଚି ରହିବା ସମ୍ପୂର୍ଣ୍ଣ ଭାବେ ହିମାଳୟର ପରିବେଶକୁ ସୁରକ୍ଷିତ ରଖିବା ଉପରେ ନିର୍ଭର କରୁଛି । ବିଶ୍ୱର ପ୍ରାୟ ଦୁଇ ଶହ କୋଟି ଲୋକଙ୍କ ପାଇଁ ପାନୀୟ ଜଳର ଉତ୍ସ ତଥା ଜୀବନଜୀବିକା ଏହି ହିମାଳୟ ଅଞ୍ଚଳ ଉପରେ ନିର୍ଭରଶୀଳ । ଜଳବାୟୁ ପରିବର୍ତ୍ତନ କାରଣରୁ ଆଗାମୀ ଦିନରେ ଜଳ ସଙ୍କଟ ଏବଂ ପରିବେଶଗତ ଦୁର୍ବଳତା ଆହୁରି ବୃଦ୍ଧି ପାଇବ । ସଙ୍କଟ କୌଣସି ସୀମା ଭିତରେ ସୀମିତ ନୁହେଁ । ତେଣୁ ହିମାଳୟର ସୁରକ୍ଷା ଏବଂ ସାମଗ୍ରିକ ବିକଶିତ ଭବିଷ୍ୟତ ପାଇଁ ଭାରତ, ନେପାଳ, ଚୀନ୍ ଏବଂ ଭୁଟାନକୁ ମିଳିତ ଭାବେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।

## ପ୍ରଧାନ ବିଚାରପତିଙ୍କୁ ବିରୋଧ

# ସମାବର୍ତ୍ତନ ଉତ୍ସବ ବାତିଲ

ବେଙ୍ଗାଲୁରୁ, ୨୭ ।୮ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତିଙ୍କୁ ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବାକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ମଧ୍ୟରେ ବିରୋଧ ଦେଖାଦେବା ପରେ ବେଙ୍ଗାଲୁରୁସ୍ଥିତ ଜାତୀୟ ଆଇନ ବିଦ୍ୟାଳୟ ତାହାର ୨୦୨୬ ବର୍ଷର ସମାବର୍ତ୍ତନ ଉତ୍ସବକୁ ବାତିଲ କରିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୭ରେ ଜାରି ହୋଇଥିବା ସୂଚନାରେ କୁହାଯାଇଛି, ଅପରିହାର୍ଯ୍ୟ ପରିସ୍ଥିତି ଯୋଗୁଁ ଚଳିତ ବର୍ଷର ସମାବର୍ତ୍ତନ ଆୟୋଜନ କରାଯିବ ନାହିଁ । ପୂର୍ବରୁ ଏହି ସମାବର୍ତ୍ତନ ସେପ୍ଟେମ୍ବର ୧୨ରେ ହେବାକୁ ଥିଲା । ସମାବର୍ତ୍ତନ ବାତିଲ ହେବା ପରେ ୨୦୨୬ର ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅନୁପସ୍ଥିତିରେ ଡିଗ୍ରୀ ପ୍ରଦାନ କରାଯିବ । ଏଥିପାଇଁ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ । ଛାତ୍ରଛାତ୍ରୀମାନେ ଡାକ ଯୋଗେ ପ୍ରମାଣପତ୍ର ପାଇପାରିବେ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରୁ ନିଜେ ସଂଗ୍ରହ କରିପାରିବେ । ସମାବର୍ତ୍ତନରେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବାର ପରିଷଦ ଅଧ୍ୟକ୍ଷ ମନ୍ନନ କୁମାର ମିଶ୍ରଙ୍କ ଉପସ୍ଥିତିକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ଏକ ଅଂଶ ବିରୋଧ କରିଥିଲେ ।



ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ମତଭେଦ ବଢ଼ିଥିଲା । ଏହି ବିରୋଧ ପଛରେ ବାର ପରିଷଦର ଏକ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ଅସନ୍ତୋଷ ରହିଥିଲା । ଅଗଷ୍ଟ ୧୩ରେ ବାର ପରିଷଦ ହାଇଦ୍ରାବାଦସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ସ୍ନାତକ ବ୍ୟାଚର ନାମଲେଖାକୁ ସାମୟିକ ଭାବେ ବନ୍ଦ କରିଥିଲା । ଏହାର କିଛି ଘଣ୍ଟା ପରେ ନିଷ୍ପତ୍ତିଟି ପ୍ରତ୍ୟାହାର କରାଯାଇଥିଲା । ବାର ପରିଷଦର ପଦକ୍ଷେପକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରମାନେ ତୀବ୍ର ଆପତ୍ତି ଜଣାଇଥିଲେ । ବିରୋଧ ଅଭିଯାନରେ ଜଡ଼ିତ ଛାତ୍ର ଓ ଶିକ୍ଷକଙ୍କୁ ଚିହ୍ନଟ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ସେମାନେ ସ୍ୱାଧୀନ ମତ ପ୍ରକାଶ ଉପରେ ଚାପ ବୋଲି ଅଭିଯୋଗ କରିଥିଲେ । ଏହି ବିବୃତିରେ ୧୬୫ ଜଣ ସ୍ନାତକ ଛାତ୍ର, ୪୦୯ ଜଣ ବର୍ତ୍ତମାନର ଛାତ୍ର ଏବଂ ୧୨୮ ଜଣ ପୁରାତନ ଛାତ୍ର ସ୍ୱାକ୍ଷର କରିଥିବା ଜଣାପଡ଼ିଛି । ବିବାଦ ମଧ୍ୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୯୦ ମିନିଟ୍ ଧରି ଆଲୋଚନା କରିଥିଲେ । ଛାତ୍ରମାନଙ୍କ ଚିନ୍ତା ଓ ଆପତ୍ତି ବୁଝିବା ପାଇଁ ଏହି ଆଲୋଚନା ହୋଇଥିବା ସୂଚନା ମିଳିଛି ।

# ୟୁକ୍ରେନର ୯ ସହରରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼

କିଭ, ୨୭ ।୮ (ଏଜେନ୍ସି): ୟୁକ୍ରେନର ୯ଟି ସହର ଉପରେ ରୁଷ୍ ରାତିସାରା ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି । ରାଜଧାନୀ କିଭ୍ ସମେତ ବିଭିନ୍ନ ଅଞ୍ଚଳରେ ଆବାସିକ କୋଠା, ବିଦ୍ୟାଳୟ, ଚିକିତ୍ସା କେନ୍ଦ୍ର ଓ ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣରେ ଜାପୋରିଝିଆ ଅଞ୍ଚଳରେ ଜଣେ ୭୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଅଞ୍ଚଳରେ ଅତି କମ୍ ୯ ଜଣ ଆହତ ହୋଇଛନ୍ତି । କିଭ୍‌ର ଚାରିଟି ଅଞ୍ଚଳରେ ଆକ୍ରମଣର ପ୍ରଭାବ ପଡ଼ିଥିବା ଅଧିକାରୀମାନେ କହିଛନ୍ତି । ୟୁକ୍ରେନର ବାୟୁ ପ୍ରତିରକ୍ଷା



ବାହିନୀ ୭ଟି ରୁଷୀୟ ବାଲିଷ୍ଟିକ୍ ମିସାଇଲ୍‌କୁ ଧ୍ୱଂସ କିମ୍ବା ନିଷ୍କ୍ରିୟ କରିଥିବା ଦାବି କରିଛି । ତେବେ ରୁଷ୍‌ର ଲଗାତାର ଆକ୍ରମଣ ମଧ୍ୟରେ ୟୁକ୍ରେନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଚାପ ବଢ଼ିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଅଧିକ ବାୟୁ ପ୍ରତିରକ୍ଷା ସହାୟତା, ବିଶେଷକରି ପ୍ୟାଟ୍ରିଅଟ୍ ମିସାଇଲ୍ ପାଇଁ ସହଯୋଗୀ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ, ରୁଷ୍ ଦାବି କରିଛି ଯେ ତାହାର ଆକ୍ରମଣର ଲକ୍ଷ୍ୟ ଥିଲା ସାମରିକ ଓ ଶିଳ୍ପ ଭିତ୍ତିଭୂମି । ରୁଷ୍ ମଧ୍ୟ ଦାବି କରିଛି ଯେ ତାହାର ବାୟୁ ପ୍ରତିରକ୍ଷା ବାହିନୀ ୨୬୭ଟି ୟୁକ୍ରେନୀୟ ଡ୍ରୋନ୍ ଧ୍ୱଂସ କରିଛି । ଏହି ଘଟଣାରୁ ଯୁଦ୍ଧରେ ଉଭୟ ପକ୍ଷର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଆହୁରି ତୀବ୍ର ହେଉଥିବା ସ୍ପଷ୍ଟ ହୋଇଛି ।

# କାନପୁରରେ ଟ୍ରେନିଂ ବିମାନ ଦୁର୍ଘଟଣାରେ ପାଇଲଟ୍, ସହ-ପାଇଲଟ ମୃତ

କାନପୁର, ୨୭ ।୮ (ଏଜେନ୍ସି): ଉତ୍ତର ପ୍ରଦେଶର କାନପୁରଠାରେ ଏକ ବେସରକାରୀ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗଙ୍ଗା ନଦୀ କୂଳବର୍ତ୍ତୀ ଏକ ପଡ଼ିଆରେ ଏହି ବିମାନଟି ଖସିପଡ଼ିବାରୁ ପାଇଲଟ ଏବଂ ସହ-ପାଇଲଟଙ୍କର ମୃତ୍ୟୁ ଘଟିଛି । ଗୁରୁବାର ଦିନ କାନପୁରର ଗଙ୍ଗା ବ୍ୟାରେଜ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । କାନପୁରର ଏକ ବିମାନ ଚାଳନା ତାଲିମ ପ୍ରତିଷ୍ଠାନ 'ଗର୍ଗ ଏଭିଏସନ୍'ର ଏହି ତାଲିମ ବିମାନଟି ହଠାତ୍ ଦୁର୍ଘଟଣାର ଶିକାର ହୋଇଥିଲା । ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ିଯାଇ ଉଭୟଙ୍କୁ ଉଦ୍ଧାର କରି ଏକ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପୁଲିସର ସୂଚନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ମୁଖ୍ୟ ପାଇଲଟଜଣଙ୍କ ଗୁଜରାଟର ବାସିନ୍ଦା ଥିଲେ ଏବଂ ତାଙ୍କର ତିନି ହଜାରରୁ ଅଧିକ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା । ସେହିପରି ସହ-ପାଇଲଟଜଣଙ୍କ କର୍ଣ୍ଣାଟକର ବାସିନ୍ଦା ଥିଲେ । ତେବେ ମୃତକଙ୍କର ସଠିକ୍ ପରିଚୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ ।






## ନବୀନ ନିବାସରେ ରକ୍ଷାବନ୍ଧନ ପର୍ବ

ଭୁବନେଶ୍ୱର,୨୭।୮(ସମିସ): ରକ୍ଷା ବନ୍ଧନ ଅବସରରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବାକୁ ବିଶେଷ ଭିଡ଼ ହୋଇଥିଲା। କୁନି କୁନି ଝିଅ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର ସଭ୍ୟ ନବୀନଙ୍କ ହାତରେ ରାକ୍ଷୀ ବାନ୍ଧିବାକୁ ସମବେତ ହୋଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ, ଗାଇଡ୍‌ସର ଛାତ୍ରୀ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଓ ଗୁରୁଜୀଙ୍କ ସହ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ବିରୋଧୀଦଳ ନେତାଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ଶୁଭେଚ୍ଛା ଗ୍ରହଣ କରି ସବୁ ଭେଦଭାବ ଭୁଲି ଆମର ସାମାଜିକ ଓ ସାଂସ୍କୃତିକ ବନ୍ଧନକୁ ସୁଦୃଢ କରିବା ପାଇଁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

### ପୋଷ୍ଟ ଅଫିସ୍ ସଞ୍ଚୟ ଠକେଇ

## ୧୧ ବର୍ଷ ପରେ ଫେରାର ବ୍ରାଞ୍ଚ ପୋଷ୍ଟମାଷ୍ଟର ଗିରଫ

ଭୁବନେଶ୍ୱର, ୨୭।୮ (ସମିସ): ପୋଷ୍ଟ ଅଫିସ୍ ସଞ୍ଚୟ ଜମା ଟଙ୍କା ହେରଫେର ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ତତ୍କାଳୀନ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶବ୍ଦା ସ୍ୱାଇଁ। ସିବିଆଇ ଭୁବନେଶ୍ୱର ଏସିବି ତାଙ୍କୁ ବରଗଡ଼ରୁ ଗିରଫ କରିଛି।

ସିବିଆଇ ସୂଚନା ଅନୁଯାୟୀ, ଶବ୍ଦା ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲା ବୋଣ୍ଡା ଶାଖା ଡାକଘରରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ଥିଲେ। ଶାଖା ଡାକଘରରେ କାର୍ଯ୍ୟରତ ସମୟରେ ଶବ୍ଦା ଜମାକାରୀଙ୍କଠାରୁ ପ୍ରାୟ ୧୩ ଲକ୍ଷ ୯୮ ହଜାର ୨୩୨ ଟଙ୍କା ସଂଗ୍ରହ କରିଥିଲେ। ତେବେ ସେହି ଜମା ଟଙ୍କାକୁ ଖାତାରେ ଜମା କରିନଥିଲେ। ଓଲଟି ପାସ୍‌ବୁକ୍‌ରେ ମିଛରେ ଏଣ୍ଟ୍ରି କରି ଲୋକଙ୍କୁ ଭୁଆଁ ବୁଲାଇଥିଲେ। ଶବ୍ଦା ଜମାକାରୀଙ୍କ ଟଙ୍କା ହେରଫେର କରିଥିବା ନେଇ ସିବିଆଇରେ ଅଭିଯୋଗ ହୋଇଥିଲା। ସିବିଆଇ ଭୁବନେଶ୍ୱର ଏସିବି - ଆର୍‌ସି-୧୭(ଏ)୧୪-ବିବିଏସ୍ ମାମଲା ରୁଜୁ କରିଥିଲା।୨୦୧୫ ଡିସେମ୍ବର ୩୧ରେ ଶବ୍ଦାଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ହେବା ପରଠାରୁ ସେ ଫେରାର ଥିଲେ। ତାଙ୍କ ବିରୋଧରେ ୨୦୨୨ରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ସିବିଆଇର ନିରନ୍ତର ଉଦ୍ୟମ ପରେ ଶବ୍ଦାଙ୍କ ଠିକଣା ସମ୍ପର୍କରେ ସୂଚନା ମିଳିଥିଲା। ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶବ୍ଦା ବରଗଡ଼ ଆସିଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି।

## ଭୁବନେଶ୍ୱର ଡିସିପି ମିନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର,୨୭।୮(ସମିସ): ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାପତ୍ରକୁ ଓଡ଼ିଶା ସରକାର ଗ୍ରହଣ କରି ନେଇଛନ୍ତି। ରାଜ୍ୟ ସରକାର ଇସ୍ତଫାପତ୍ର ଗ୍ରହଣ କରିବା ପରେ କେନ୍ଦ୍ର ସରାକରଙ୍କ ଇସ୍ତଫା ଅନୁମୋଦନ ପାଇଁ ପଠାଇଛନ୍ତି। ଏହା ଉପରେ କେନ୍ଦ୍ର ସରକାର ସହମତୀ ପ୍ରକାଶ କଲେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ନେବେ। ନିୟମ ଅନୁଯାୟୀ, ରାଜ୍ୟ ସରାକାର ଇସ୍ତଫାପତ୍ରକୁ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ ରେକର୍ଡ ଯାଞ୍ଚ କରାଯାଏ। ତାଙ୍କ ବିରୋଧରେ ଭିଜିଲାନ୍ସରେ କୌଣସି ମାମଲା ରହିଛି କିମ୍ବା ନାହିଁ। ସରକାରଙ୍କ ତାଙ୍କ ଉପରେ ଟଙ୍କା ବକେୟା ରହିଛି କିମ୍ବା ନାହିଁ। ଦେଶରେ ମୋଟ୍ ୩ଟି ଅଲ୍ ଇଣ୍ଡିଆ ସର୍ଭିସ ରହିଛି। ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍। ସମସ୍ତଙ୍କ ଇସ୍ତଫା ଅଲ୍ ଇଣ୍ଡିଆ ସର୍ଭିସ ରୁଲ ୧୯୫୮ ଅନୁଯାୟୀ ରୁଲ୍ ୫(୧) ଏବଂ ରୁଲ୍ ୫(୧)(ଏ) ପରିଚାଳନା କରାଯାଏ। ଏଣୁ ଡିସିପି ମୀନା ଓଡ଼ିଶା କାଡର ଆଇପିଏସ୍ ହୋଇଥିବାରୁ ସେ ତାଙ୍କ ଇସ୍ତଫା ପତ୍ରକୁ ଡିଜିପିଙ୍କ ଜରିଆରେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିଲେ। ଯାହାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାପରେ କେନ୍ଦ୍ର ସରକାର ନିଷ୍ପତି ନେବେ ତାଙ୍କ ଇସ୍ତଫା ଗ୍ରହଣ କରାଯିବ କିମ୍ବା ନାହିଁ। ତେବେ ବ୍ୟକ୍ତିଗତ କାରଣରୁ ଡିସିପି ଇସ୍ତଫା ଦେଇଛନ୍ତି ବୋଲି ପୂର୍ବରୁ ଗଣମାଧ୍ୟମକୁ କହିଥିଲେ। ସେ ଏହାପରେ ଏକ ବେସରକାରୀ କ୍ଷେତ୍ରରେ ଚାକିରି କରିବେ।

**ରାଜ୍ୟ ସରକାର ଆପତ୍ତି ନଉଠାଇ କେନ୍ଦ୍ରକୁ ପଠାଇଲେ**

### ଗୋଳାବନ୍ଧରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ୧୩୭୧ ବିସ୍ଥାବିତ ପରିବାର ପାଇଁ ୭୫.୬ କୋଟିର ପ୍ୟାକେଜ୍

ବ୍ରହ୍ମପୁର,୨୭।୮(ସମିସ): ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫କୋଟି ୬୦ଲକ୍ଷ ୩୦ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆର୍ ଆଣ୍ଡ ଆର୍) ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟମନ୍ତ୍ରୀ ବାବା ଧବଳେଶ୍ୱରଙ୍କୁ ଦର୍ଶନ ସାରି ସଭା କାର୍ଯ୍ୟରେ ଯୋଗ ଦେଇଥିଲେ। ଏଠାରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ସ୍ୱାଗତ ଜଣାଇଥିଲେ। ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪କୋଟି ୨୫ଲକ୍ଷ ୧୦ହଜାର ଟଙ୍କା ଆବଣ୍ଟନ କରାଯାଇଛି। ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା



ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶିଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି

- ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କୁ ଘରବାରି ଓ ଚାଷଜମି ପଟ୍ଟା
- ଆର୍ଯ୍ୟପଲ୍ଲୀ ବନ୍ଦର ନବୀକରଣ, ଗଢ଼ାହେବ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ବର୍ଷରେ ରାଜ୍ୟରେ ୫ଲକ୍ଷ ନିଯୁକ୍ତି

ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଗୋଳାବନ୍ଧ ଓ ଛେଳିଗଡ଼ର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଖଣି ଓ ଇସ୍ପାତ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ଼ ପଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଗୋପାଳପୁର ଜି.ଏମ୍.ଏସ୍.ର ଷ୍ଟେସନ କମାଣ୍ଡର କଲୋନେଲ ଦାସ ଏବଂ ଏଏଡ଼ିସିର କାର୍ଯ୍ୟନିର୍ବାହୀ କମାଣ୍ଡାଣ୍ଟ ବ୍ରିଗେଡିୟର ହେମନ୍ତ ସିଂ ମଧ୍ୟ ଉପସ୍ଥିତ ରହିଥିଲେ। ଶେଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭାପ୍ରସେ ଶିକ୍ଷାନବିସ ଏସ ସାରନ୍ୟା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ଗଞ୍ଜାମ ଜିଲ୍ଲା ବିଜେପିରେ ରାଜନୀତି ଗୋଳ

## ସାଂସଦଙ୍କ ଦାବିର ଦର୍ପଣ ବନାମ ମନ୍ତ୍ରୀଙ୍କ ବିକାଶ ଚିଠା

ବ୍ରହ୍ମପୁର,୨୭।୮(ସମିସ): ଗଞ୍ଜାମ ଜିଲ୍ଲା ବିଜେପିରେ ଏବେ ଚାରି ଗୋଠ। କାହାରି ସାଙ୍ଗରେ କାହାରି ତାଳମେଳ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏପରିକି ଗୋଳାବନ୍ଧରେ ଅନୁଷ୍ଠିତ କାର୍ଯ୍ୟକ୍ରମରୁ ସାଂସଦ ପ୍ରଦୀପ ପାଣିଗ୍ରାହୀ ଅଧାରୁ ଉଠି ଚାଲିଯିବା ଘଟଣା ଜିଲ୍ଲା ରାଜନୀତିକୁ ସରଗରମ କରିଛି ।

ଗୋଳାବନ୍ଧ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସମେତ ତିନି ମନ୍ତ୍ରୀ, ଦୁଇ ସାଂସଦ ଓ ଗଞ୍ଜାମ, ଗଜପତିର ବିଧାୟକମାନେ ବସିଥିଲେ। ତେବେ ଦୀର୍ଘଦିନ ଧରି ଦକ୍ଷିଣ ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ'ଣ କହିବେ ତାହାକୁ ନେଇ ଲୋକଙ୍କ ମନରେ ଉତ୍ସୁକତା ଥିଲା। ସୁଯୋଗ ମିଳିବା ମାତ୍ରେ ପ୍ରଦୀପ ଦାବିର ଲମ୍ବା ତାଲିକା ରଖିଲେ। ଗୋଳାବନ୍ଧ ଆର୍ମି ଏଡି କଲେଜ ନିକଟସ୍ଥ ନୂଆ କମଳାପୁର ଗ୍ରାମର ପଟ୍ଟା ପ୍ରସଙ୍ଗରୁ ଆରମ୍ଭ କରି ବ୍ରହ୍ମପୁରରେ ଏମ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଏକାଧିକ ପ୍ରସଙ୍ଗ ଉଠାଇଥିଲେ ସେ। ନୂଆ କମଳାପୁର ଗାଁ ପ୍ରାୟ ୧୫୦ବର୍ଷ ଧରି ରହି ଆସିଥିଲେ ମଧ୍ୟ ଏଯାଏଁ ପଟ୍ଟା ସମସ୍ୟାର ସମାଧାନ ହୋଇନାହିଁ। ଗୋଳାବନ୍ଧ ଅଞ୍ଚଳର ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମର ବିକାଶ ସହ ଜଡ଼ିତ ସମସ୍ୟା ମଧ୍ୟ ରହିଛି। ଧବଳେଶ୍ୱର ନିକଟରେ ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଥିବା ଜମିକୁ ଆର୍ମି ଏଡି କଲେଜ ଏହାକୁ ଅକ୍ତିଆର କରିଛି। ଦକ୍ଷିଣ

**ଅଧାରୁ ମଞ୍ଚ ଛାଡ଼ି ଚାଲିଗଲେ ସାଂସଦ**

ଓଡ଼ିଶାର ସ୍ୱାସ୍ଥ୍ୟସେବା ପ୍ରସଙ୍ଗ ଉଠାଇ ବ୍ରହ୍ମପୁରକୁ ଏମ୍ସ ଦେବାକୁ ଦାବି କରିଥିଲେ। ଏନେଇ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ମଧ୍ୟ କହିଥିଲେ। ଏହାସହ ହୁମ୍ମାରେ ସି-ବିଲ୍ଡିଂ ୟୁନିଟ୍ ସ୍ଥାପନ, ଗଜପତି ଜିଲ୍ଲାର ଏସ୍‌କେସିଜି କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା, ଗଜପତିରେ ଆୟୁର୍ବେଦିକ୍ କଲେଜ ପରିବର୍ତ୍ତେ ଭେଷଜ ମହାବିଦ୍ୟାଳୟ ସ୍ଥାପନ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ଜେଟି ନିର୍ମାଣ ଭଳି ପ୍ରସଙ୍ଗ ମଧ୍ୟ ମଞ୍ଚରୁ ଉଠାଇଥିଲେ ଓ ସଭା ଶେଷ ହେବା ପୂର୍ବରୁ ମଞ୍ଚ ଛାଡ଼ି ଚାଲିଯାଇଥିଲେ।

ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଦାନା ବାନ୍ଧିଛି । ସାଂସଦ କାହିଁକି ସଭା ଶେଷ ପୂର୍ବରୁ ପଳାଇଲେ? ସେ ଅସନ୍ତୁଷ୍ଟ କି ? ନା ତାଙ୍କ ଦାବି ନେଇ ଆଶ୍ୱାସନା ନ ମିଳିବାରୁ ସେ ଅସନ୍ତୋଷ ପ୍ରକଟ କଲେ ବୋଲି ଚର୍ଚ୍ଚା ଚାଲିଛି। ମାତ୍ର ଏହାପରେ ମନ୍ତ୍ରୀ ବିଭୂତି ଜେନାଙ୍କ ପାଳି ପଡ଼ିଲା। ସେ ଗୋପାଳପୁରକୁ ପ୍ରଦୀପଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ଉଲ୍ଲେଖ କରି ବିକାଶର ଗାଥା ଗାଇଲେ। ଏହାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଗୋଳାବନ୍ଧ ସରକାରୀ କାର୍ଯ୍ୟକ୍ରମ ରାଜନୈତିକ ମଞ୍ଚରେ ପରିଣତ ହୋଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଯେଉଁ ମଞ୍ଚରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ବିଜେପି ସରକାର ବିକାଶର କାହାଣୀ ଗାଇଛନ୍ତି, ସେହି ମଞ୍ଚରେ ଦଳର ସାଂସଦ ବିକାଶ ପ୍ରସଙ୍ଗ ଓ ଅପୂରଣୀୟ ଦାବିକୁ ଦୋହରାଇଛନ୍ତି। ମନ୍ତ୍ରୀଙ୍କ କଥିତ ବିକାଶ, ସଂସଦଙ୍କ ଅପୂରଣୀୟ ଦାବି ଗୋଳାବନ୍ଧ କାର୍ଯ୍ୟକ୍ରମକୁ ଦକ୍ଷିଣ ଓଡ଼ିଶା ରାଜନୀତିରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।

### ମନ୍ତ୍ରୀଙ୍କୁ ଗାଳି ଭିଡିଓ ଭାଇରାଲ ପରେ ଯୁବକ ନିଖୋଜ

## ଇବ୍ ନଦୀ ମିଲ୍‌ଘାଟରୁ ମିଳିଲା ଆକ୍ଟିଭା

ଭୁବନେଶ୍ୱର (ସମିସ): ଏକ ଭାଇରାଲ ଭିଡ଼ିଓରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଚାଲେଞ୍ଜ କରିବା ପରେ ଜନୈକ ଯୁବକ ନିଖୋଜ ହୋଇଯିବା ଘଟଣାକୁ ନେଇ ସରଗରମ ହୋଇଛି ଝାରସୁଗୁଡ଼ା ଜିଲ୍ଲା ରାଜନୀତି। ଗତକାଲିଠାରୁ ସମ୍ପୃକ୍ତ ଯୁବକ ନିଖୋଜ ହୋଇ ଯାଇଛନ୍ତି ଓ ଇବ୍ ନଦୀର ଓପିଏମ୍ ମିଲ୍ ଘାଟରୁ ତାଙ୍କର ଆକ୍ଟିଭାକୁ ଠାବ କରାଯାଇଛି । ତାଙ୍କ ଘର ଲମ୍‌ଟିବାହାଲ ଅଞ୍ଚଳରେ ଓ ନାମ ରବି ସୋନି ବୋଲି ଜଣାପଡ଼ିଛି । ରବି ପୂର୍ବରୁ ଠିକାଦାରୀ କରୁଥିଲେ ଓ ତାଙ୍କର ପତ୍ନୀ ଜଣେ ଅଧାପିକା ବୋଲି ସୂଚନା ମିଳିଛି । ବିଭିନ୍ନ ସମୟରେ ସେ ସ୍ଥାନୀୟ ପ୍ରସଙ୍ଗ ନେଇ ସ୍ୱର ଉତ୍ତୋଳନ କରୁଥିଲେ ଏବଂ ରାଜନେତାମାନଙ୍କୁ ସିଧାସଳଖ ପ୍ରଶ୍ନ କରିବାର ସାମର୍ଥ୍ୟ ରଖୁଥିଲେ। ସେ ସ୍ୱାଭାବିକ ଜୀବନଯାପନ କରୁଥିଲେ ହେଁ କିଛି ଲୋକ ତାଙ୍କର ମାନସିକ ବିକୃତି ଘଟିଥିବା ପ୍ରଚାର କରୁଥିବା ଶୁଣିବାକୁ ମିଳିଥିଲା । କିଛି ଦିନ ତଳେ ରବି ଏକ ଭିଡ଼ିଓରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ଥାନୀୟ ଅଞ୍ଚଳର କେତେକ ପ୍ରସଙ୍ଗରେ ଚାଲେଞ୍ଜ କରିଥିଲେ। ଓପିଏମ୍ ମିଲ୍ ଖୋଲିବା, ଝାରସୁଗୁଡ଼ା ଷ୍ଟାଡ଼ିଅମକୁ ସ୍ୱର୍ଗତ ମନ୍ତ୍ରୀ ନବ ଦାସଙ୍କ ନାମରେ ନାମିତ କରିବାକୁ ସେ ଏଥିରେ ଦାବି କରିଥିଲେ । ଏହା ପରେ ରବି ଅକସ୍ମାତ ନିଖୋଜ ହୋଇଯିବା ଓ ନଦୀ ଘାଟରୁ ତାଙ୍କ ଗାଡ଼ି ପରିତ୍ୟକ୍ତ ଅବସ୍ଥାରେ ମିଳିବା ଘଟଣା ସହ ଏହି ଭିଡ଼ିଓକୁ ଅନେକ ଲୋକ ଯୋଡ଼ିବା ଆରମ୍ଭ କରିଛନ୍ତି । ପୁଲିସ ଓ ଦମକଳ ବାହିନୀ ରବିଙ୍କ ସନ୍ଧାନ ନେବା ନିମନ୍ତେ ନଦୀରେ ଖୋଜାଖୋଜି ଚଳାଇଛନ୍ତି ଓ ତାଙ୍କର ଚିହ୍ନା ପରିଚିତ ବ୍ୟକ୍ତିଙ୍କୁ ମଧ ପଚରାଉଚରା କରୁଥିବା ଜଣାପଡ଼ିଛି ।



### ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରସଙ୍ଗ

## ଓଡ଼ିଶାର ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ

ଭୁବନେଶ୍ୱର,୨୭।୮(ସମିସ): ଏମଏମଡିଆର ସଂଶୋଧନ ଆଇନ୍ ପ୍ରସଙ୍ଗକୁ ନେଇ ବିଜେପି ଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛି ବିଜେଡି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ଓ ଆଗାମୀ ପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ମେୟର ତଥା ଦଳର କୋଷାଧ୍ୟକ୍ଷ ସୁବାସ ସିଂ ଓ ପୂର୍ବତନ ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠି ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ବର୍ଣ୍ଣନା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ଟିକସ ଓ ଲେଭି ବାବଦକୁ ବକେୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆଦାୟ ହୋଇଥିଲେ ଓଡ଼ିଶାର ଆର୍ଥିକ ସ୍ଥିତି ମଜବୁଥ ହୋଇଥାନ୍ତା। କିନ୍ତୁ କେନ୍ଦ୍ର ସରକାର ଏହି ବିଲ୍ ପାସ କରି ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ଛଡାଇ ନେଇଛନ୍ତି ବୋଲି ଦଳ କହିଛି।

ଶ୍ରୀ ସିଂ କହିଥିଲେ, ଓଡିଶା ଦେଶର ଏକ ଗରିବ ରାଜ୍ୟର ପରିଚୟ ରହିଥିଲେ ମଧ୍ୟ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅନେକ ଲୋକାଭିମୁଖୀ ସାମାଜିକ ସୁରକ୍ଷା ଯୋଜନା କରିଥିଲେ, ଯାହା ସମଗ୍ର ଦେଶ ପାଇଁ ଉଦାହରଣ ହୋଇଥିଲା। ବିଜେପି ସରକାରଙ୍କ ଦୁଇ ବର୍ଷର ଶାସନରେ, ନବୀନ ବାବୁ ଆରମ୍ଭ କରିଥିବା ଅନେକ ଯୋଜନା ପାଇଁ ଅର୍ଥ ବରାଦ ହୋଇ ପାରି ନାହିଁ। ଫଳସ୍ୱରୂପ ରାଜ୍ୟରେ



ଅନେକ ସମୟରେ ପେନସନ ପ୍ରଦାନ ପାଇଁ ବିଳମ୍ବ ଘଟୁଛି। ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନାକୁ ବନ୍ଦ କରି ଦିଆଯାଇଛି ଓ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ଟଙ୍କା ଠିକ୍ ସମୟରେ ମିଳି ପାରୁନାହିଁ। ବିଜେପି ସରକାରଙ୍କ ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ଏମଏମଡିଆର ସଂଶୋଧନ ଆଇନ୍ ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟ ଅଧିକାରକୁ ଛଡାଇ ନିଆଯାଇଛି। ଦୁଃଖ ଓ ପରିତାପର ବିଷୟ, ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାର ଲୋକସଭାରେ ଥିବା ୨୦ ବିଜେପି ସାଂସଦ ଓ ରାଜ୍ୟସଭାରେ ଥିବା ୫ ଜଣ ବିଜେପି ସାଂସଦ ନୀରବଦ୍ରଷ୍ଟା ସାଜିଥିଲେ। ଆଗାମୀ ପଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବାକୁ ଯାଉଥିବା ଏହି

- ବିଜେପି ଶାସନରେ ଓଡ଼ିଶାର ଆର୍ଥିକ ସ୍ଥିତି ବିଗିଡ଼ିଛି
- ବକେୟା ୧ଲକ୍ଷ କୋଟି ଆଦାୟ ହୋଇଥିଲେ, ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାନ୍ତା
- ଆଗକୁ ରାଜ୍ୟରେ ଲାଗୁ ଅନେକ ଯୋଜନା ପ୍ରଭାବିତ ହେବ

ବିଲ୍‌କୁ ସହଯୋଗ କରିଥିବା ବିଜେପି ସାଂସଦ ମାନଙ୍କୁ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ। ଖଣି ମାଲିକ ମାନଙ୍କ ପାଇଁ ବିଜେପିର ଅହେତୁକ ଅନୁକମ୍ପା କଣ ପାଇଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଥିଲେ।

ଶ୍ରୀମତୀ ସେଠି କହିଥିଲେ, ଏହି ଆଇନ୍ ଯୋଗୁଁ ଓଡ଼ିଶାର ପ୍ରଭୂତ କ୍ଷତି ହେବାକୁ ଯାଉଥିବା ବେଳେ ଏହା ଓଡିଶାକୁ ଆର୍ଥିକ ଦୁର୍ଗତି ଆଡ଼କୁ ଟାଣିନେବ। ଏହାଦ୍ୱାରା ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ଅନେକ ସାମାଜିକ ସୁରକ୍ଷା ଯୋଜନା ଗୁଡିକ ପ୍ରଭାବିତ ହେବ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡିଶା ଗୋଟିଏ ବିତ୍ତୀୟ ନିଅଣ୍ଟ ରାଜ୍ୟରୁ ବଳକା ଆର୍ଥିକ ରାଜ୍ୟ ହୋଇପାରି ଥିଲା। ଓଡ଼ିଶାର ବିତ୍ତୀୟ ନିଅଣ୍ଟ, ଯାହା ୨୦୨୫-୨୬ରେ ୩.୪ ପ୍ରତିଶତ ହେବ ବୋଲି ଆକଳନ ହୋଇଥିଲା ତାହା ବାସ୍ତବରେ ୩.୫ ପ୍ରତିଶତ ହୋଇଥିଲା। ସେହିପରି ଆଉଟଷ୍ଟାଣ୍ଡିଂ ଲାଇବଲିଟି (ବକେୟା ଦେୟ) ଯାହା ୨୦୨୫-୨୬ରେ ଜିଏସଡିପିର ୧୩ ପ୍ରତିଶତ ଥିଲା, ତାହା ଏବେ ୧୪ପ୍ରତିଶତରେ ପହଁଚିଛି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ରାଜ୍ୟର ଆର୍ଥିକ ସ୍ଥିତି ଧୀରେ ଧୀରେ ବିଗୁଡୁଛି। ଖଣିରୁ ବକେୟା ପ୍ରାପ୍ୟ ଥିବା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ଆର୍ଥିକ ସ୍ଥିତିକୁ ମଜବୁତ କରିଥାନ୍ତା। କିନ୍ତୁ, ଏମଏମଡିଆର ସଂଶୋଧିତ ଆଇନ୍ ଦ୍ୱାରା ଏହି ଆଶା ପାଣିରେ ମିଳାଇ ଯାଇଛି ବୋଲି ସେ କହିଛନ୍ତି।

## ଖୋର୍ଦ୍ଧାର ଦମ୍ପତି ନେପାଳରେ ନିଖୋଜ

ଖୋର୍ଦ୍ଧା, ୨୭।୮(ସମିସ): ନେପାଳର ପ୍ରଳୟଙ୍କରୀ ବନ୍ୟାରେ ସେଠାରେ ନିଖୋଜ ହୋଇଛନ୍ତି ଖୋର୍ଦ୍ଧାର ଏକ ଦମ୍ପତି। ସେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜେମାଦେଇର ସନ୍ଦୀପ ମହାପାତ୍ର ଏବଂ ତାଙ୍କ ପତ୍ନୀ ସିଦ୍ଧାର୍ଥୀ ସାହୁ। ନେପାଳ ଯାତ୍ରା ସମୟରୁ ସେମାନେ ପରିବାର ସହ ଯୋଗାଯୋଗରେ ନଥିବା ତାଙ୍କ ସାନଭାଇ ସ୍ୱରୂପ ମହାପାତ୍ର ସୂଚନା ଦେଇଛନ୍ତି।

ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦୀପ ଓ ସିଦ୍ଧାର୍ଥୀ ଦୀର୍ଘଦିନ ଧରି ଅଷ୍ଟ୍ରେଲିଆର ସିଡ୍‌ନୀ ସହରରେ ରହୁଛନ୍ତି। ୨୦୧୮ ମସିହାରୁ ସେମାନେ ସେଠାରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବା କୁହାଯାଇଛି। ଧାର୍ମିକ ଯାତ୍ରାର ଅଂଶ ଭାବେ ଉଭୟ ଅଗଷ୍ଟ ୨୨ ତାରିଖରେ ନେପାଳରେ ପହଞ୍ଚି ପଶୁପତିନାଥ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ପରିବାର ସହ ଶେଷ ଯୋଗାଯୋଗ ଗତ ୨୫ ତାରିଖରେ ହୋଇଥିଲା। ସେହିଦିନ ସନ୍ଦୀପ ତାଙ୍କ ସାନଭାଇ ସ୍ୱରୂପଙ୍କ ସହ କଥା ହୋଇଥିଲେ। ଏହାପରେ ନେପାଳରେ ଦେଖାଦେଇଥିବା ଅସ୍ଥିର ପରିସ୍ଥିତି ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇ ସ୍ୱରୂପ ଭାଇ ଓ ଭାଉଜଙ୍କ ସହ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କ ସହ ଆଉ ଯୋଗାଯୋଗ ସମ୍ଭବ ହୋଇନଥିବା ସ୍ୱରୂପ କହିଛନ୍ତି। ସ୍ୱରୂପ ମହାପାତ୍ର କହିଛନ୍ତି ଯେ, ଗଣମାଧ୍ୟମରୁ ନେପାଳର ପରିସ୍ଥିତି ସମ୍ପର୍କରେ



ଜାଣିବା ପରେ ସେ ତୁରନ୍ତ ଭାଇଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। ତେବେ ଫୋନ୍‌ରେ ସମ୍ପର୍କ ସ୍ଥାପନ ହୋଇନଥିଲା। ପରିବାର ପକ୍ଷରୁ ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ନେପାଳରେ ଥିବା ଓଡ଼ିଶାର ୬ ଜଣ ଫୁଟବଲ ଖେଳାଳି ସୁରକ୍ଷିତ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସୂଚନା ଦେଇଛନ୍ତି।

## ସିନ୍ଥେଟିକ୍ ପନୀରକୁ ନେଇ ଚିନ୍ତାରେ ଖାଉଟି



ତାଳଚେର,୨୭।୮ (ସମିସ): ବଜାରରେ ଏବେ ସିନ୍ଥେଟିକ୍ ପନିର ଓ ମିଠା ବିକ୍ରି ନେଇ ଚିନ୍ତା ବଢ଼ିଛି। ଅସଲି ପନୀର ଭଳି ଦେଖାଯାଉଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟପାଇଁ କେତେ କ୍ଷତିକାରକ ତାହା କିଏବା କହିବ। କିଛି ଅସାଧୁ ବ୍ୟବସାୟୀ ପନୀରରେ ମଇଦା, ଆରାରୁଟ୍, ଛେନା ଓ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶାଇ ବଜାରକୁ ଛାଡୁଥିବା ଅଭିଯୋଗ ହେଉଛି। ଗତ ବୁଧବାର କଟକ ଲିଙ୍କ ରୋଡ୍‌ରୁ ୭୦କ୍ୱିଣ୍ଟାଲ ଅପମିଶ୍ରିତ ପନୀର ଜବତ ହେବାପରେ ଆହୁରି ମଧ୍ୟ କେତେ ଜାଗାରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଅପମିଶ୍ରିତ ପନୀର ଜବତ ହେବାପରେ ଏବେ ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚା ଚାଲିଛି। କଟକ ଭଳି ତାଳଚେରରେ ମଧ୍ୟ ଏଭଳି ପନୀର ବିକ୍ରି ଚାଲିଛି କି ନାହିଁ ତାହା ଯାଞ୍ଚ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ସୂଚନା ଅନୁଯାୟୀ କ୍ଷୀର ବଦଳରେ ସିନ୍ଥେଟିକ୍ ପନୀର ପ୍ରସ୍ତୁତିରେ ପାମ ଅଏଲ, ମଇଦା ଓ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏହା ଅସଲି ପନୀର ଭଳି ନରମ ଓ ଦେଖିବାକୁ ଆକର୍ଷଣୀୟ ହୋଇଥିବାରୁ ସାଧାରଣ ଗ୍ରାହକ ଅସଲି କିମ୍ବା ନକଲି ଫରକ ଜାଣିବା କଷ୍ଟକର। ଏଭଳି ପନୀର ବ୍ୟବହାର କରି ବଜାରରେ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତ ହେଉଥିବାରୁ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଟକରୁ ପନୀର ଆସି ତାଳଚେର ଅଞ୍ଚଳର ଫାଷ୍ଟଗେଟ୍, ସାଉଥବଲଣ୍ଡା, ବସଷ୍ଟାଣ୍ଡ, ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆଁ ଇତ୍ୟାଦି ସ୍ଥାନରେ ବିକ୍ରି ହେଉଛି। ଏହା ଅସଲି କି ନକଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାହିଁକି ଏଥିପ୍ରତି ଯାଞ୍ଚ କରାଯାଉ ନାହିଁ ତାକୁ ନେଇ ଖାଉଟିଙ୍କ ମନରେ ଚିନ୍ତା ବଢ଼ାଇବାରେ ଲାଗିଛି।

## ବଣ୍ଡଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ



ବଣ୍ଡଁରପାଳ,୨୭।୮ (ସମିସ): ବଣ୍ଡଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଉପସଭାପତି ହେମନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଓ ଶିବ ଚରଣ ସେଠୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ଓ ମୁଖ୍ୟବକ୍ତା ଶ୍ରୀ ନାଥ ରକ୍ଷା ବନ୍ଧନ ଦିବସର ମହତ୍ୱ ବିଷୟରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ଶିଶୁ ଭାଇ ଭଉଣୀ ମାନେ ପରସ୍ପର ମଧ୍ୟରେ ରାଖୀ ବନ୍ଧନ କରିଥିଲେ। ଶେଷରେ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପ୍ରଫେଟ ମହମ୍ମଦଙ୍କ ଜନ୍ମବାର୍ଷିକୀ



ନାଲକୋ ନଗର,୨୭।୮ (ସମିସ): ନାଲକୋ ନଗର ମସଜିଦ "ଅଞ୍ଜୁମାନ୍ ଇ ନାଲକୋ'ଠାରେ ବୁଧବାର ପ୍ରଫେଟ ମହମ୍ମଦଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମରୁଲ ଇସଲାମ୍ କମର ସାଲେପୁର କଟକ ଓ ହାଫିଜ ଆବ୍ରାରାର୍ ଢେଙ୍କାନାଳରୁ ଆସି ପ୍ରୋଫେଟ ମହମ୍ମଦଙ୍କ ଜନ୍ମବାର୍ଷିକୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନାଲ୍‌କୋ ମସଜିଦ "ଅଞ୍ଜୁମାନ୍ ଇ ନାଲକୋ'ର ସଭାପତି ଅବଦୁଲ ମନାନ ଓ ସମ୍ପାଦକ ରସୁଲି ହୋଦାଙ୍କ ତତ୍ତ୍ୱାବଧାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ନାଲ୍‌କୋର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ନାଲକୋ ମସଜିଦର କର୍ମକର୍ତ୍ତା ଏମ. ଡି. ଅକ୍ତର, ଇମତିଆଜ୍ ଅଲି, ମହମ୍ମଦ ଆଫତାବ, ମହମ୍ମଦ ଇରାସଦ, ଏମ୍.ଡି. ମୁକ୍ତାରଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଏମ. ଡି.ଅକ୍ତର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ



ଅନୁଗୋଳ,୨୭।୮ (ସମିସ): ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ କାମାକ୍ଷା ପ୍ରସାଦ ଉଚ୍ଚ ମହାବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରବିନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ରେଙ୍ଗାଳି ଆଶ୍ରମର ସନ୍ଥ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଭାପତି ଡା. ସୁଧାକର ପାଳ, ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ସାହୁ, +୨ ବିଜ୍ଞାନ ଅଧ୍ୟକ୍ଷ ଡ.ସିଦ୍ଧନାଥ ସାହୁ, ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ରାକ୍ଷୀ ବାନ୍ଧିବାସହିତ ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟରେ ମଧ୍ୟ ରାଖୀ ବାନ୍ଧିବା କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ମାତୃଭାରତୀ ମାଆମାନଙ୍କ ଦ୍ୱାରା ଗୋପୂଜନ କାର୍ଯ୍ୟକ୍ରମ ଏବଂ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ବବିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଲକ୍ଷ୍ମୀଧର ବେହେରାଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା'ଙ୍କ ସହଯୋଗରେ ଉତ୍ସବଟି ପରିଚାଳିତ ହୋଇଥିଲା।

### ୨୬ ବର୍ଷ ଧରି ଶଯ୍ୟାଶାୟୀ, ୯୦ ପ୍ରତିଶତ ଦିବ୍ୟାଙ୍ଗ ରୁନୁ

# ଆଧାର ନ ଥିବାରୁ ଅଟକିଛି ସରକାରୀ ସହାୟତା

କଣିହାଁ,୨୭।୮ (ସମିସ):



ଆଧାର ନଥିବାରୁ ଅଟକିଛି ସରକାରୀ ସହାୟତା। ୯୦ ପ୍ରତିଶତ ବିକଳାଙ୍ଗ ପ୍ରମାଣପତ୍ର ଥିଲେ ମଧ୍ୟ ଆଧାର ନଥିବାରୁ ଅନେକ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି କଣିହାଁ ବ୍ଲକ୍ କୁଲେଇ ଗ୍ରାମର ରୁନୁ ସାମଲ। ପିଲାବେଳେ ବ୍ରେନ୍ ମ୍ୟାଲେରିଆରେ ଆକ୍ରାନ୍ତ ହେବା ପରେ ରୁନୁଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଯାଇଛି। ଦୀର୍ଘ ୨୬ ବର୍ଷ ଧରି ସେ ଶଯ୍ୟାଶାୟୀ। ନିଜେ ଉଠିବା, ବସିବା କିମ୍ବା ଖାଇବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଝିଅର ଦେଖାଶୁଣା ପାଇଁ ବାପା ମଧ୍ୟ ବାହାରକୁ ଯାଇ କାମ କରିପାରୁନାହାନ୍ତି। ୯୦ ପ୍ରତିଶତ ବିକଳାଙ୍ଗ ପ୍ରମାଣପତ୍ର ଆଧାରରେ ରୁନୁଙ୍କୁ ପୂର୍ବରୁ ଭତ୍ତା ମିଳୁଥିଲା। ଅନ୍ତ୍ୟୋଦୟ ଯୋଜନାରେ ଘର ମଧ୍ୟ ମଞ୍ଜୁର ହୋଇଛି। ହେଲେ ଏ ସବୁ ସରକାରୀ ସୁବିଧା ପାଇବାରେ ଏବେ ସବୁଠୁ ବଡ଼ ବାଧା ସାଜିଛି ଆଧାର। ରୁନୁଙ୍କ ବାୟୋମେଟ୍ରିକ୍ ଓ ରେଟିନା ଚିହ୍ନଟରେ ସମସ୍ୟା ରହିଥିବାରୁ ତାଙ୍କ ଆଧାର କାର୍ଡ ହୋଇପାରୁନାହିଁ। ଫଳରେ ଡିଜିଟାଲ ଭିନ୍ନକ୍ଷମତା ପ୍ରମାଣପତ୍ର ମଧ୍ୟ ହୋଇପାରିନାହିଁ। ଏଥିଯୋଗୁଁ ଯେଉଁଠି ୩,୫୦୦ ଟଙ୍କା ଭତ୍ତା ମିଳିବା କଥା, ସେଠାରେ ରୁନୁଙ୍କୁ ମିଳୁଛି ମାତ୍ର ୧ ହଜାର ଟଙ୍କା। ସେହିପରି ଅନ୍ତ୍ୟୋଦୟ ଯୋଜନାରେ ମଞ୍ଜୁର ହୋଇଥିବା ଘର ପାଇଁ ଗୋଟିଏ କିସ୍ତି ଟଙ୍କା ମିଳିବା ପରେ ଅବଶିଷ୍ଟ ଟଙ୍କା ମଧ୍ୟ ଅଟକି ରହିଛି। ରୁନୁଙ୍କ ଆଧାର କରାଇବା ପାଇଁ ପରିବାର ପକ୍ଷରୁ ଅନେକ ଥର ଉଦ୍ୟମ କରାଯାଇଛି। ଆଧାର କର୍ମଚାରୀ ଘରକୁ ଆସି ଚେଷ୍ଟା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନଥିଲା। ଏ ନେଇ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଗୁହାରି କରାଯାଇଛି। ତେବେ ରୁନୁଙ୍କ ସମସ୍ୟା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ଆଧାର କରାଇବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନେବ ବୋଲି କହିଛି। ଏବେ ପ୍ରଶ୍ନ ଉଠୁଛି ଆଧାର ଅଭାବରୁ ଦୀର୍ଘଦିନ ଧରି ଅଟକି ରହିଥିବା ରୁନୁଙ୍କ ସରକାରୀ ସହାୟତା କେବେ ମିଳିବ? କେବେ ଶେଷ ହେବ ତାଙ୍କ ପରିବାରର ଦୁଃଖ?

## ଗଙ୍ଗାଧର ମେହେର ଥିଲେ ଋଷି କବି

କିଶୋରନଗର,୨୭।୮ (ସମିସ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୭୫ତମ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲା ସାହିତ୍ୟ ସଂସଦ ଅନୁଗୋଳ ଓ କିଶୋର ସାହିତ୍ୟ ସଂସଦ ତରଫରୁ କିଶୋର ନଗର ସ୍ନାତକ ମହାବିଦ୍ୟାଳୟ ଠାରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା କିଶୋର ସାହିତ୍ୟ ସଂସଦର ସଭାପତି ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ସଂସଦର ଆଭିମୁଖ୍ୟ ପ୍ରଦାନ ପରେ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ତଥା ଅନୁଗୁଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ସରଙ୍କ ପୌରୋହିତ୍ୟରେ ମନୋଜ୍ଞ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଏମ୍‌ସିଏଲ୍ ତାଳଚେରର ମହାପ୍ରବନ୍ଧକ ଦୀନେଶ କୁମାର ମାଳି, ମୁଖ୍ୟ ବକ୍ତା ରୂପେ ଡ. ଦଧିବାମନ ପ୍ରଧାନ ସମ୍ମାନିତ ଅତିଥି ରୂପେ, ରାହାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅତିଥିମାନେ ଗଙ୍ଗାଧର ମେହେରଙ୍କ ଜୀବନ, ସୃଷ୍ଟି ସମ୍ଭାର, ପ୍ରକୃତି ଚିତ୍ରଣ ବର୍ଣ୍ଣନା କରିଥିଲେ। ପ୍ରକୃତରେ ଗଙ୍ଗାଧରଙ୍କ ସାହିତ୍ୟ ପାବନୀ ଗଙ୍ଗା ସଦୃଶ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ଏହି ଅବସରରେ ପ୍ରଥମେ ଛାତ୍ରଛାତ୍ରୀଙ୍କ ମଧ୍ୟରେ



ମେହେରଙ୍କ ଗୀତିକବିତା ଆବୃତ୍ତି କରାଯାଇଥିଲା। ବିଚାରକ ଭାବେ ଅଧ୍ୟାପକ ତରଣୀସେନ ସାହୁ, ରମଣୀ ରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ରଞ୍ଜିତ ସାହୁ, ଚିନ୍ମୟୀ ମହାପାତ୍ର ଯୋଗଦେଇଥିଲେ। ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କବୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କ ପଞ୍ଚମ କବିତା ସଂକଳନ ଅନୁଭବର ସ୍ୱର ଓ ଦେବରାଜ ନାୟକଙ୍କ କଳା ପାଗୋଡ଼ାର ପାଥେର କଥା ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନକୁ ଅଧ୍ୟାପକ କବି କୁଳମଣି ମେହେର ସଂଯୋଜନା କରିଥିଲା ବେଳେ ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବର୍ଷାକୁ ନେଇ କବିତା ଆସର ଶେଷ ଶ୍ରାବଣ ଅନୁଷ୍ଠିତ ହୋଇଥିଲା। ଆକାଶ ସାହୁ ଓ କୁଳମଣି ମେହେରଙ୍କ ସଂଯୋଜନାରେ ଅତିଥି ରୂପେ ଦେବରାଜ ନାୟକ ଓ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇଥିଲେ। ବାସବ ପଲେଇ, ଦେବରାଜ ନାୟକ, ଦୀନେଶ ମାଳି, ଚିନ୍ମୟୀ ମହାପାତ୍ର, ଚିନ୍ମୟୀ ସାହୁ, ରୀତା ପ୍ରଧାନ, ସୁନିତା ପ୍ରଧାନ, ପବିତ୍ର ପ୍ରଧାନ, ନିରଞ୍ଜନ ହୋତା, ଆକାଶ ସାହୁ, ଜୟକୃଷ୍ଣ ପ୍ରଧାନ ଆଦି ସ୍ୱରଚିତ କବିତା ପାଠ କରିଥିଲେ।

## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାଲଲହଡ଼ା,୨୭।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ବନ୍ଧାଭୂଇଁ ପଞ୍ଚାୟତ ଜମରଡିହ ଗାଁ ର ରଞ୍ଜନ ଜୁଲୁଣ୍ଡି (୪୦) ଙ୍କ ମୃତଦେହ ଗୁରୁବାର କେନ୍ଦୁଝର ଜିଲ୍ଲାର ବାଉଁଶପାଳ ବ୍ଲକ ଟଣ ଗାଁ ନିକଟ ନଦୀ ରୁ ଉଦ୍ଧାର କରାଯାଇଛି। ଅପରାହ୍ନ ସମୟରେ ଗ୍ରାମବାସୀ ଏକ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ପାଇ ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ, ପାଲଲହଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟା ସମୟରେ ମୃତଦେହ ଉଦ୍ଧାର କରି ଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣା ର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ ଜମରଡିହ ଗାଁ ର ମଧୁ ଜୁଲୁଣ୍ଡିଙ୍କ ପୁଅ ରଞ୍ଜନ ଜୁଲୁଣ୍ଡି ଗତ ୨୪ ତାରିଖରୁ ନିଖୋଜ ଥିଲେ, ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜାଖୋଜି କରି ଥିଲେ ମଧ୍ୟ ରଞ୍ଜନଙ୍କ ପତ୍ତା ମିଳି ନଥିଲା। ଗୁରୁବାର ଟଣ ଗାଁ'ର ଲୋକଙ୍କ ଠାରୁ ଖବର ପାଇ ପରିବାର ଲୋକେ ଶବ ଚିହ୍ନଟ କରିଥିବା ଜଣାପଡ଼ିଛି। ତେବେ ରଞ୍ଜନଙ୍କର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି ନା ଅନ୍ୟ କିଛି କାରଣ ଅଛି ପୁଲିସ ତଦନ୍ତ ପରେ ଜଣାପଡ଼ିବ।

## ବାଇକ୍ ଦୁର୍ଘଟଣାରେ ୯ମ ଶ୍ରେଣୀ ଛାତ୍ର ମୃତ

କିଶୋରନଗର,୨୭।୮ (ସମିସ): କିଶୋରନଗର ଥାନା ରାଇବାହାଲ ବ୍ରିଜ୍ ବୁଲାଣି ଠାରେ ଏକ ଗଛରେ (ଭାରସାମ୍ୟ ହରାଇ) ପିଟି ହେବା ଫଳରେ ଜଣେ ନବମ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଛି। ଏଥିସହ ଅନ୍ୟଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ କିଶୋରନଗର ଥାନା କରଡ଼ାଦାଦର ଗାଁର ରଣିଆକଟା ହାଇମାସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବବୁଲୁ ନାୟକ(୧୪) ଏକ ବାଇକ୍ ଯୋଗେ ତା'ର ସହଯୋଗୀ ଷଷ୍ଠ ଶ୍ରେଣୀ ଚାତ୍ର ଦୋଳାଚାନ୍ଦ ନାୟକ(୧୧) ସହ କିଶୋରନଗର ଆସୁଥିବା ବେଳେ ରାଇବାହାଲ ବ୍ରିଜ୍ ସାମନାରେ ଏକ ଗଛରେ ଭାରସାମ୍ୟ ହରାଇ ପିଟି ହୋଇଥିଲା। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବବୁଲୁର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଦୋଳାଚାନ୍ଦର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଟାୟାର ଫାଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ୫ରୁ ଅଧିକ ଆହତ

ବଣ୍ଡଁରପାଳ,୨୭।୮ (ସମିସ): ନୂଆହତା ଗ୍ରାମ ପଞ୍ଚାୟତ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଟ୍ରକ୍‌ର ଟାୟାର ଫାଟି ୫ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ କିଛି ଲୋକ ସନ୍ଧ୍ୟା ସମୟରେ ଚା ଦୋକାନରେ ଚା ପିଇବା ପାଇଁ ବସିଥିବା ବେଳେ ଜାତୀୟ ରାଜପଥରେ ଏକ ଟ୍ରକ୍ ଯାଉଥିଲା। ହଠାତ୍ ଏହାର ଟାୟାର ଫାଟିଯିବାରୁ ରାସ୍ତାରେ ପଡ଼ିଥିବା କାରଖାନାର ଆବର୍ଜନା ଓ ଲୁହାପଥର ଭଳି ଛୋଟ ଗେଟି ଲୋକଙ୍କ ଦେହରେ ବାଜିବା ସହ ଗୋଟିଏ କାର୍‌ର କାଚ ଭାଙ୍ଗିଯାଇଥିଲା। ଏଥିସହ କିଛି ଲୋକ ଆହତ ହୋଇଥିବା ଅଭିଯୋଗ ହୋଇଛି। ପରେ ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି। ଅନ୍ୟପକ୍ଷରେ, ଜାତୀୟ ରାଜପଥର ମରାମତି କାର୍ଯ୍ୟରେ ବ୍ୟବହୃତ କାରଖାନା ଆବର୍ଜନା ଓ ଗେଟି ରାସ୍ତା କଡ଼ରେ ପଡ଼ି ରହୁଥିବାରୁ ଯାତାୟାତ ବିପଜ୍ଜନକ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ଉପରେ ସମ୍ପୃକ୍ତ ବିଭାଗ ତୁରନ୍ତ ତଦନ୍ତ କରି ରାସ୍ତାରୁ ଆବର୍ଜନା ହଟାଇବା ସହ ଯାତାୟାତ ବ୍ୟବସ୍ଥାକୁ ସୁରକ୍ଷିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ୪ ଗୋରୁ ମୃତ

ବଇଣ୍ଡା,୨୭।୮ (ସମିସ): ହଣ୍ଡପା ଥାନା କଦଳୀମୁଣ୍ଡା ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ୪ଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ବିଶେଷ କରି କିଛି ଦିନ ହେବ ବଇଣ୍ଡା ଅଞ୍ଚଳରେ ଅବାଧ ଗୋରୁକୁ ବୁଲା ଭାବରେ ଛାଡ଼ି ଦେଇଥିବା ଯୋଗୁଁ ରାତ୍ରି ସମୟରେ ଅନେକ ଗୋରୁ ରାସ୍ତାରେ ଶୋଇବା ସହ ବୁଲୁଥିବା ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ୪ଟି ଗୋରୁ ମୃତ୍ୟୁ ବରଣ କରିଛନ୍ତି। ଉକ୍ତ ଗୋରୁଗୁଡ଼ିକ ରାସ୍ତା ମଝିରେ ପଡ଼ିଥିବା ବେଳେ ଗୋରୁର ମାଲିକମାନେ ଦେଖା ନ ଦେବାରୁ ଶେଷରେ 'ସେବା ପାଇଁ ଜନ୍ମ' ଅନୁଷ୍ଠାନ ପକ୍ଷରୁ ଏହି ଗୋରୁଗୁଡ଼ିକୁ ଜେସିବି ମେସିନ ସାହାଯ୍ୟରେ ନେଇ ବଡ଼ ବଡ଼ ଗର୍ତ୍ତ କରିବା ସହ ପୂଜା ପାଠ କରି ପୋତି ଦେଇଥିଲେ। ଏଥିରେ ଅନୁଷ୍ଠାନର ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ସାହୁ, ସିଦ୍ଧେଶ୍ୱର ରଥ, ଶିବୁ ମହାପାତ୍ର, ମିଥୁନ ଦାସ, ଯଜ୍ଞେଶ୍ୱର ପ୍ରଧାନଙ୍କ ସମେତ ସଦସ୍ୟମାନେ ସାମିଲ ହୋଇ ଥିଲେ।



## ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ବଇଣ୍ଡା,୨୭।୮ (ସମିସ): ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲୁହାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ପରିଚାଳନା ସମିତିର ସଭାପତି ଶରତ ଚନ୍ଦ୍ର ସାହୁ, ସମ୍ପାଦକ ନିତ୍ୟାନନ୍ଦ ବାରିକ ଉପସ୍ଥିତ ରହି ରକ୍ଷାବନ୍ଧନ ଉତ୍ସବ ପାଳନର ଐତିହାସିକ, ପୌରାଣିକ, ସାମାଜିକ ଓ ବୈଜ୍ଞାନିକ କାରଣ ବିଷୟରେ ଶିଶୁଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋପୂଜନ କରି ଗୋମାତାଙ୍କୁ ରକ୍ଷା ସୂତ୍ର ବାନ୍ଧିବା ସହିତ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷକୁ ମଧ୍ୟ ରକ୍ଷା ସୂତ୍ର ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ରତ୍ନମଞ୍ଜରୀ ସାହୁ, ରମାକାନ୍ତ ସାହୁ, ବୁଲୁ ପ୍ରସାଦ ସାହୁ, ରଶ୍ମିତା ମହାନ୍ତି, ପ୍ରମୋଦିନୀ ପ୍ରଧାନ, ଇତିଶ୍ରୀ ସାହୁ, ଲିପିକା ସାହୁ, ସୁମତିରାଣୀ ପ୍ରଧାନ, ସୋମାଲିନ ସାହୁ ଓ ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଆଚାର୍ଯ୍ୟ, ଆଚାର୍ଯ୍ୟା ସହଯୋଗ କରିଥିଲେ।



## ପ୍ରଶାସନ ରୋକିଲା ବାଲ୍ୟ ବିବାହ

ତାଳଚେର,୨୭।୮ (ସମିସ): ତାଳଚେର ବ୍ଲକ୍ କୋଲିୟରୀ ଥାନା ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମ ବରସାହିର ବିଟି ସାହୁଙ୍କ ଝିଅ ସନ୍ତୋଷୀ ସାହୁଙ୍କର ବାଲ୍ୟ ବିବାହ ହେଉଥିବା ବେଳେ ଭାରପ୍ରାପ୍ତ ସିଡିପିଓ ଜୟନ୍ତୀ ସାମଲ ଏହି ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ଝିଅ ବୟସ ୧୮ବର୍ଷରୁ କମ୍ ହୋଇଥିବାରୁ ବାହାଘରକୁ ସ୍ଥଗିତ ରଖିବାକୁ ଉଭୟ ପରିବାରଙ୍କୁ ବୁଝାସୁଝା କରିଥିଲେ। ମଣ୍ଡଳ ପରିଦର୍ଶିତା ସବିତା ପ୍ରଧାନ, କୋଲିୟରୀ ଥାନା ଏସ୍ଆଇ ସଞ୍ଜୀବ ଜାଲ, ସରପଞ୍ଚ ସସ୍ମିତା ବିଶ୍ୱାଳ, ଅଙ୍ଗନବାଡ଼ି କର୍ମୀ ସୁସ୍ମିତା ସାହୁ, ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, କଳ୍ପନା ଭଞ୍ଜ, ୱାର୍ଡମେମ୍ବର ଶୈଳେନ୍ଦ୍ରୀ ସାହୁଙ୍କ ଉପସ୍ଥିତିରେ ଏହି ବାଲ୍ୟ ବିବାହକୁ ବୁଝାସୁଝା କରି ବନ୍ଦ କରିବା ସହ ଉଭୟ ପରିବାର ପକ୍ଷରୁ ସମସ୍ତଙ୍କ ଉପସ୍ଥିତିରେ ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିଭାଘର ହେବ ନାହିଁ ବୋଲି ସହମତି ପ୍ରକାଶ ପାଇବାପରେ ବାହାଘର ବନ୍ଦ କରାଯାଇଥିଲା ବୋଲି ସରପଞ୍ଚ ସସ୍ମିତା ବିଶ୍ୱାଳ ପ୍ରକାଶ କରିଛନ୍ତି।



# ନଗର କଂଗ୍ରେସର ଦାବି- 'ସ୍ମାର୍ଟ ସିଟି ଆମର ହକ୍'

ଅନୁଗୋଳ,୨୭।୮ (ସମିସ):

ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଗୋଳ ନଗର କଂଗ୍ରେସ କମିଟି ପକ୍ଷରୁ ନଗର ସଭାପତି ରଶ୍ମୀରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ଯୋଗଦେଇ ଅନୁଗୋଳ ସହରକୁ ସ୍ମାର୍ଟ ସିଟି କରିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଉ ନାହିଁ। ସହରର ଆଖପାଖରେ କୋଇଲା ଖଣି ଓ ବିଭିନ୍ନ ଶିଳ୍ପ ସଂସ୍ଥା ଥିବାରୁ ବାୟୁ ପ୍ରଦୂଷଣ ପ୍ରବଳ ମାତ୍ରାରେ ହେଉଛି। ଟ୍ରାଫିକ ସମସ୍ୟା ପ୍ରତିରୋଧ ପାଇଁ ସେଭଳି କୌଣସି ଫଳପ୍ରଦ ବ୍ୟବସ୍ଥା ହେଉନାହିଁ। ସ୍ଥାନୀୟ ପୁଲିସ କେବଳ ମହାସୁଲ ଆଦାୟ କରି ସରକାରଙ୍କ ରାଜସ୍ୱ ବୃଦ୍ଧି ନିମନ୍ତେ କାର୍ଯ୍ୟ କରୁଛନ୍ତି। ସହରର ରାସ୍ତା, ଡ୍ରେନ, ଜଳାଶୟ ସଫା ନହେବା ସହିତ ମଶା ତେଲ, ବ୍ଲିଚିଂ ଆଦୌ ପଡୁ ନାହିଁ।

ସେହିପରି ଅମୃତ ୨.୦ରେ ସହରର ଜଳାଶୟ, ପାଣିମାହାରା, ନାଳ ଆଦି ପୁନରୁଦ୍ଧାର, ଭୂତଳ ଜଳ ସଂରକ୍ଷଣ, ଜୈବବିବିଧତା ସୁରକ୍ଷା, ଜଳାଶୟର ସୌନ୍ଦର୍ଯ୍ୟକରଣରେ ଅମୃତ ମିତ୍ର ନିଯୁକ୍ତି ଆଦୌ ହେଉନାହିଁ।




ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ଏ ଡବଲ ଇଞ୍ଜିନ ବିଜେପି ସରକାର ସଂପୂର୍ଣ୍ଣ ବିଫଳ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମଡେଲ ଭେଣ୍ଡି ଜୋନ୍, ଉନ୍ନତ ରାସ୍ତା, କଲ୍ୟାଣ ମଣ୍ଡପ, ବନୀକରଣ, କ୍ଷୁଦ୍ର ବ୍ୟବସାୟୀଙ୍କୁ ପିଏମ୍ ସ୍ୱାଧୀନରେ ଆତ୍ମନିର୍ଭର କରିବା, ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବା ଓ ସହରର କିଛି ମୁଖ୍ୟ ଜାଗା ଛାଡ଼ିଦେଲେ ସହରର ୱାର୍ଡ, ସାହି ଓ ଗଳିରେ ଆଲୋକୀକରଣ, ରାସ୍ତା, ଡ୍ରେନ୍‌ର ନବୀକରଣ କରିବାରେ ପୌରପାଳିକା ବିଫଳ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଦେବା, ଭୂମିହୀନଙ୍କୁ ଅର୍ବାନ ବନ୍ଧୁ ୨.୦ ରେ ଭୂମି ସହିତ ଘର ଦେବା ଏବଂ ସଫେଇ କର୍ମଚାରୀଙ୍କ ପାଇଁ ଆଣିଥିବା ଗରିମା ଯୋଜନା ଦ୍ୱାରା ଭୂମି ସହ ଘର ଯୋଗାଇବାରେ ସରକାର ବିଫଳ ବୋଲି ଦଳ ଅଭିଯୋଗ କରିଛି। ଏଥିସହ ସହରରେ ଥିବା ସହରାଞ୍ଚଳ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ଆଦୌ ଉପସ୍ଥିତ ରହୁନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମସ୍ତ ଜିଲ୍ଲାବାସୀ ନିର୍ଭର କରୁଥିବା ବେଳେ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ଉକ୍ତ ଡାକ୍ତରଖାନା ଚାଲୁଛି। ସହରରେ ଥିବା ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆବଶ୍ୟକ ମତେ ନାହାନ୍ତି। ଅଙ୍ଗନାବାଡ଼ି କେନ୍ଦ୍ର ଆବଶ୍ୟକ ମତେ ନାହିଁ। କ୍ରୀଡ଼ାର ଭିତ୍ତିଭୂମିରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ। ଅନେକ ଦିନ ଧରି ରହିଥିବା ବଡ଼ ସମସ୍ୟା ହେଉଛି, ଉଭୟ ଗୋମାତା ଓ ମଣିଷର ସୁରକ୍ଷା। ଅନୁଗୋଳ ପୌରାଞ୍ଚଳରେ ଦୀର୍ଘଦିନ ଧରି ଦାବି ହୋଇ ଅସୁଥିଲେ ମଧ୍ୟ ଅନୁଗୋଳ ପୌରପାଳିକା ଏକ ଗୋଶଳା କିମ୍ବା କାଞ୍ଜିଆହୁଦା ନିର୍ମାଣ କରିପାରିଲା ନାହିଁ। ସେହିପରି କୁକୁର କାମୁଡ଼ା ରୋକିବା ପାଇଁ ଅନୁଗୋଳ ପୌରପାଳିକା ତରଫରୁ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ କିମ୍ବା ବନ୍ଧ୍ୟାକରଣ କରାଯାଉ ନାହିଁ। ଧାର୍ମିକ ଅନୁଷ୍ଠାନରେ ପାତରଅନ୍ତର ନ କରି ସହରରେ ଥିବା ପ୍ରତି ଧାର୍ମିକ ଅନୁଷ୍ଠାନକୁ ସରକାରଙ୍କ ତରଫରୁ ଦଶହରା ମଣ୍ଡପ, ଲକ୍ଷ୍ମୀପୂଜା ମଣ୍ଡପ, ଗଣେଶ ପୂଜା ମଣ୍ଡପ ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳଗୁଡିକୁ ସହାୟତା ରାଶି ଦେବା ସହିତ ମଣ୍ଡପର ଉନ୍ନତି ନିମନ୍ତେ କାର୍ଯ୍ୟପନ୍ଥା ହାତକୁ ନିଆଯିବାକୁ ନଗର ସଭାପତି ଦାବି କରିଥିଲେ। ଉପରୋକ୍ତ ଦାବିଗୁଡ଼ିକ ଉପରେ ସରକାର ଓ ଅନୁଗୋଳ ପୌରପାଳିକା ଧ୍ୟାନ ଦେଇ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଅନୁଗୋଳ ନଗର କଂଗ୍ରେସ ଅଭିନବ ଉପାୟରେ ସଂଗ୍ରାମ କରିବ। ସଂଗ୍ରାମ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଦାୟୀ ରହିବେ ବୋଲି ନଗର ସଭାପତି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ନଗର ଉପ ସଭାପତି ସୁଶୀଲ ମିଶ୍ର, ସମ୍ପାଦକ ପ୍ରତାପ ସେଠୀ ଉପସ୍ଥିତ ଥିଲେ।

### • ଜିଲ୍ଲା ଠିକାଦାର ସଂଘର ୮ ଦଫା ଦାବି

## ଟେଣ୍ଡର ପ୍ରକ୍ରିୟାରେ ଭାଗ ନ ନେବାକୁ ଚେତାବନୀ



ଅନୁଗୋଳ,୨୭।୮ (ସମିସ): ଅନୁଗୋଳ ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଠିକାଦାରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦୀର୍ଘଦିନ ହେବ ସେମାନଙ୍କ ସମସ୍ୟା ସମାଧାନ ପାଇଁ ୮ ଦଫା ଦାବିରେ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ବି ତାହାର ସମାଧାନ ହେଉନାହିଁ। ମଧ୍ୟବର୍ତ୍ତୀକାଳୀନ ପାଇଁ ଠିକାଦାର ବେନିଫିଟ ନିର୍ଦ୍ଦିଷ୍ଟ ପ୍ରତିଶତ ନିର୍ଦ୍ଧାରଣରେ ଚାଲୁଥିଲା। ଅଚାନକ ଭାବେ ଚଳିତ ମାସ ସେଥିରେ ହୋଇଥିବା ପରିବର୍ତ୍ତନକୁ ଅନୁଗୋଳ ଜିଲ୍ଲା ଠିକାଦାର ସଂଘ ବିରୋଧ କରିଛନ୍ତି। ଏହି ନୂତନ ଟେଣ୍ଡର ପ୍ରକ୍ରିୟା ଲାଗୁହେଲେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେବ ବୋଲି ଉଲ୍ଲେଖ କରିଛନ୍ତି। ଖଣି ଖାଦାନ ଯୋଗୁଁ ପ୍ରଦୂଷଣରେ ପୀଡ଼ିତ ଅନୁଗୋଳ ଜିଲ୍ଲାର ଠିକାଦାର ମାନଙ୍କୁ ଜିଲ୍ଲାର ଗ୍ଲୋବାଲ ଟେଣ୍ଡରିଂରେ ଅଗ୍ରାଧିକାର ଦେବାକୁ ଦାବି କରିଥିଲେ। ୧୦କୋଟି ବ୍ୟୟ ଟେଣ୍ଡର ପ୍ରକ୍ରିୟାରେ ବାହ୍ୟ ଜିଲ୍ଲାର ଠିକାଦାରଙ୍କୁ ଅଂଶଗ୍ରହଣ ନ କରିବାକୁ ଜିଲ୍ଲା ସଂଘ ଅପିଲ କରିଥିଲ। ଚଳିତ ମାସ ୨୫ତାରିଖ ଠାରୁ ଜିଲ୍ଲାରେ କୌଣସି ଟେଣ୍ଡର ପ୍ରକ୍ରିୟାରେ ସଂଘର କୌଣସି ସଦସ୍ୟ ଭାଗ ନେବେ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଅନୁଷ୍ଠିତ ଏହି ସାମ୍ବାଦିକ ସମିଳନୀରେ ସଂଘ ସଭାପତି ସୁନୀଲ କୁମାର ପ୍ରଧାନ, ସମ୍ପାଦକ ସୁବୋଧ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଦ୍ୟପ ଯୁବକ ପାଇଁ ଅଧଘଣ୍ଟା ଅଟକିଲା ଲକ୍ଷ୍ମୀବସ

**ପଞ୍ଚୁପାଣ୍ଡବ,୨୭।୮ (ସମିସ):** ଡେରାବିଶ ବ୍ଲକରୁ ଛୋଟି ବଜାରକୁ ଯାତାୟାତ କରୁଥିବା ଲକ୍ଷ୍ମୀ ବସ୍ ଭିତରେ ଜଣେ ଯୁବକ ପଶି ବସ୍‌କୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଅଟକାଇ ରଖିଥିବା ଅଭିଯୋଗ ହେଉଛି। ବୁଧବାର ଦିନ ବ୍ଲକରୁ ତୃତୀୟ ଥର ପାଇଁ ବାହାରି ନୀଳକଣ୍ଠପୁରର ଛନ୍ଦା ଛକ ନିକଟରେ ଆସୁଥିବା ସମୟରେ ଜଣେ ଯୁବକ ହଠାତ୍ ବସ୍ ଚାଳକକୁ ଗାଡ଼ି ଅଟକାଇବା ପାଇଁ କହିଥିଲା। ବସ୍ ରହିବା ପରେ ଯୁବକ ଜଣକ ବସ୍ ଭିତରେ ପଶି ଚାଳକକୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଭିତରେ ବିଭିନ୍ନ ପ୍ରକାରର ରୋଲ କରିଥିବା ଭିଡିଓ ମାଧ୍ୟମରେ ଦେଖିବାକୁ ମିଳିଛି। ଏହାକୁ ଦେଖି ବସ୍ ଭିତରେ ଥିବା କଲେଜ ଛାତ୍ରଛାତ୍ରୀ ଓ ଅନ୍ୟ ପ୍ରାୟ ୩୦ ଜଣ ଯାତ୍ରୀ ଭୟଭୀତ ହୋଇଥିଲେ। ଏହାକୁ କେତେକ ଛାତ୍ର ଭିଡିଓ ରେକଡ୍ କରିଥିଲେ। ଚାଳକ ସଙ୍ଗେସଙ୍ଗେ ୧୧୨ ନମ୍ବରରେ ପୁଲିସକୁ ଫୋନ କରିଥିଲେ ସୁଦ୍ଧା କେହି ଆସି ନ ଥିଲେ। ପ୍ରାୟ ଅଧ ଘଣ୍ଟା ପରେ ଆଉଜଣେ ଯୁବକ ବସ୍ ଭିତରେ ଯାତ୍ରୀଙ୍କୁ କ୍ଷମା ମାଗିବା ସହ ମଦ ପିଇ କାଣ୍ଡ ଭିଆଇଥିବା ଯୁବକକୁ ନେଇଥିଲେ। ଏ ବିଷୟରେ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଯାତ୍ରୀ ଆତଙ୍କିତ ହୋଇଥିବା ଅଭିଯୋଗ ହୋଇଛି।

### ତୁଳସୀକ୍ଷେତ୍ରରେ ଭକ୍ତିମୟ ପରିବେଶ

## ଲକ୍ଷେ ତୁଳସୀରେ ସଜେଇ ହେଲେ ସିଦ୍ଧ ବଳଦେବଜୀଉ

**କେନ୍ଦ୍ରାପଡ଼ା,୨୭।୮ (ସମିସ)**



କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ସିଦ୍ଧ ବଳଦେବଜୀଉଙ୍କ ପୀଠ ତୁଳସୀକ୍ଷେତ୍ରରେ ବଳଭଦ୍ର ଜନ୍ମ ଉତ୍ସବ ଓ ରକ୍ଷାବନ୍ଧନ ପର୍ବ ଆଜି ଭକ୍ତି ଓ ଆନନ୍ଦମୟ ପରିବେଶରେ ମହାଆଡ଼ମ୍ବରରେ ପାଳିତ ହୋଇଛି। ପ୍ରଭୁଙ୍କ ଦର୍ଶନ ପାଇଁ ଦିନତମାମ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ସମଗ୍ର ତୁଳସୀକ୍ଷେତ୍ର ଭକ୍ତିମୟ ହୋଇଉଠିଥିଲା। ପ୍ରତ୍ୟୁଷରୁ ମନ୍ଦିର ଦ୍ୱାର ଖୋଲିବା ପରେ ଜୟ ମଙ୍ଗଳା ଆଳତି, ସ୍ନାନବଲ୍ଲଭ ଓ ସକାଳ ଧୂପ ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀଜୀଉଙ୍କ ରାଜାବେଶ ଅନୁଷ୍ଠିତ ହୋଇଥିଲା। ଜନ୍ମ ଅଭିଷେକ ପରେ ଭୋଗମଣ୍ଡପରେ ମଙ୍ଗଳାର୍ପଣ ସହ ଖିରି, ପିଠା ଓ ଅନ୍ୟାନ୍ୟ ଭୋଗ ଲାଗି କରାଯାଇଥିଲା। ପରେ ଗହ୍ମା ଅଭିଷେକ ଓ ଖିରି-ପେଡ଼ା ଭୋଗ ଅନୁଷ୍ଠିତ ହୋଇଥିଲା। ପର୍ବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଲକ୍ଷେ ତୁଳସୀ ସମର୍ପଣ। ଭକ୍ତିପୂର୍ଣ୍ଣ ପରିବେଶରେ ଲକ୍ଷେ ତୁଳସୀ ଶ୍ରୀଜୀଉଙ୍କ ଚରଣରେ ସମର୍ପିତ କରାଯାଇଥିଲା। ଏଥିସହ ପୁରୀରୁ ଦେବୀ ସୁଭଦ୍ରା ପଠାଇଥିବା ରାକ୍ଷୀ ସିଦ୍ଧ ବଳଦେବଜୀଉ ଓ ସାନୁଜ ଜଗନ୍ନାଥଙ୍କ ହସ୍ତରେ ଲାଗି କରାଯାଇଥିଲା। ବାଇଶି ପାହାଚ ତଳେ ବିଶ୍ୱକଲ୍ୟାଣ ଓ ବିଶ୍ୱଶାନ୍ତି କାମନାରେ ରାଜପୁରୋହିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା। ଭକ୍ତଙ୍କ ପାଇଁ କ୍ଷୀରି ଓ ପିଠା ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସଦସ୍ୟ ଧୀରେନ୍ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ହୃଷିକେଶ ରଥ ପ୍ରମୁଖ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଧ୍ୟରାତ୍ରିରେ ଯଜ୍ଞର ପୂର୍ଣ୍ଣାହୁତି, ରାତ୍ରଧୂପ, ବଡ଼ସିଂହାର ବେଶ ଓ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ରାତି ପ୍ରାୟ ୨ଟା ସମୟରେ ପ୍ରଭୁଙ୍କ ପହୁଡ଼ ପଡ଼ିଥିବା ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ସୂଚନା ଦେଇଛନ୍ତି। ରଥଦାଣ୍ଡରେ ଭଜନର ଆସର ବଳଦେବଜୀଉଙ୍କ ଜନ୍ମ ଉତ୍ସବ ଅବସରରେ ରଥଦାଣ୍ଡରେ ଆୟୋଜିତ ଭଜନ ସମାରୋହ ମଧ୍ୟ ଭକ୍ତଙ୍କ ମନ ମୋହିଥିଲା। ଶ୍ରୀଶ୍ରୀ ବଳଦେବଜୀଉ ଜନ୍ମ ଉତ୍ସବ ଭଜନ ସମାରୋହ ପରିଷଦ ପକ୍ଷରୁ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟାରେ ଓଡ଼ିଶାର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନେତୃତ୍ୱରେ ସୁପ୍ରସିଦ୍ଧ ଗାୟକ ଓ ଗାୟିକା ଯୋଗଦେଇ ଭଜନ ପରିବେଷଣ କରିଥିଲେ। ପରିଷଦର ସଭାପତି ନୃସିଂହ ପ୍ରସାଦ ପତ୍ରୀ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ଜ୍ୟୋତିରଞ୍ଜନ ପତ୍ରୀ, ଅମିତାଭ ସୁଆର, ରାଜେନ୍ଦ୍ର ପ୍ରସାଦ ପତି, ସଞ୍ଜୟ ସେନାପତି, କୁନା, ସିଲୁ ମେକାପ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଭଜନ ସମାରୋହର ପରିଚାଳନା ଓ ସଫଳ ଆୟୋଜନରେ ସହଯୋଗ କରିଥିଲେ।

### ବନ୍ୟାରେ ଶ୍ରୀରାମପୁର ପଞ୍ଚାୟତ କ୍ଷତିଗ୍ରସ୍ତ

## ସ୍ଥିତି ପରଖିଲେ ଓ ରିଲିଫ୍ ବାଣ୍ଟିଲେ ବିଧାୟକ



**ପଟ୍ଟାମୁଣ୍ଡାଇ,୨୭।୮ (ସମିସ):** ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଦୀର୍ଘ ୧୫ ଦିନ ହେବ ଜଳବନ୍ଦୀ ହୋଇରହିଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଶ୍ରୀରାମପୁର ପଞ୍ଚାୟତ ସ୍ଥିତି ଅଧିକ ସଂଗୀନ ହୋଇଛି। ବ୍ୟାପକ ଫସଲହାନି ଘଟିଛି ଓ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବନ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗିଥିବାରୁ ବାସହରା ହୋଇ ବିଭିନ୍ନ ସ୍ଥାନରେ ମୁଣ୍ଡ ଗୁଞ୍ଜିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଶ୍ରୀରାମପୁର ପଞ୍ଚାୟତ ଯାଇ ସ୍ଥିତି ପରଖିଛନ୍ତି। ବିଧାୟକ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସହିତ ଏହି ପଞ୍ଚାୟତକୁ ଯାଇ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନ କରିଥିଲେ। ଶ୍ରୀରାମପୁର ପଞ୍ଚାୟତର ସମସ୍ତ ବନ୍ୟା ବିପନ୍ନଙ୍କୁ ୧୫ ଦିନ ରନ୍ଧାଖାଦ୍ୟ, ପାଲ, ପର୍ଯ୍ୟାପ୍ତ ଗୋଖାଦ୍ୟ ପାନୀୟ ଜଳ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ବରିଷ୍ଠ ନେତା କ୍ଷୀରୋଦ ସାମନ୍ତରାୟ ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ସରପଞ୍ଚ ସସ୍ମିତା ସେଠୀ, ଯୁବନେତା ପ୍ରତାପ ସେଠୀ, ଶିକ୍ଷାବିତ ନଟବର ସେଠୀ ଦଳିତ ନେତା ପ୍ରେମାନନ୍ଦ ସେଠୀ ପ୍ରମୁଖ ବିପନ୍ନଙ୍କ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

## ବାଛରା ପଞ୍ଚାୟତ ବିପନ୍ନଙ୍କୁ ସରୋଜିନୀ ସାମଲ ସ୍ମୃତି ସଂସଦର ସହାୟତା



**ପଟ୍ଟାମୁଣ୍ଡାଇ, ୨୭।୮ (ସମିସ):** ଚଳିତ ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଦୀର୍ଘ ୧ ମାସ ଧରି ବନ୍ୟା ଘେରରେ ରହିଛି। କଷଣଅଣ୍ଟା ହାଇସ୍କୁଲଠାରୁ ସଂଯୋଗକାରୀ ରାସ୍ତାର ଉଚ୍ଚତା ମାତ୍ର ୩ ଫୁଟ। ଫଳରେ ସାମାନ୍ୟ ବନ୍ୟାରେ ରାସ୍ତା ବୁଡିବା ସହିତ ଲୋକେ ଗୃହବନ୍ଦୀ ହୋଇପଡୁଛନ୍ତି। ଏଭଳି ଦୁଃସମୟରେ ସରୋଜିନୀ ସାମଲ ସ୍ମୃତି ସଂସଦ ସହାୟତାର ହାତ ବଢ଼ାଇଛି। ମୁଖ୍ୟ ଉପଦେଷ୍ଟା ସମାଜସେବୀ ବରାହ ଚରଣ ସାମଲ, ସମ୍ପାଦକ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ, ସୁବ୍ରତ ସାମଲ, ସତ୍ୟବ୍ରତ ସାମଲ, ସଂଯୋଜକ ଯୁବ ସମାଜସେବୀ ସଂଗ୍ରାମ ସାମଲ, ମଦନ ସାମଲଙ୍କ ତତ୍ତ୍ୱବଧାନରେ ବନ୍ୟା ବିପନ୍ନ ପରିବାରକୁ ଅଟା, ଚୁଡା, ଚିନି, ସୁଜି, ବିସ୍କୁଟ, ଅମୁଲ, ଚା ପତି, ପିଇବା ପାଣି, ମହମବତି ଆଦି ବଣ୍ଟନ କରାଯାଇଛି।

## ବନ୍ୟାଞ୍ଚଳରେ ସୁଜାତାଙ୍କ ରିଲିଫ୍ ବଣ୍ଟନ



**ପଟ୍ଟାମୁଣ୍ଡାଇ,୨୭।୮ (ସମିସ):** ବନ୍ୟାଞ୍ଚଳରେ ରନ୍ଧନ ଖାଦ୍ୟ ଓ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ବରିଷ୍ଠ ବିଜେପି ନାରୀନେତ୍ରୀ ସୁଜାତା ବାରିକ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨ ନମ୍ବର ୱାର୍ଡ ଷଣ୍ଢପଲ୍ଲୀ,୧୫ ନମ୍ବର ୱାର୍ଡ ଅଳଭା, ୪ ନମ୍ବର ୱାର୍ଡ ନନ୍ଦିନିନଗର, ୮ ନମ୍ବର ୱାର୍ଡ ବାଲିପଡା ଆଦି ଗ୍ରାମରେ ସୁଜାତା ଘର ଘର ବୁଲି ଶୁଖିଲା ଖାଦ୍ୟ ସହିତ ଜରୁରୀ ସାମଗ୍ରୀ ବଣ୍ଟନ କରିଛନ୍ତି। ବନ୍ୟା ଦୁର୍ଗତଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୁଜାତା ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟରେ ବିଜେପି ଯୁବ ନେତା ସନ୍ତୋଷ ସ୍ୱାଇଁ, ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ, ଶୈଳେନ୍ଦ୍ର ପାତ୍ର, ସୁଶାନ୍ତ ଦାସ, ପକ୍ଷରେଶ୍ୱର ପାତ୍ର, ହୃଷିକେଶ ମଲିକ, ରାଜେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଚିତ୍ରୋତ୍ପଳା ନଦୀରେ ବୁଡ଼ିଯାଉଥିବା ଯୁବକ ଉଦ୍ଧାର

**ଗରଦପୁର,୨୭।୮ (ସମିସ):** ଜଣେ ଯୁବକ ଚିତ୍ରୋତ୍ପଳା ନଦୀର ଅର୍ଜୁନପୁର ଗାଁ ନିକଟରେ ବନ୍ୟାଜଳରେ ଭାସି ଯାଉଥିବାବେଳେ କୋରୁଆ ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରିଛନ୍ତି । ଉଦ୍ଧାର ଯୁବକ ଜଚ ତଳକୁସୁମା ପଞ୍ଚାୟତର (ପଟଣା) ଗ୍ରାମର କାହ୍ନୁଚରଣ ନାୟକଙ୍କ ପୁଅ ଉମାକାନ୍ତ ନାୟକ (୨୩) ଆଜି ସନ୍ଧ୍ୟା ସମୟରେ ଅର୍ଜୁନପୁର ଗାଁ ନିକଟରେ ବନ୍ୟାଜଳରେ ଭାସିଯାଉଥିବା ସ୍ଥାନୀୟ ଲୋକ ଦେଖି କୋରୁଆ ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉମାକାନ୍ତଙ୍କୁ ଉଦ୍ଧାର କରି ପାଟକୁରା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

## ବନ୍ଧୁକ ଦେଖାଇ ହୋଟେଲରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା

**ଡେରାବିଶ, ୨୭।୮ (ସମିସ):** ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ମୁଣ୍ଡାଳୋ ଗ୍ରାମର ଏକ ହୋଟେଲରେ ଆଜି ମଧ୍ୟାହ୍ନରେ କିଛି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉନ୍ମତ କାଣ୍ଡ ଘଟାଇବା ସହ ହୋଟେଲ ଭଙ୍ଗାରୁଜା, ଖାଦ୍ୟ ନଷ୍ଟ, କର୍ମଚାରୀଙ୍କୁ ମାଡ଼ ଓ ହୋଟେଲରୁ ନଗଦ ଅର୍ଥ ଲୁଟିନେଇଥିବା ନେଇ ମାଲିକ ସଦର ଥାନାରେ ଅଭିଯୋଗ କରିଛନ୍ତି। ମୁଣ୍ଡାଳୋ ଗ୍ରାମର ସୁଶୀଲ ରଣାଙ୍କ ଅଭିଯୋଗ ଅନୁଯାୟୀ ମୁଣ୍ଡାଳୋ ଛକରେ ଥିବା ତାଙ୍କ ହୋଟେଲରେ ପଡ଼ୋଶୀ ଗ୍ରାମର ଜଣେ ଅସାମାଜିକ ଯୁବକ ବିଳମ୍ବିତ ରାତିରେ ପହଞ୍ଚି ଖାଇବା ପାଇଁ ମାଗିଥିଲେ। ଖାଦ୍ୟ ସରିଯାଇଥିବା କାରଣରୁ ମାଲି ଶ୍ରୀ ରଣା ତାଙ୍କୁ ଖାଦ୍ୟ ଦେଇପାରିନଥିଲେ। ତେଣୁ ଯୁବକ ଜଣକ ଗାଳିଗୁଲଜ କରିବା ସହିତ ବନ୍ଧୁକ ଦେଖାଇ ସୁଶୀଲଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେଲେ ଗୁଳି ମାରିଦେବେ ବୋଲି ଧମକ ଦେଇଥିଲେ। ଆଜି ମଧ୍ୟାହ୍ନରେ ଉକ୍ତ ଯୁବକ ଜଣକ ଏକ କାର୍‌ରେ ୪ ଜଣ ସାଥୀଙ୍କୁ ଧରି ହୋଟେଲରେ ପହଞ୍ଚି ୧୨୦ଟି ମିଲ୍ ଫୋପାଡ଼ି ଦେବା ସହିତ ଫ୍ରିଜକୁ ଭାଙ୍ଗିବା ଓ ବାକ୍ସରେ ଥିବା ନଗଦ ୪୭୫୦୦ ଟଙ୍କା ଲୁଟି ନେଇଥିଲେ ବୋଲି ସୁଶୀଲ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଡେରାବିଶ, ୨୭।୮ (ସମିସ):** ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ଗ୍ରାମର ବିଶ୍ୱନାଥ ସେଠୀ (୬୧)ଙ୍କ ଆଜି କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। ବିଶ୍ୱନାଥ ସକାଳୁ ବିଲକୁ କାମ କରିବାକୁ ଯାଇ ଫେରି ମଧ୍ୟାହ୍ନରେ କେନ୍ଦ୍ରାପଡ଼ା କେନାଲର ୯ନଂ ଶାଖା ନାଳରେ ଗାଧୋଉଥିବା ସମୟରେ ନାଳର ସ୍ରୋତରେ ସେ ବୁଡ଼ିଯାଇଥିଲେ। ତାଙ୍କ ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ନାଳରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ବିଶ୍ୱନାଥଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରତାପ ମୁଖାଗ୍ନି ଦେଇଥିଲେ।

## ପାରେଶ୍ୱରଙ୍କ ଗଳିତ ମୃତଦେହ ଉଦ୍ଧାର

**ରାଜକନିକା,୨୭।୮ (ସମିସ):** ଗତ ୨୫ ତାରିଖ ଦିନ ଗଙ୍ଗାଧରପ୍ରସାଦ ଡିଆ ଗାଁର ପାରେଶ୍ୱର ବେହେରାଙ୍କୁ କୁମ୍ଭୀର ଝାମ୍ପି ନେବାର ୩ ଦିନ ଓ ୫୧ ଘଣ୍ଟା ପରେ ତାଙ୍କର ଗଳିତ ଶବ ଉଦ୍ଧାର ହୋଇଛି। ଆଜି ସକାଳ ୧୧ଟା ସମୟରେ କାଟଣାବଣିଆ ପଞ୍ଚାୟତ ଖରସ୍ରୋତା ନଦୀ କୂଳ ବଣିଆ ଗାଁର ଚାଷ ଜମିରେ ଜଣେ ଚାଷୀ ତଳି ରୁଆ କରୁଥିବାବେଳେ ଦୁର୍ଗନ୍ଧ ହେବା ସହ କାଉ ଶବକୁ ଖୁମ୍ପୁ ଥିବା ଦେଖି ସେ ତାଙ୍କ ଗାଁକୁ ଖବର ଦେଇଥିଲେ। ସେହି ଗାଁ ଲୋକଙ୍କଠାରୁ ସୂଚନା ପାଇଁ ତିନିଦିନ ଧରି ନଦୀରେ ପାରେଶ୍ୱରଙ୍କୁ ଖୋଜୁଥିବା ଯୁବକ ତତକ୍ଷଣାତ ସେହି ସ୍ଥାନରେ ମୁହଁ ତଳ କରି ଭାସୁଥିବା ଗଳିତ ଶବକୁ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଓଡ୍ରାଫ ଟିମ୍, ଦମକଳ ବାହିନୀ ଯାଇ ଶବକୁ ଉଦ୍ଧାର କରି ରାଜକନିକା ମେଡିକାଲ ଆଣିବା ପରେ ଶବର ପେଟରେ ଏକ କ୍ଷତ ଚିହ୍ନ ଯାହା କୁମ୍ଭୀର କାମୁଡା ବୋଲି ସ୍ପଷ୍ଟ ହେବା ସହ ଏହି ଶବ ପାରେଶ୍ୱରଙ୍କର ବୋଲି ଚିହ୍ନଟ ହେବା ପରେ ଡାକ୍ତର ବ୍ୟବଚ୍ଛେଦ ପାଇଁ ଆଳି ପଠାଇଥିଲେ। ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ପରେ ଶେଷକୃତ୍ୟ ସଂପନ୍ନ ହୋଇଛି।

## ରକ୍ଷା ବନ୍ଧନରେ ଚାରାରୋପଣ

**ଗରଦପୁର,୨୭।୮ (ସମିସ):** ଗରଦପୁର ବ୍ଲକ୍ ବନ୍ତଳା ପଞ୍ଚାୟତ କୋଶିଦାସ୍ଥ ମା' ବୁଢ଼ୀ ଜାଗୁଳାଇ ମନ୍ଦିର ପରିସରରେ ରକ୍ଷାବନ୍ଧନ ଉତ୍ସବ ଉପଲକ୍ଷେ ଚାରାରୋପଣ କରାଯାଇଛି। ଏହି ଚରାରୋପଣ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ସନ୍ତୋଷ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କମଳଲୋଚନ ସେଠୀ, ଆଇନଜୀବୀ ସୁବାସ ବେଉରା, ଉତ୍ତରକୂଳ ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତରଞ୍ଜନ ରାଉତ, ତଳକୁସୁମା ପଞ୍ଚାୟତ ସରପଞ୍ଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ସରପଞ୍ଚ ଅଶୋକ ଜେନା, ଶିକ୍ଷକ ନିର୍ମଳ ଜେନା, ଗଦାଧର ଉନ୍ନୟନ ପରିଷଦ ସମ୍ପାଦକ ସନାତନ ଦାସ ପ୍ରମୁଖ ଯୋଗଦେଇ ଅଁଳା, ରାଧାଚୂଡା, କୃଷ୍ଣଚୂଡା, ଆମ୍ବ, ଆକାଶୀ, ପଣସ ଇତ୍ୟାଦି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱଜିତ ପଲେଇ, ଡେଜାଲିନ ସାମଲ, ମନୋସ୍ୱନୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଏବିଭିପି ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

ଗରଦପୁର,୨୭।୮ (ସମିସ): ଗରଦପୁର ବ୍ଲକ୍‌ର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀଙ୍କୁ ଏବିଭିପି ପକ୍ଷରୁ ରକ୍ଷା ବନ୍ଧନ କରାଯାଇଛି। ଏବିଭିପି ଗରଦପୁର ନଗର ପକ୍ଷରୁ କାର୍ଯ୍ୟକର୍ତ୍ତା ପାଟକୁରା ଥାନା, କୁଦାନଗରୀ ଥାନା, ଗରଦପୁର ଅଗ୍ନିଶମ, କୋରୁଆ ଅଗ୍ନିଶମ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଥାନା ଓ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ଲୋକଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ କରିଥିବାରୁ ଏବିଭିପି ପକ୍ଷରୁ ଏପରି ଏକ ପଦକ୍ଷେପ ନିଆଯାଇଥିବା କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି।

## ଗଛରେ ରାକ୍ଷୀ ବାନ୍ଧିଲେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀ

**ରାଜକନିକା, ୨୭।୮ (ସମିସ):** ଆଜି ପବିତ୍ର ରକ୍ଷାବନ୍ଧନ ଅବସରରେ ରାଜକନିକା ବ୍ଲକ କାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଏକ ନିଆରା ପ୍ରୟାସରେ ଭାଇ ଭଉଣୀଙ୍କୁ ରାକ୍ଷୀ ବାନ୍ଧିବା ସହ ଗାଁ ଗାଁ ବୁଲି ଗଛରେ ରାକ୍ଷୀ ବାନ୍ଧି ପରିବେଶ ସଚେତନତା ସୃଷ୍ଟି କରିଛନ୍ତି। ଏହି ବିଦ୍ୟାଳୟର ଅରୁଣରୁ ସପ୍ତମ ଶ୍ରେଣୀର ୧୫୦ ଜଣ ଛାତ୍ରଛାତ୍ରୀ ମଦରଙ୍ଗାପାଟ ଗାଁ ନିକଟରେ ଏକାଠି ହୋଇ ଗଛରେ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁବାସ ଦାସ, ଉପସଭାପତି ପ୍ରମୋଦ ସୂତାର, ପ୍ରତିଷ୍ଠାତା ସମ୍ପାଦକ ନିରାକାର ମାହୁନ୍ତ, ପ୍ରଧାନଆଚାର୍ଯ୍ୟା ଶୁଭଶ୍ରୀ ସାମଲ, ଗୁରୁମା ମାନସୀ, ମୁନି, ସଞ୍ଜୁଙ୍କ ସମେତ ସମସ୍ତ ଗୁରୁମା ସହଯୋଗ କରିଥିଲେ।

### ବନ୍ଧପଡ଼ାରେ ଚାଷୀ ସମାବେଶ

## ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି



**ମହାକାଳପଡ଼ା,୨୭।୮ (ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବନ୍ଧପଡ଼ା ଗ୍ରାମରେ ଶ୍ରୀବଳଦେବଜୀଉ ଚଷା ସଂଗଠନ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଓ ବୃହତ ଚଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇଥିବାବେଳେ କୁଳମଣି ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଞ୍ଜନ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, କୋଷାଧ୍ୟକ୍ଷ ବିଚିତ୍ର ରାଉତ, ଜୋନ ସଭାପତି ଯୋଗ ଦେଇଥିଲେ। ଚଷା ସଂଗଠନର ସଭାପତି ଅଭୟ ପରିଡ଼ା ଓ ସମ୍ପାଦକ ନରୋତ୍ତମ ପାର୍ଥସାରଥୀଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ମଙ୍ଗଳପୁରଠାରୁ ବନ୍ଧପଡ଼ା ପର୍ଯ୍ୟନ୍ତ ଅତିଥିଙ୍କୁ ବାଜା ବଜାଇ ପାଛୋଟି ଆଣିଥିଲେ। ସଂଗଠନର ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମର ରାସ୍ତା ମରାମତି, ଆଖଡ଼ା ସାହି ଦେଇ ବନ୍ୟାଜଳ ପ୍ରବେଶକୁ ରୋକିବା, ଜମ୍ବୁ-ମାର୍ଶାଘାଇ କେନାଲ ସମେତ ବିଭିନ୍ନ ପାଟନାଳୀର ଉଦ୍ଧାର ଓ ସଫେଇ, ଗାଁ ଗହଳିର ରାସ୍ତାରେ ଜମୁଥିବା ବର୍ଷାଜଳର ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ଭଳି ଦାବି ଉପସ୍ଥାପନ କରିଥିଲେ। ଏ ଅବସରରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଚାଷୀଙ୍କ ସମସ୍ୟାକୁ ସରକାର ଗୁରୁତର ସହ ଗ୍ରହଣ କରିଥିବା କହିବା ସହ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ବିଧାୟକ ଡ଼ଃ ନାୟକ କହିଥିଲେ, ଚାଷୀ ହେଉଛନ୍ତି ଦେଶର ମେରୁଦଣ୍ଡ। ଚାଷୀଙ୍କ ସୁବିଧା ଓ ସମସ୍ୟା ସମାଧାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀଙ୍କ ଦାବି ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଚାଷୀ, ସଂଗଠନର କର୍ମକର୍ତ୍ତା ଓ ସାଧାରଣ ଲୋକ ଯୋଗଦେଇ ସମାବେଶକୁ ସଫଳ କରିଥିଲେ।

## ସୀତାରାମ ମଠରେ ଝୁଲଣ ଯାତ୍ରା



**ଡେରାବିଶ,୨୭।୮ (ସମିସ):** ଡେରାବିଶ ବ୍ଲକ ଖମୋଳ ଫଚାୟତ ଅନ୍ତର୍ଗତ ବଡ଼ସଲାରୋ ସ୍ଥିତ ସୀତାରାମ ମଠରେ ମଠର ପୂର୍ବତନ ମହନ୍ତ ମହାରାଜ ଗୋବିନ୍ଦ ଚନ୍ଦ୍ର ଦାସଙ୍କର ୩୩ ତମ ପୁଣ୍ୟତିଥି ଅବସରରେ ଗତ ଶନିବାର ଠାରୁ ସାତଦିନ ବ୍ୟାପୀ ଝୁଲଣଯାତ୍ରା ଅନୁଷ୍ଠିତ ହେଉଛି। ବର୍ତ୍ତମାନର ବାବା ରତ୍ନାକର ଦାସଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ନାମସଂକୀର୍ତ୍ତନ ଓ ଭଜନ ସମାରୋହ ସହିତ ହରିହାଟର ଆୟୋଜନ କରାଯାଇଅଛି। ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଉଛନ୍ତି। ଏହି ଝୁଲଣ ଯାତ୍ରା ଆସନ୍ତା ୨୮ ତାରିଖ ଦିନ ଶେଷ ହେବ ବୋଲି ବାବା ରତ୍ନାକର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଡକ୍ଟର ପ୍ରକାଶ ପରିଡ଼ା, ସଂଜତ ପରିଡ଼ା, ପ୍ରଭାତ ପରିଡ଼ା, ମନିନ୍ଦ୍ରନାଥ ପଲେଇ, ଗୌତମ ପରିଡ଼ା, ଦିବାକର ସାମଲ, ସନ୍ତୋଷ ସାମଲ, ପ୍ରିତିରଞ୍ଜନ ପରିଡ଼ା, ରବିନ୍ଦ୍ରନାଥ ପରିଡ଼ାଙ୍କ ସମେତ ସଲାର, ଡାଳିଜୀ ଓ କୋଶିଦା ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

### ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାର ଅନ୍ତ କେବେ

## ୧୫ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ, ଖୋଲା ଆକାଶତଳେ ବିପନ୍ନ

**ପଟ୍ଟାମୁଣ୍ଡାଇ,୨୭।୮ (ସମିସ)**




ବ୍ରାହ୍ମଣୀ ଓ କାଣୀ ନଦୀରେ ତୃତୀୟ ବନ୍ୟା ପରେ ପୁଣି ବ୍ରାହ୍ମଣୀ ନଦୀ ଜଳ ପତ୍ତନ ବୃଦ୍ଧି ପାଇ ବନ୍ୟା ପରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଟରା, ବଲୁରିଆ ଅମୃତମଣୋହି, ନୀଳକଣ୍ଠପୁର ବାଲିପାଟଣା, ବାଛରା, ଶ୍ରୀରାମପୁର ଡାମରପୁର ବଳଭଦ୍ରପୁର ଶାସନ ଆଦି ୧୪ ଟି ପଞ୍ଚାୟତ ସହିତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା, ବାଲିପଡ଼ା, ତଳବାଲିପଡ଼ା, ସିଦ୍ଧପାଟଣା, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ନୂଆଗାଁ, କାକୁଡିପଲ୍ଲୀ, ଅଳଭା ଆଦି ୧୧ଟି ୱାର୍ଡର ୬୫ ହଜାର ଲୋକ ବିପନ୍ନ ହୋଇ ଯମଯନ୍ତ୍ରଣା ଭୋଗ କରୁଛନ୍ତି। ଗତ ୧ ମାସ ହେବ ବନ୍ୟା ପରେ ବନ୍ୟା ଆସି ବନ୍ୟାଞ୍ଚଳର ଅଧିକାଂଶ ଗାଁକୁ ବାହ୍ୟ ଜଗତରୁ ବିଚ୍ଛିନ୍ନ କରିଛି।

ଅନ୍ୟପକ୍ଷରେ ଲଗାଣ ବର୍ଷା ଲୋକଙ୍କ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଆଣିଛି। ସମାଜସେବୀ ବସନ୍ତ ମଲ୍ଲିକ, ବରାହ ଚରଣ ସାମଲ, ପ୍ରାକ୍ତନ ସରପଞ୍ଚ ବିଜୟାନନ୍ଦ ପରିଡା, ଶିକ୍ଷାବିତ ରଂଜିତ କୁମାର ରାଉତ ପ୍ରମୁଖ ବନ୍ୟା ନେଇ ନିଜର ଅନୁଭୂତିରୁ କହିଛନ୍ତି ଯେ, ଚଳିତ ବର୍ଷ ବନ୍ୟା ପରେ ବନ୍ୟା ପରିସ୍ଥିତି ବିଗତ ୫୦ ବର୍ଷ ମଧ୍ୟରେ କେବେ ହୋଇନଥିଲା। ୧ ମାସରୁ ଊର୍ଦ୍ଧ୍ୱ ହେବ ବନ୍ୟା ପରେ ବନ୍ୟା ଓ ବାରମ୍ବାର ଲଗାଣ ବର୍ଷା ଜନଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଛି। ବନ୍ୟା ବିପନ୍ନ ଲୋକ ମାନଙ୍କ ପାଇଁ ସରକାର ଯୋଗାଇ ଦେଇଥିବା ଶୁଖିଲା ଖାଦ୍ୟ ସହିତ ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ସମୁଦ୍ରକୁ ଶଙ୍ଖେ ବୋଲି ବନ୍ୟା ବିପନ୍ନ ଅଭିଯୋଗ କରିଛନ୍ତି। ବନ୍ୟା ଯୋଗୁଁ ଗୃହବନ୍ଦୀ ଥିବା ଲୋକମାନେ ଜୀବନବିକଳରେ ଭେଳା ସାହାଯ୍ୟରେ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଘରୁ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ବନ୍ୟାଞ୍ଚଳ ଲୋକଙ୍କ ଯାତାୟାତ ପାଇଁ ନାମକୁ ମାତ୍ର ଡଙ୍ଗା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ବନ୍ୟା ପରେ ବନ୍ୟା ବ୍ୟାପକ କ୍ଷୟ କ୍ଷତି ଘଟାଇବା ସାଙ୍ଗକୁ ଧୋୟାଞ୍ଚଳ ଲୋକଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ବନ୍ୟାରେ ସାରଦଧାନ ଓ ପନିପରିବା ଫସଲ ସମୂଳେ ଉଜୁଡି ଯିବା ସହିତ ଲୋକମାନେ ନିଜ ବାଡ଼ି ବଗିଚାରେ ଲଗାଇଥିବା ଅମୃତଭଣ୍ଡା, କଦଳୀ ଆଦି ବିଭିନ୍ନ ପନି ପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବାରମ୍ବାର ବନ୍ୟା ଫଳରେ ବିଭିନ୍ନ ପଞ୍ଚାୟତର ରାସ୍ତାଘାଟ ସମ୍ପୂର୍ଣ୍ଣ କ୍ଷତିଗସ୍ତ ହୋଇଛି। ବନ୍ୟାରେ ବ୍ୟାପକ ଫସଲହାନି ଯୋଗୁଁ ଚାଷୀକୂଳ ସର୍ବସ୍ୱାନ୍ତ। ଅଣ୍ଟରା ଓ ପେଣ୍ଠପାଳ ପ୍ରାଥମିକ କୃଷି ସମବାୟ ସମିତି ସମେତ ବିଭିନ୍ନ ସମବାୟ ସମିତିରୁ ଋଣକରି ଧାନ ଓ ପରିବା ଚାଷ କରିଥିବା ଚାଷୀମାନେ ବର୍ତ୍ତମାନ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଖରିଫ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଅଣ୍ଟରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ ପେଣ୍ଠପାଳ ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ଅଣ୍ଟରା ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନ ପରିଚାଳନା ସମିତି ବରିଷ୍ଠ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ମଲ୍ଲିକ, ଉଲ୍ଲାସ ମଲ୍ଲିକ, ପ୍ରଭାତ ସେଠୀ ଓ ମଳୟ ମଲିକ ପ୍ରମୁଖ ସମବାୟ ସମିତି ନିର୍ଦ୍ଦେଶକ ଓ ବହୁ ଅଗ୍ରଣୀ କୃଷକ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।

-ଖଲିଲ୍ ଜିବ୍ରାନ୍

## କାହା ସ୍ୱାର୍ଥରେ ଘରୋଇକରଣ?

କେନ୍ଦ୍ର ସରକାରଙ୍କ ସଦ୍ୟତମ ଘରୋଇକରଣ ନିଷ୍ପତ୍ତିରେ ଭାରତର ପ୍ରତିରକ୍ଷା ପରି ସମ୍ବେଦନଶୀଳ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯିବା ପରେ ଏହାର ଔଚିତ୍ୟ ନେଇ ପ୍ରଶ୍ନ ଉଠିଛି। ପ୍ରତିରକ୍ଷା ସହିତ ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଗୋପନୀୟତା ପରି ସମ୍ବେଦନଶୀଳ ପ୍ରସଙ୍ଗ ଜଡ଼ିତ ଥିବାରୁ ଏଥିରେ ଘରୋଇ ସଂସ୍ଥାଙ୍କ ଭାଗିଦାରୀ ବଢ଼ିବା ହିତକର ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏହାପୂର୍ବରୁ କେନ୍ଦ୍ର ସରକାର ମହାକାଶ ଗବେଷଣାକୁ ଘରୋଇ ସଂସ୍ଥାଙ୍କ ପାଇଁ ଉନ୍ମୁକ୍ତ କରିବା ପରେ 'ଇସ୍ରୋ' ଗୁରୁତର ମାନବ ସମ୍ବଳ ସଙ୍କଟର ସମ୍ମୁଖୀନ ହୋଇଛି। ଏହି ଦଶା ଆଗାମୀ ଦିନରେ ଡିଆରଡିଓ(ଭାରତୀୟ ପ୍ରତିରକ୍ଷା ଗବେଷଣା ପରିଷଦ) ଭୋଗିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

ବିଗତ ଶତାବ୍ଦୀର ନବେ ଦଶକରେ ଅର୍ଥନୈତିକ ସଂସ୍କାରର ମୁଖ୍ୟ ପୁରୋଧା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ଡ. ମନମୋହନ ସିଂହ ପ୍ରତିରକ୍ଷା, ବୀମା, ବୈଦେଶିକ ବ୍ୟାପାର, ମହାକାଶ ଗବେଷଣା ବିଜ୍ଞାନ ଭଳି କେତେକ ସମ୍ବେଦନଶୀଳ କ୍ଷେତ୍ରକୁ ଘରୋଇକରଣ ବା ଘରୋଇ ସଂସ୍ଥାଙ୍କ ନିବେଶ ପ୍ରକ୍ରିୟାରୁ ବାଦ୍ ଦେଇଥିଲେ। ତାଙ୍କର ସୁଦୂର ପ୍ରସାରୀ ଦୃଷ୍ଟିକୋଣକୁ ବର୍ତ୍ତମାନ ଏଡ଼ାଇଯିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମରିକ ଓ ପ୍ରତିରକ୍ଷା ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ନିବେଶ ଓ ପରିଚାଳନା ବୃଦ୍ଧି ପାଇଲେ ଭାରତର ଅନେକ ଗୋପନୀୟ ତଥ୍ୟ ବାହ୍ୟଶକ୍ତିଙ୍କ ହାତରେ ପହଞ୍ଚିଯାଇପାରେ। ଏ ଆଶଙ୍କା ଅମୂଳକ ନୁହେଁ।

ଏପର୍ଯ୍ୟନ୍ତ ଆମ ଘରୋଇ ସଂସ୍ଥାମାନେ ଉତ୍ପାଦନ, ନିର୍ମାଣ ଓ ଗବେଷଣାରେ ଆତ୍ମନିର୍ଭରଶୀଳ ହୋଇପାରି ନ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କରିବାକୁ ପଡୁଛି। ଉଦାହରଣସ୍ୱରୂପ ଭାରତରେ ଏକଦା ଉପଲବ୍ଧ ଚୀନ୍ ନିର୍ମିତ ଇଣ୍ଟରନେଟ୍ ଉପକରଣମାନ ବ୍ୟବହାର କରି ଚୀନ୍ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗୁଇନ୍ଦାଗିରି କରୁଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ନିଷିଦ୍ଧ କରି ଭାରତରେ ନିର୍ମିତ ଉପକରଣ ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ଉପକରଣ ଯୋଗାଇବା ପାଇଁ ଟେଣ୍ଡର ହାସଲ କରିଥିବା ଭାରତୀୟ ଘରୋଇ କର୍ପୋରେଟ୍ ସଂସ୍ଥା ପାଖରେ ଜ୍ଞାନକୌଶଳର ଅଭାବ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କଲା। ଅର୍ଥାତ୍ ଚୀନ୍‌ରେ ଉପକରଣ ନିର୍ମାଣ ହେଲା; ଅଥଚ ତା'ଉପରେ ଭାରତୀୟ କମ୍ପାନୀର ନାମ ଲେଖା ହେଲା। ଏହାଦ୍ୱାରା କେବଳ ଉପକରଣ ନିର୍ମାତାଙ୍କ ନାମ ସିନା ବଦଳିଲା; ମାତ୍ର ଚୀନ୍ ଅଚିରେ ଲକ୍ଷ୍ୟ ହାସଲ କରିନେଲା। ଏହି ପ୍ରକ୍ରିୟାର ପୁନରାବୃତ୍ତି ଯଦି ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ/ନିର୍ମାଣରେ ହୁଏ ତେବେ ଭାରତର ଗୋପନୀୟତା ପଦାରେ ପଡ଼ିବା ନିଶ୍ଚିତ। ତେଣୁ ନିଷ୍ପତ୍ତି ନେବା ପୂର୍ବରୁ ଏ ସମ୍ପର୍କରେ ବିଶଦ ବିତର୍କ ଓ ଆଲୋଚନର ଆବଶ୍ୟକତା ଥିଲା।

ବର୍ତ୍ତମାନ ସରକାରରେ ଥିବା ଦଳ ବିରୋଧୀ ଦଳରେ ଥିବା ବେଳେ ତତ୍କାଳୀନ ଶାସକ ଦଳ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆଣିଥିଲା ଯେ - 'ଏମାନେ ଦେଶକୁ ବିକ୍ରି କରୁଛନ୍ତି(ଭେଜ୍ ରହେ ହେଁ ମେରେ ଦେଶ୍ କୋ)'। କିନ୍ତୁ ବର୍ତ୍ତମାନ ଲୁଣରୁ ଲୁହା ପର୍ଯ୍ୟନ୍ତ ଏବଂ ପାଣିରୁ ଖଣି ପର୍ଯ୍ୟନ୍ତ ଏଭଳି କୌଣସି କ୍ଷେତ୍ର ନାହିଁ, ଯାହା ସମ୍ପୂର୍ଣ୍ଣ ହେଉ ଅବା ଆଂଶିକ ଘରୋଇ ସଂସ୍ଥାଙ୍କ ହାତକୁ ଯାଇନାହିଁ। ଏହାର ପରିଣାମ ଜଳ ଜଳ ଦେଖାଯାଉଛି। ଏ ବିଷୟରେ ବୁଦ୍ଧିମାନ ସରକାର ଯେ ଜାଣିନାହାନ୍ତି ସେ କଥା ନୁହେଁ। ସବୁ ଜାଣି ମଧ୍ୟ ଏଭଳି ବିପଦପୂର୍ଣ୍ଣ ନିଷ୍ପତ୍ତି ନେବା ପଛରେ ଲାଭ କାହାର ତାହା ଜନସାଧାରଣ ଚିନ୍ତା କରନ୍ତୁ ଏବଂ ଶାସକ ଦଳର ପ୍ରତିନିଧିମାନଙ୍କୁ ପ୍ରଶ୍ନ କରନ୍ତୁ। ବଶ୍ୟକ। ●

## ଏସ୍ଆଇଆର ଗୁମର ଫିଟୁଛି

ଏସ୍ଆଇଆର ପ୍ରକ୍ରିୟାରେ ସବୁଠାରୁ ବିବାଦୀୟ ପଶ୍ଚିମବଙ୍ଗ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ଭୋଟରଙ୍କୁ ପୁନଃସାମିଲ୍ କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ଏହି ତଥ୍ୟ ଅନେକ ଦିଗକୁ ଇଙ୍ଗିତ କରୁଛି। ଅତି କମ୍ ଦିନରେ ବିଶାଳ ଭୋଟରଙ୍କୁ ନେଇ କିଭଳି ସଘନ ଭୋଟର ତାଲିକା ସଂଶୋଧନ(ଏସ୍ଆଇଆର) ତ୍ରୁଟିଶୂନ୍ୟ ହୋଇପାରିବ ବୋଲି ସେତେବେଳେ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଥିଲା। କେତେକ ନିର୍ଦ୍ଦିଷ୍ଟ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ପାଇଁ ଏହା ଏକ ସୁଚିନ୍ତିତ ଚାଲ୍ ବା ଷଡ଼ଯନ୍ତ୍ର ଥିଲା ବୋଲି ମଧ୍ୟ ଅଭିଯୋଗ ଉଠିଥିଲା। ଏସ୍ଆଇଆର ପ୍ରକ୍ରିୟାକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଆଉ ଟିକିଏ ଆଗରୁ କାହିଁକି ଆରମ୍ଭ କରାଗଲା ନାହିଁ - ସେ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଭାରତୀୟ ମୁଖ୍ୟ ନିର୍ବାଚନ ଆୟୋଗ ନିରବ ରହିବା ପରେ ସନ୍ଦେହ ଆହୁରି ଘନୀଭୂତ ହୋଇଥିଲା। ନିର୍ବାଚନ ପରେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ପୁନଃ ତାଲିକାରେ ଯୋଡ଼ି ହେବା ପରେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ନିରାଧାର ନଥିଲା ବୋଲି କୁହାଯାଇପାରେ।

ଏବେ ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁ ରାଜ୍ୟମାନଙ୍କରେ ନିକଟ ଭବିଷ୍ୟତରେ ବିଧାନସଭା ନର୍ବାଚନ ହେବାର କାର୍ଯ୍ୟକ୍ରମ ନାହିଁ। ତେଣୁ ଏସ୍ଆଇର ସଂଶୋଧନ, ଆବେଦନର ପୁନର୍ବିଚାର ପ୍ରକ୍ରିୟା ବିଳମ୍ବ ହେଲେ ମଧ୍ୟ ଚିନ୍ତା ନାହିଁ। କିନ୍ତୁ ନିର୍ବାଚନ ଆରମ୍ଭ ହେବାର ମାତ୍ର ମାସେ/ଦୁଇ ମାସ ଆଗରୁ ପ୍ରକ୍ରିୟା ଆରମ୍ଭ କରିବା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ କି ମୁଖ୍ୟ ନିର୍ବାଚନ ଆୟୋଗ ଯେତେ ସ୍ପଷ୍ଟୀକରଣ ଦେଲେ ମଧ୍ୟ ତାହା ଗ୍ରହଣୀୟ ହୋଇପାରୁନାହିଁ। ଅଧିକନ୍ତୁ ଏସ୍ଆଇଆରରୁ ବାଦ୍ ପଡ଼ିଥିବା ଭୋଟରଙ୍କ ପକ୍ଷରୁ ଦାୟର ହୋଇଥିବା ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଟିପ୍ପଣୀ(ଆର ଥରକୁ ଭୋଟ ଦେବ)କୁ ନେଇ ସେତେବେଳେ ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ନାପସନ୍ଦ କରିଥିଲେ। ତାଙ୍କର ଟିପ୍ପଣୀ ହିଁ ଏବେ ସତ ସାବ୍ୟସ୍ତ ହୋଇଛି। କିନ୍ତୁ ପ୍ରଶ୍ନ ଉଠୁଛି ଏତେସଂଖ୍ୟକ ଭୋଟରଙ୍କୁ ସମ୍ବିଧାନ ପ୍ରଦତ୍ତ ନ୍ୟାଯ୍ୟ ଅଧିକାରରୁ ଯେଉଁ ତଞ୍ଚକତାର ସହିତ ବଞ୍ଚିତ କରାଗଲା ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଏବଂ ଗଣତନ୍ତ୍ରର ଏହି କ୍ଷତି ଭରଣା ହେବ କେମିତି?

ପଶ୍ଚିମବଙ୍ଗ ଏସ୍ଆଇଆର ପ୍ରକ୍ରିୟାର ଏହି ଗୁମର ଧୀରେ ଧୀରେ ଫିଟିବା ପରେ ନିର୍ବାଚନ ଆୟୋଗ ଏବଂ ତାଙ୍କର ନିଷ୍ପତ୍ତି, କାର୍ଯ୍ୟକଳାପ ସ୍ୱତଃସନ୍ଦେହ ଘେରକୁ ଆସିଯାଉଛି। ସୁସ୍ଥ ଗଣତନ୍ତ୍ର ପାଇଁ ଏହି ସନ୍ଦେହ ଦୂର ହେବା ବାଞ୍ଛନୀୟ। ●

# ଆଗ୍ରିଷ୍ଟାକ୍: ଡିଜିଟାଲ୍ ଦୃଷ୍ଟିକୋଣ ଓ ବାସ୍ତବ ଚିତ୍ର

**ଡ. ଅଜିତ କୁମାର ମିଶ୍ର**

ଆଗ୍ରିଷ୍ଟାକ୍ ଭାରତର ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ 'ଡିଜିଟାଲ୍ ପରିଚୟପତ୍ର' ବୋଲି କୁହାଯାଇପାରେ। ଓଡ଼ିଶାରେ ୩୧ ଅଗଷ୍ଟ, ୨୦୨୬ ସୁଦ୍ଧା ସମସ୍ତ ଚାଷୀଙ୍କ ଏଥିରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି, ଯାହା ଖରିଫ୍ ୨୦୨୬ ଧାନ କ୍ରୟ ଏବଂ ନିଜ ଜମିର ଉତ୍ପାଦ ବିକ୍ରୟ ପାଇଁ ଆବଶ୍ୟକ। କାଗଜକଲମରେ ଏହା ଅତ୍ୟନ୍ତ ଆକର୍ଷଣୀୟ। ଆଗ୍ରିଷ୍ଟାକ୍ ବ୍ୟବସ୍ଥାରେ 'ଆଧାର' ଭଳି ଚାଷୀ ପଞ୍ଜୀକରଣ, ଆଖି ସ୍କାନିଂ, ଜିଓ-ରେଫରେନ୍ସ ଗ୍ରାମ ମାନଚିତ୍ର, କୃଷି ଜମିର ଡିଜିଟାଲ୍ ତଥ୍ୟ, ସ୍ଥାନଭିତ୍ତିକ କୃଷି ସେବା ଏବଂ ଅଞ୍ଚଳଭିତ୍ତିକ ଫସଲ ତଥ୍ୟ ରଖାଯିବ। ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ଚାଷୀଙ୍କୁ ୧୧ ଅଙ୍କ ବିଶିଷ୍ଟ ପରିଚୟପତ୍ର ମିଳିବ। ଓଡ଼ିଶା ଗସ୍ତ ସମୟରେ ବିଲ୍ ଗେଟ୍ସ ମଧ୍ୟ ଏପରି ଏକ ଗତିଶୀଳ କୃଷି ପରିବେଶର ଚିତ୍ର ଦେଇଥିଲେ, ଯେଉଁଠାରେ ଚାଷୀଙ୍କୁ ଫସଲର ରୋଗ, ପାଣିପାଗ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ, ବଜାର ମୂଲ୍ୟ ଓ କୃଷି ପରାମର୍ଶ ସମ୍ପର୍କରେ ସମୟୋପଯୋଗୀ ସୂଚନା ମିଳିପାରିବ। ସିଦ୍ଧାନ୍ତଗତ ଭାବେ ଏହା ଚାଷୀଙ୍କୁ ଭଲ ନିଷ୍ପତ୍ତି ନେବାରେ ସକ୍ଷମ କରିବ, ସହଜରେ ଋଣ ଓ ବୀମା ପାଇବାର ସୁଯୋଗ ଦେବ ଏବଂ ମଧ୍ୟସ୍ଥଙ୍କ ଭୂମିକା କମାଇ ସିଧାସଳଖ ବଜାର ଓ କ୍ରେତାଙ୍କ ସହିତ ଯୋଡ଼ିବ। ଏହାସହିତ ରିହାତି, ବିହନ, ସାର ଓ ଜଳସେଚନ ସୁବିଧା ଭଳି ସରକାରୀ ସହାୟତା ମଧ୍ୟ କମ୍ କାଗଜପତ୍ରରେ ସହଜରେ ପହଞ୍ଚାଇବାର ଲକ୍ଷ୍ୟ ଆଗ୍ରିଷ୍ଟାକ୍‌ର ରହିଛି।

ଉଦ୍ଦେଶ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ କ୍ଷେତ୍ରସ୍ତରର ବାସ୍ତବତା ଏହାଠାରୁ ଭିନ୍ନ ଚିତ୍ର ପ୍ରଦାନ କରୁଛି। ଉଦାହରଣସ୍ୱରୂପ ସମ୍ପ୍ରତି କଳାହାଣ୍ଡି ଗସ୍ତ ସମୟରେ ମୁଁ ଆମଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଠାରେ ଚାଷୀଙ୍କ ପଞ୍ଜୀକରଣ କରିବା ପାଇଁ ପହଞ୍ଚିଥିଲି। ପାକ୍ସକୁ ପଞ୍ଜୀକରଣର ନିର୍ଦ୍ଦିଷ୍ଟ କେନ୍ଦ୍ର ଭାବେ ରଖାଯାଇଛି। ଏଠାରେ ଚାଷୀଙ୍କୁ ମୌଜା, ଖାତା ନମ୍ବର, ପ୍ଲଟ୍ ନମ୍ବର, କିସମ, ଆରଓଆର/ଭୂଲେଖ ଅନୁସାରେ ଜମିର ସଠିକ୍ ପରିମାଣ ଏବଂ ଆଧାର ସଂଯୋଗ ଭଳି ବିଭିନ୍ନ ତଥ୍ୟ ଦେବାକୁ ପଡୁଛି। ସମୟସୀମା ପାଖେଇ ଆସୁଥିବାରୁ ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଏକାଠି ହୋଇଥିଲେ, କିନ୍ତୁ ସର୍ଭର ଅତ୍ୟନ୍ତ ଧୀର ଥିବାରୁ ଅଧିକାଂଶ ଚାଷୀ ପଞ୍ଜୀକରଣ ନକରି ଫେରିବାକୁ ବାଧ୍ୟ ହେଉଥିଲେ। ପ୍ରକ୍ରିୟାଟି ମଧ୍ୟ ଚାଷୀ-ଅନୁକୂଳ ନୁହେଁ। ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ମୋ ନିଜ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପ୍ରାୟ ତିନିଦିନ ସମୟ ଦେବାକୁ ପଡ଼ିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ପାକ୍ସଗୁଡ଼ିକର ଭିତ୍ତିଭୂମି, ଲଜିଷ୍ଟିକ୍ସ ଓ ମାନବ ସମ୍ବଳରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମୟରେ ସଂସ୍ଥାଗୁଡ଼ିକ ପ୍ରସ୍ତୁତ ଅଛନ୍ତି; ଅଥଚ ବ୍ୟବସ୍ଥାଗତ ଚାପ ଅଧିକ ରହିବା ସହିତ ଏହାର ଯଥୋଚିତ ପରିଚାଳନା, ପୋଷଣୀୟ ଓ ଗୋପନୀୟତାରେ ଅଭାବ ପରିଲକ୍ଷିତ ହୋଇଛି। ଆଗ୍ରିଷ୍ଟାକ୍‌କୁ ସଫଳ କରିବାକୁ ହେଲେ ନିମ୍ନଲିଖିତ ଛଅଗୋଟି ଗୁରୁତର ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଆବଶ୍ୟକ।

୧- ଚାଷୀଙ୍କ ବ୍ୟକ୍ତିଗତ ତଥ୍ୟ, ଜମି ଓ ଫସଲ ସମ୍ପର୍କିତ ସୂକ୍ଷ୍ମ ତଥ୍ୟ ସଂଗ୍ରହ ଓ ଏକତ୍ରୀକରଣ ସମୟସାପେକ୍ଷ। ଏହାସହିତ ଗୋପନୀୟତାକୁ ନେଇ ମଧ୍ୟ ଆଶଙ୍କା ପ୍ରକଟ କରାଯାଇଛି। ଚାଷୀମାନଙ୍କ ମନରେ ଭୟ ଜାଗ୍ରତ ହେଉଛି ଯେ ଜମି, ଫସଲ ଓ ପରିଚୟର ଡିଜିଟାଲ୍ ତଥ୍ୟ ଯଦି ବେସରକାରୀ କୃଷି-ଟେକ୍ କମ୍ପାନୀ କିମ୍ବା କର୍ପୋରେଟ୍ ସଂସ୍ଥାଙ୍କ ପାଖରେ ପହଞ୍ଚେ, ତେବେ ସେମାନେ ନିଜସ୍ୱ ସ୍ୱାର୍ଥ ପାଇଁ ଏହାର ବ୍ୟବହାର କରିପାରନ୍ତି। ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ କ୍ଷୁଦ୍ର, ସୀମାନ୍ତ ଓ ଭାଗଚାଷୀ।

୨- ବର୍ତ୍ତମାନର ଆଗ୍ରିଷ୍ଟାକ୍ ବ୍ୟବସ୍ଥା ମୁଖ୍ୟତଃ ଜମି ମାଲିକାନା ରେକର୍ଡକୁ କେନ୍ଦ୍ର କରିଛି। ଫଳରେ ଜମିର ମାଲିକ ନହୋଇ ଚାଷ କରୁଥିବା ଭାଗଚାଷୀ, ଭଡ଼ାଚାଷୀ ଓ କୃଷି ଶ୍ରମିକମାନେ ବାଦ ପଡ଼ିବାର ଆଶଙ୍କା ରହିଛି। ଏହା ଆଗାମୀ ଦିନରେ ଚାଷୀ ଅସନ୍ତୋଷର କାରଣ ହୋଇପାରେ। 'ଭବିଷ୍ୟତରେ ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ' ବୋଲି କହିବା, ଆରମ୍ଭରୁ ସମାବେଶୀ ବିକାଶର ମୂଳନୀତିକୁ ଦୁର୍ବଳ କରିଦେବାର ଆଶଙ୍କା ରହିଛି। ୩. ଗ୍ରାମାଞ୍ଚଳରେ ଡିଜିଟାଲ୍ ଜ୍ଞାନର ଅଭାବ ଏବଂ ଅସ୍ଥିର ଇଣ୍ଟରନେଟ୍ ସଂଯୋଗ କୌଣସି ଛୋଟ ସମସ୍ୟା ନୁହେଁ, ବରଂ ଏହା ସବୁଠାରୁ ବଡ଼ ବାଧା ମଧ୍ୟରୁ ଗୋଟିଏ। ପାକ୍ସ କେନ୍ଦ୍ରଗୁଡ଼ିକରେ ଭିଡ଼ ବଢୁଛି, ଅପରେଟରମାନଙ୍କ ଉପରେ କାମର ଚାପ ବଢୁଛି ଏବଂ ସର୍ଭର ଡାଉନ୍ ହେଲେ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଦିନର ମଜୁରି ହରାଇବାକୁ ପଡୁଛି। ଦୁର୍ବଳ ଡିଜିଟାଲ୍ ଭିତ୍ତିଭୂମି ଉପରେ ଏକ ଡିଜିଟାଲ୍ ବିପ୍ଳବ ଗଢ଼ି ତୋଳାଯାଇପାରିବ ନାହିଁ। ୪- ଓଡ଼ିଶାରେ ବିଶେଷ ଓ ବ୍ୟାପକ ସମସ୍ୟା ହେଉଛି ଯୌଥପରିବାରର ଜଣେ ସଦସ୍ୟଙ୍କ ନାମରେ ଓଡ଼ିଶାରେ ଜମି ରେକର୍ଡ ଥିବା ସତ୍ତ୍ୱେ ସେ ରୋଜଗାର ପାଇଁ ରାଜ୍ୟ ବାହାରେ ରହୁଛନ୍ତି ଏବଂ ତାଙ୍କ 'ଆଧାର'ରେ ବର୍ତ୍ତମାନର କାର୍ଯ୍ୟସ୍ଥଳର ଠିକଣା ରହିଛି। ଏପରି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଭାରତବର୍ଷର ସଂଘୀୟ ବ୍ୟବସ୍ଥା ଭିତରେ ଅନ୍ୟସ୍ଥାନରେ ଗୁଜରାଣ ମେଣ୍ଟାଉଥିବା(ଚାକିରି କରୁଥିବା) ବ୍ୟକ୍ତିବିଶେଷଙ୍କ ଚାଷଜମି ଯଦି ଓଡ଼ିଶାରେ ଅଛି, ତା'ହେଲେ ସେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା କେତେଦୂର ଯଥାର୍ଥ - ତାହା ସମୀକ୍ଷା କରିବାକୁ ପଡ଼ିବ। ଏହା ହଜାର ହଜାର ପ୍ରବାସୀ ଓଡ଼ିଆ ପରିବାର ପାଇଁ ଏକ ଗୁରୁତର ସମସ୍ୟା।

୫- ପଞ୍ଜୀକରଣ ପାଇଁ ୩୧ ଅଗଷ୍ଟ ୨୦୨୬ର ଶେଷ ତାରିଖ ଅନେକ ଅଞ୍ଚଳରେ ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାସ୍ତବସମ୍ମତ ଲାଗୁନାହିଁ। ଅନେକ ଚାଷଜମି ଜଳମଗ୍ନ, କାଗଜପତ୍ର ନଷ୍ଟ ଏବଂ ଚାଷୀମାନେ ନିଜେ ଦୁର୍ଦ୍ଦଶାରେ ଅଛନ୍ତି। ଏପରି ସମୟରେ ପଞ୍ଜୀକରଣ ସମୟସୀମା ବଢ଼ାଇବା କୌଣସି ରିହାତି ନୁହେଁ, ଏକ ଆବଶ୍ୟକତା। ୬ - ଚାଷୀ ଓ ପାକ୍ସ କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି। ପଞ୍ଜୀକରଣ ଚାଷୀ-ସଶକ୍ତୀକରଣ ପ୍ରକ୍ରିୟା ହେବା ପରିବର୍ତ୍ତେ କେବଳ ତଥ୍ୟ ଦାଖଲ କରିବାର ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିବା ଭଳି ମନେ ହୁଏ। ଅଧିକାଂଶ ଚାଷୀ ନିଜର ୧୧ ଅଙ୍କ ବିଶିଷ୍ଟ ଚାଷୀ ପରିଚୟପତ୍ର ଭବିଷ୍ୟତରେ କ'ଣ କାମରେ ଆସିବ, ସେ ବିଷୟରେ ଅଜ୍ଞ।

ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିମ୍ନୋକ୍ତ ପଦକ୍ଷେପ ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

୧.- କେବଳ ପାକ୍ସ ଉପରେ ନିର୍ଭର ନକରି ମୋବାଇଲ୍ ଆପ୍ ମାଧ୍ୟମରେ ସହାୟତାପ୍ରାପ୍ତ ସ୍ୱୟଂ-ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଆପ୍‌ରେ ଓଡ଼ିଆ ଭାଷାର ସୁବିଧା ରହିବା ସହିତ ଅଫ୍‌ଲାଇନ୍ ଡାଟା କ୍ୟାପ୍‌ଚର ବ୍ୟବସ୍ଥା ରହିବା ଉଚିତ, ଯାହା ପରେ ଇଣ୍ଟରନେଟ୍ ମିଳିଲେ ସର୍ଭର ସହିତ ଲିଙ୍କ୍ ହୋଇପାରିବ। ୨.- କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଚାଷୀଙ୍କ ତଥ୍ୟ ଦେଖିପାରିବେ, କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ଏବଂ ଚାଷୀଙ୍କ ସମ୍ମତି କିପରି ନିଆଯିବ ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସୁରକ୍ଷା ଅନୁଶାସିକା(ଡାଟା ପ୍ରୋଟେକ୍ସନ୍ ପ୍ରୋଟୋକଲ୍) ରହିବା ଆବଶ୍ୟକ। ବେସରକାରୀ ସଂସ୍ଥାଙ୍କ ତଥ୍ୟ ବ୍ୟବହାର ପାଇଁ 'ଅପ୍ଟ-ଆଉଟ' ନୁହେଁ, 'ଅପ୍ଟ-ଇନ୍ କନ୍‌ସେଣ୍ଟ' ବ୍ୟବସ୍ଥା ରହିବା ଉଚିତ। ୩- ଭାଗଚାଷୀ ଓ ଭଡ଼ାଚାଷୀଙ୍କ ପାଇଁ ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଗ୍ରାମସଭାର ପ୍ରମାଣପତ୍ର କିମ୍ବା ଜମି ମାଲିକଙ୍କ ସମ୍ମତି ଭଳି ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ସାମିଲ କରାଯାଇପାରେ। ସେମାନଙ୍କୁ 'ଭବିଷ୍ୟତର ପର୍ଯ୍ୟାୟ' ପାଇଁ ଅପେକ୍ଷା କରାଇବା ଉଚିତ ନୁହେଁ। ୪- 'ଆଧାର' ଏକ ଜାତୀୟ ପରିଚୟ। ତେଣୁ 'ଆଧାର'ରେ ଥିବା ଠିକଣା କିମ୍ବା ଏହା କେଉଁ ସ୍ଥାନରୁ ଜାରି ହୋଇଛି, ତାହାକୁ ଜଣେ ଚାଷୀଙ୍କ ପଞ୍ଜୀକରଣ ବେଳେ ଅସ୍ୱୀକାର କରାଯିବା ଉଚିତ ନୁହେଁ। ୫- ପଞ୍ଜୀକରଣର ଶେଷ ତାରିଖକୁ ଅତିକମରେ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ଏହାସହିତ ପଞ୍ଚାୟତସ୍ତରରେ ବିଶେଷ ପଞ୍ଜୀକରଣ ଶିବିର ଆୟୋଜନ କରାଯାଉ। ଏହି ଶିବିରଗୁଡ଼ିକରେ ପର୍ଯ୍ୟାପ୍ତ କମ୍ପ୍ୟୁଟର, ବାୟୋମେଟ୍ରିକ୍ ଉପକରଣ, ଇଣ୍ଟରନେଟ୍ ଓ ବିକଳ୍ପ କନେକ୍ଟିଭିଟି ବ୍ୟବସ୍ଥା ରହିବା ଆବଶ୍ୟକ। ୬- ପ୍ୟାକ୍ସ କର୍ମଚାରୀ ଓ କୃଷକ ସାଥୀମାନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ନିତାନ୍ତ ଆବଶ୍ୟକତା ରହୁଛି। ଚାଷୀ ନିଜ ପରିଚୟପତ୍ର ମାଧ୍ୟମରେ କିପରି ପାଣିପାଗ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ ସୂଚନା, କୃଷି ପରାମର୍ଶ ଓ ଋଣ ଭଳି ସୁବିଧା ପାଇପାରିବେ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଜ୍ଞାନ ପାଇବା ଆବଶ୍ୟକ।

ଆଗ୍ରିଷ୍ଟାକ୍‌ରେ ଭାରତୀୟ କୃଷିର ବିଭିନ୍ନ ବ୍ୟବସ୍ଥାକୁ ଏକତ୍ର କରିବାର ବିପୁଳ ସମ୍ଭାବନା ରହିଛି। କିନ୍ତୁ ଡିଜିଟାଲ୍ ବିପ୍ଳବ କେବଳ ସମ୍ମିଳନୀ କିମ୍ବା ସମ୍ମିଳନ କକ୍ଷରୁ ଘୋଷଣା କରିହେବ ନାହିଁ; ଏହା ଓଡ଼ିଶାର କୋଣ ଅନୁକୋଣରେ ଅବସ୍ଥିତ ଚାଷ ଜମିରେ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିବା ଦରକାର। ଯେପର୍ଯ୍ୟନ୍ତ ଆମେ ଏହାକୁ ସରଳ, ସୁରକ୍ଷିତ, ସମାବେଶୀ ଏବଂ ଚାଷୀଙ୍କ ବାସ୍ତବ ସମସ୍ୟା ପ୍ରତି ସମ୍ବେଦନଶୀଳ କରିନାହୁଁ, ସେପର୍ଯ୍ୟନ୍ତ ଆଗ୍ରିଷ୍ଟାକ୍ ଚାଷୀ ସଶକ୍ତୀକରଣର ପ୍ରକୃତ ମାଧ୍ୟମ ହୋଇପାରିବ ନାହିଁ। ଏକ କେବଳ ସୁଚିନ୍ତିତ ଏମ୍ଆଇଏସ୍ ପ୍ରକଳ୍ପ ଭାବରେ ରହିଯିବ। ●

(ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୭୨୦୩୭୦୭

# ସଂରକ୍ଷଣ ବ୍ୟବସ୍ଥାର ହିସାବ ଆବଶ୍ୟକ

**ସୌଜନ୍ୟ କୁମାର ପରିଡ଼ା**

ଭାରତୀୟ ସମ୍ବିଧାନ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଶେଷ ବ୍ୟବସ୍ଥାର ସୁଯୋଗ ଦେଇଛି। ଐତିହାସିକ ଅନ୍ୟାୟ, ସାମାଜିକ ବଞ୍ଚନା ଓ ସୁଯୋଗର ଅସମାନତାକୁ ଦୂର କରିବା ଥିଲା ଏହି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ। କିନ୍ତୁ ଦଶନ୍ଧି ଦଶନ୍ଧି ପରେ ଆଜି ଏକ ମୌଳିକ ପ୍ରଶ୍ନ ପଚାରିବାର ସମୟ ଆସିଛି ଯେ ଏହି ବ୍ୟବସ୍ଥାର ପ୍ରକୃତ ଲାଭ କେତେ ଦୂର ପହଞ୍ଚିଛି? ଏହି ପ୍ରଶ୍ନ କୌଣସି ବର୍ଗର ଅଧିକାରକୁ ପ୍ରଶ୍ନ କରିବା ନୁହେଁ; ବରଂ ଏହା ହେଉଛି ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ନ୍ୟାୟସଙ୍ଗତ, ପାରଦର୍ଶୀ ଓ ଫଳପ୍ରଦ କରିବାର ପ୍ରଶ୍ନ।

ଦେଶରେ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ କେତେ ବର୍ଗ ଓ ସମୁଦାୟ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛନ୍ତି, କେଉଁ ସମୟରେ କେଉଁ ପରିବର୍ତ୍ତନ ହୋଇଛି ଏବଂ ବର୍ତ୍ତମାନ କେତେ ସମୁଦାୟ ଏହାର ଅଧୀନରେ ଅଛନ୍ତି ଏସବୁ ତଥ୍ୟ ସାର୍ବଜନୀନ ହେବା ଦରକାର। ତା'ଠାରୁ ଅଧିକ ଜରୁରୀ ହେଉଛି ଲାଭର ପରିସଂଖ୍ୟାନ। ସଂରକ୍ଷିତ ବର୍ଗର କେତେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରେ ପ୍ରବେଶ କରିଛନ୍ତି? କେତେ ଜଣ ମେଡିକାଲ, ଇଞ୍ଜିନିୟରିଂ, ପ୍ରଶାସନିକ, ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ ପହଞ୍ଚିଛନ୍ତି? କେତେଜଣ ସରକାରୀ ଚାକିରିରେ ନିଯୁକ୍ତି ପାଇଛନ୍ତି? କେଉଁବର୍ଗର କେତେ ପ୍ରତିଶତ ଲାଭାନ୍ୱିତ ହୋଇଛନ୍ତି? ଏସବୁର ଶ୍ରେଣୀଭିତ୍ତିକ ଓ ସମୟଭିତ୍ତିକ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଦରକାର। କାରଣ ଆଜି ବି ଆମେ ଏପରି ଖବର ଦେଖୁଛୁ - କୌଣସି ଆଦିବାସୀ ସମୁଦାୟର ପ୍ରଥମ ଛାତ୍ର ମାଟ୍ରିକ ପାସ୍ କଲେ, କୌଣସି ଅବହେଳିତ ଜନଜାତିର ପ୍ରଥମ ଯୁବକ ସରକାରୀ ଚାକିରି ପାଇଲେ କିମ୍ବା କୌଣସି ସଂଖ୍ୟାଲଘୁ ସମୁଦାୟର ପ୍ରଥମ ବ୍ୟକ୍ତି ଉଚ୍ଚଶିକ୍ଷାରେ ସଫଳ ହେଲେ। ଏଭଳି ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହି ଘଟଣା ଆମକୁ ଏକ ଗଭୀର ପ୍ରଶ୍ନ ମଧ୍ୟ ପଚାରିବାକୁ ବାଧ୍ୟ କରେ ଯେ ଏତେବର୍ଷର ବିକାଶମୂଳକ ଓ ସଂରକ୍ଷଣମୂଳକ ବ୍ୟବସ୍ଥା ସତ୍ତ୍ୱେ କାହିଁକି କିଛି ସମୁଦାୟ ଏବେ ବି ମୌଳିକ ଶିକ୍ଷା ଓ ନିଯୁକ୍ତିର ପ୍ରଥମ ସିଡ଼ିରେ ରହିଛନ୍ତି?

ଏହାର ଉତ୍ତର କେବଳ ସଂରକ୍ଷଣ ବ୍ୟବସ୍ଥାରେ ଖୋଜିଲେ ହେବ ନାହିଁ। ଦାରିଦ୍ର୍ୟ, ଦୁର୍ଗମ ଅଞ୍ଚଳ, ଶିକ୍ଷାର ଅଭାବ, ସାମାଜିକ ପଛୁଆପଣ, ସଚେତନତାର ଅଭାବ, ପରିବାରର ଆର୍ଥିକ ସ୍ଥିତି, ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ସୁଯୋଗର ଅଭାବ ଭଳି ଅନେକ କାରଣ ଏଥିରେ ଜଡ଼ିତ। ତେଣୁ ସମସ୍ୟାର ସମାଧାନ ମଧ୍ୟ ବହୁମୁଖୀ ହେବା ଆବଶ୍ୟକ। ସଂରକ୍ଷଣର ଲାଭ କେବଳ କିଛି ଅପେକ୍ଷାକୃତ ସଚେତନ ଓ ସୁବିଧାପ୍ରାପ୍ତ ପରିବାର ମଧ୍ୟରେ ସୀମିତ ରହିଯାଉଛି କି ନାହିଁ, ତାହା ମଧ୍ୟ ଅଧ୍ୟୟନର ବିଷୟ ହେବା ଦରକାର। ଯେଉଁ ସମୁଦାୟ ଦଶନ୍ଧି ଧରି ସୁଯୋଗରୁ ବଞ୍ଚିତ ରହିଛନ୍ତି, ସେମାନଙ୍କ ପାଇଁ ଅଲଗା ଶିକ୍ଷାମୂଳକ, ଆର୍ଥିକ ଓ ପ୍ରଶିକ୍ଷଣମୂଳକ ହସ୍ତକ୍ଷେପ ଆବଶ୍ୟକ କି ନାହିଁ, ତାହା ତଥ୍ୟ ଆଧାରରେ ନିର୍ଣ୍ଣୟ କରିବା ଦରକାର। ଏଥିପାଇଁ ସରକାର ଏକ ଜାତୀୟସ୍ତରର ସାମାଜିକ ଓ ଶିକ୍ଷାଗତ ପ୍ରଭାବ ଅଧ୍ୟୟନ କରିପାରନ୍ତି। ପ୍ରତ୍ୟେକ ସଂରକ୍ଷିତ ବର୍ଗ ଓ ଉପବର୍ଗର ଶିକ୍ଷା, ନିଯୁକ୍ତି, ଆୟ, ଉଚ୍ଚଶିକ୍ଷାରେ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାରେ ଅଂଶୀଦାରିତ୍ୱକୁ ତଥ୍ୟ ଆଧାରରେ ମାପିବା ଦରକାର। ସେହି ତଥ୍ୟ ପ୍ରତି କିଛିବର୍ଷରେ ସାର୍ବଜନୀନ କରାଯିବା ଉଚିତ।

ସଂରକ୍ଷଣ ହେଉଛି ଐତିହାସିକ ଓ ସାମାଜିକ ଅସମାନତା ହ୍ରାସ କରିବାର ଏକ ନୀତିଗତ ଉପକରଣ। କିନ୍ତୁ ଏହାର ସଫଳତା ମାପିବା ପାଇଁ ତଥ୍ୟ, ସମୀକ୍ଷା ଓ ପାରଦର୍ଶିତା ଅପରିହାର୍ଯ୍ୟ। ଆଜି ରାଜନୈତିକ ନାରା ନୁହେଁ, ଆବଶ୍ୟକ ହେଉଛି ତଥ୍ୟଭିତ୍ତିକ ଆଲୋଚନା। କିଏ କେତେ ପାଇଲା, କିଏ କେତେ ବଞ୍ଚିତ ରହିଲା, କେଉଁଠି ବ୍ୟବସ୍ଥା ସଫଳ ହେଲା ଏବଂ କେଉଁଠି ବିଫଳ ହେଲା ଏହାର ନିରପେକ୍ଷ ମୂଲ୍ୟାୟନ ହେବା ଦରକାର। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଏକ ସମଗ୍ର 'ସଂରକ୍ଷଣ ଶ୍ୱେତପତ୍ର' ପ୍ରକାଶ କରିବାକୁ ଦାବି କରିବା ସମୟୋପଯୋଗୀ। ଏହି ଶ୍ୱେତପତ୍ର କୌଣସି ବର୍ଗର ଅଧିକାର ହ୍ରାସ କରିବା ପାଇଁ ନୁହେଁ; ବରଂ ଯେଉଁମାନେ ଆଜି ବି ବ୍ୟବସ୍ଥାର ଲାଭରୁ ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରିବା ପାଇଁ ହେଉ। ଯେଉଁ ଜାତି, ଜନଜାତି କିମ୍ବା ସାମାଜିକ ବର୍ଗ ଏବେ ବି ଶିକ୍ଷା, ଚାକିରି ଓ ମୌଳିକ ସୁଯୋଗରେ ପଛରେ ଅଛନ୍ତି, ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରନ୍ତୁ। ଶିକ୍ଷା ହେଉ, ଛାତ୍ରବୃତ୍ତି ହେଉ, କୌଶଳ ବିକାଶ ହେଉ କିମ୍ବା ନିଯୁକ୍ତି ସୁଯୋଗର ଦ୍ୱାର ସେମାନଙ୍କ ପାଇଁ ଖୋଲିବା ଆବଶ୍ୟକ। କାରଣ ସଂରକ୍ଷଣର ଚୂଡ଼ାନ୍ତ ଲକ୍ଷ୍ୟ କେବଳ ତାଲିକାରେ ନାମ ଯୋଡ଼ିବା ନୁହେଁ; ସମାଜର ଶେଷ ଧାଡ଼ିରେ ଥିବା ମଣିଷକୁ ସୁଯୋଗର ମୁଖ୍ୟ ସ୍ରୋତକୁ ଆଣିବା।

ଏବେ ସମୟ ଆସିଛି ସରକାର ତଥ୍ୟ ଦିଅନ୍ତୁ, ହିସାବ ଦିଅନ୍ତୁ, ସମୀକ୍ଷା କରନ୍ତୁ ଏବଂ ଯେଉଁମାନେ ଏବେ ବି ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରନ୍ତୁ। ସାମାଜିକ ନ୍ୟାୟର ସଫଳତା ସେତେବେଳେ ହେବ, ଯେତେବେଳେ 'ପ୍ରଥମ' ଛାତ୍ର, 'ପ୍ରଥମ' ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ଖବର ଆଉ ବିରଳ ଘଟଣା ହୋଇ ରହିବ ନାହିଁ। ସାମାଜିକ ନ୍ୟାୟର ଲକ୍ଷ୍ୟ କେବଳ ସଂରକ୍ଷଣ ଘୋଷଣା ନୁହେଁ; ଏହାର ପ୍ରକୃତ ଲାଭ କେଉଁ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଛି, ତାହାର ସ୍ପଷ୍ଟ ହିସାବ ମଧ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଆବଶ୍ୟକ। ଶ୍ୱେତପତ୍ର ପ୍ରକାଶ ହେଉ, ସତ୍ୟ ତଥ୍ୟ ସାମ୍ନାକୁ ଆସୁ। ତଥ୍ୟ ଆଧାରରେ ନୂଆ ନୀତି ଗଢ଼ାଯାଉ। ସଂରକ୍ଷଣର ପ୍ରକୃତ ଲକ୍ଷ୍ୟ - ସମାନ ସୁଯୋଗ ଓ ସମାବେଶୀ ଉନ୍ନତି ସାକାର ହେଉ। ●

କେନ୍ଦ୍ରାପଡ଼ା, ମୋ: ୮୨୪୯୯୪୩୨୪୭

# କୋଇଲି ପୂଜନ


## କୋଇଲି ରୂପରେ ଦର୍ଶନ ଦେଇଥିଲେ ଶ୍ରୀକୃଷ୍ଣ

**ଓଜସ୍ୱିନୀ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାସ୍ତ୍ରପୁରାଣ ଅନୁସାରେ ଶନିଦେବ ହେଉଛନ୍ତି ନ୍ୟାୟାଧୀଶ ଓ ଦଣ୍ଡାଧୀଶ। ସେ ବ୍ୟକ୍ତିଙ୍କୁ ତା'ର କର୍ମଫଳ ଅନୁସାରେ ନ୍ୟାୟ କିମ୍ବା ଦଣ୍ଡ ଦେଇଥା'ନ୍ତି। କିନ୍ତୁ କୃଷ୍ଣଭକ୍ତମାନଙ୍କୁ ସେ କୌଣସି ପ୍ରକାର ଦଣ୍ଡ ଦିଅନ୍ତି ନାହିଁ ବୋଲି ଶାସ୍ତ୍ରମତ ଅଛି। ଏହା ପଛରେ ଥିବା ଗୋଟିଏ ପୌରାଣିକ କାହାଣୀ ଆଧାରରେ ଶ୍ରୀକୃଷ୍ଣଙ୍କ ନଗରୀ ମଥୁରାର କୋସିକଲା ଅଞ୍ଚଳସ୍ଥିତ 'କୋକିଳବନ' ନାମକ ସ୍ଥାନରେ ଶ୍ରୀକୃଷ୍ଣ ଏବଂ ଶନିଦେବଙ୍କର ଗୋଟିଏ ନିଆରା ମନ୍ଦିର ରହିଛି। ଏହି ସ୍ଥାନରେ ଶ୍ରୀକୃଷ୍ଣ ଶନିଦେବଙ୍କୁ କୋଇଲି ସ୍ୱରୂପରେ ଦର୍ଶନ ଦେଇଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ଶନିଦେବଙ୍କୁ ଦର୍ଶନ କରିବା ସହିତ ବିଶୁଦ୍ଧ ସୋରିଷ ତେଲ ସମର୍ପଣ କରିବା ଏବଂ ଶନିଦେବଙ୍କ ମନ୍ତ୍ର ଜପ କରି ମନ୍ଦିରର ପରିକ୍ରମା କରିବା ଦ୍ୱାରା ଶନି ମହାଦଶା ଖଣ୍ଡନ ହେବା ସହିତ ଅନ୍ୟ ଗ୍ରହଦୋଷ ମଧ୍ୟ ଦୂର ହୁଏ, ଯାହା ଫଳରେ ଜୀବନରେ କେବେ କୌଣସି ବାଧାବିଘ୍ନ ଆସେନାହିଁ। ଏହାସହିତ ସବୁ ମନସ୍କାମନା ପୂରଣ ହୋଇଥାଏ। ଏହି ଶନି ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ମଧ୍ୟ ରହିଛି। ଭକ୍ତମାନେ ଏକାସାଙ୍ଗରେ ରାଧାକୃଷ୍ଣ ଓ ଶନିଦେବଙ୍କ ଦର୍ଶନ କରିଥା'ନ୍ତି।

ବିଚିତ୍ର ବିଶ୍ୱାସ



କୋକିଳବନ ସମ୍ପର୍କରେ ପ୍ରଚଳିତ ପୌରାଣିକ ଆଖ୍ୟାନ ଅନୁସାରେ ଶନିଦେବ ବାଲ୍ୟକାଳରୁ ଶ୍ରୀକୃଷ୍ଣଙ୍କୁ ପ୍ରଗାଢ଼ ଭକ୍ତି କରୁଥିଲେ। କୃଷ୍ଣଭକ୍ତି ଯୋଗୁଁ ଶନିଦେବଙ୍କୁ ନ୍ୟାୟପ୍ରିୟତା, କର୍ମଫଳ ପ୍ରଦାନତା ଏବଂ ସଚ୍ଚୋଟତା ପ୍ରାପ୍ତ ହୋଇଥିଲା। ଏକଦା ଶନିଦେବ ଶ୍ରୀକୃଷ୍ଣଙ୍କୁ ପ୍ରସନ୍ନ କରି ତାଙ୍କ ସ୍ୱରୂପକୁ ସ୍ୱଚକ୍ଷୁରେ ଦର୍ଶନ କରିବାକୁ ମନସ୍ଥ କଲେ। ଏଥିପାଇଁ ଶନିଦେବ ବନରେ ଘୋର ତପସ୍ୟାରେ ଲୀନ ହେଲେ। ଶନିଦେବଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ତାଙ୍କୁ କୋଇଲି ରୂପରେ ଦର୍ଶନ ଦେଇଥିଲେ। ଏହି କାରଣରୁ ସ୍ଥାନଟିର ନାମକରଣ କୋକିଳବନ ହୋଇଛି।

ଭାରତର ଅନ୍ୟ କେତେକ ସ୍ଥାନରେ ମଧ୍ୟ କୋଇଲି ପୂଜନର ପରମ୍ପରା ଅଛି। ଯେପରିକି ଗୁଜରାଟ ଓ ମଧ୍ୟପ୍ରଦେଶର ରାଠୱା ଜନଜାତି କୋଇଲିକୁ କୂଳଦେବୀ ଭାବେ ପୂଜା କରିଥା'ନ୍ତି। ଲୋକକଥା ଅନୁସାରେ ତାଙ୍କର ପ୍ରମୁଖ ଦେବତା 'ବାବା ପିଥୋରା' (ପିଥୋରୋ)ଙ୍କ ଜନ୍ମ ଗୋଟିଏ 'କଳା କୋଇଲି' (ଇନ୍ଦ୍ରଦେବଙ୍କ ସାତଜଣ ଭଉଣୀଙ୍କ ମଧ୍ୟରୁ ଜଣେ) ଠାରୁ ହୋଇଥିଲା। ତେଣୁ ସ୍ଥାନୀୟ ଧର୍ମଧାରଣା, କଳା, ସଂସ୍କୃତି ଏବଂ ଧାର୍ମିକ ଅନୁଷ୍ଠାନରେ କୋଇଲିର ବିଶେଷ ପୂଜାର୍ଚ୍ଚନାର ପରମ୍ପରା ରହିଛି। ଝାଡ଼ଖଣ୍ଡର ଜନଜାତି 'ଓରାଓନ୍' ଓ 'ମୁଣ୍ଡା' ସେମାନଙ୍କର ସବୁଠାରୁ ବଡ଼ ପ୍ରକୃତି ପୂଜନ ଉତ୍ସବ 'ସରହୁଲ୍' ସମୟରେ କୋଇଲିର ସ୍ୱର ଶୁଣିବା ପରେ ତାହାକୁ ଶୁଭ ସନ୍ଦେଶ ମନେକରି ପୂଜାବିଧି ଆରମ୍ଭ କରିଥା'ନ୍ତି। କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର ନବବର୍ଷ 'ଉଗାଦି' ସହିତ ମଧ୍ୟ କୋଇଲିର ସମ୍ପର୍କ ରହିଛି। କୋଇଲିର ମଧୁର ସ୍ୱର ଆଶା ଓ ଉତ୍ତମ ଫସଲର ବାହକ ବୋଲି ବିଶ୍ୱାସ କରାଯାଏ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ୫୮ ଦିନ ହେଲା ଧାରଣାରେ କିଲାସମା ମୌଜା ଅଧିବାସୀ

# ବିଧାନସଭାରେ ବିଜେଡି ଉଠାଇବ ବିସ୍ଥାପନ ପ୍ରସଙ୍ଗ

ସମ୍ବଲପୁର, ୨୭।୮ (ସମିସ) : ହୀରାକୁଦ ନଦୀବନ୍ଧ ତିଆରି ସମୟରେ ବିସ୍ଥାପିତ ପୁନଃବିସ୍ଥାପନ ଆଶଙ୍କାରେ ଆଜିକୁ ୫୮ ଦିନ ହେଲା ଧାରଣାରେ ବସିଛନ୍ତି ସମ୍ବଲପୁର ଜିଲ୍ଲା ସଦର ତହସିଲ କିଲାସମା ମୌଜା ଅଧିବାସୀ। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ସାତଦଶନ୍ଧି ଧରି ସେମାନେ ଯେଉଁ ଜମିରେ ଚାଷ କରୁଥିଲେ, ସେହି ଜମିରେ ହୋଟେଲ ନିର୍ମାଣ ହେବ। ଶାଗମାଛ ଦରରେ ସେହି ଜମିକୁ ଇଡ୍‌କୋକୁ ବିକ୍ରି କରିଦିଆଯାଇଛି। ଏଣୁ ସରକାର ସେମାନଙ୍କୁ ଥଇଥାନ କରନ୍ତୁ ନଚେତ୍ ସେହି ଜମି ଫେରାଇ ଦିଅନ୍ତୁ ବୋଲି ଦାବିକରି ପଞ୍ଚାୟତବାସୀ ଧାରଣାରେ ବସିଛନ୍ତି। ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱେଶାଲ କମିଟି ଓ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ଅନଶନସ୍ଥଳରେ ପହଞ୍ଚି ବିସ୍ଥାପିତଙ୍କ ସହ ଆଲୋଚନା କରିଛନ୍ତି। ଆଜି ବିଜେଡିର ଏକ ପ୍ରତିନିଧି ଦଳ ଗଣଧାରଣାରେ ସାମିଲ ହେବାସହ ବିସ୍ଥାପିତଙ୍କୁ ସମର୍ଥନ ଜଣାଇଛନ୍ତି। ବିଧାୟକ ନିରଞ୍ଜନ ପୂଜାରୀ ବିଜେଡି ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନରେ ବିଜେଡି ଏହି ବିସ୍ଥାପନ ପ୍ରସଙ୍ଗ ଉଠାଇବ ବୋଲି କହିଥିବାବେଳେ, ଏନେଇ ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ଚିଠି ପଠାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ବିଜେଡି ପ୍ରତିନିଧି ଦଳରେ ବିଧାୟକ ନିରଞ୍ଜନ ପୂଜାରୀ, ପୂର୍ବତନ ବିଧାୟିକା ତଥା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସାମିଲ ଥିବାବେଳେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଉପସ୍ଥିତ ରହିଥିଲେ।

ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି, ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ବହୁ ପରିବାର ବିସ୍ଥାପିତ ହୋଇ କିଲାସମା ଗ୍ରାମକୁ ଆସି ପିଢ଼ି ପରେ ପିଢ଼ି ରହିଆସିଛନ୍ତି। ଏମାନେ ୭୦ରୁ ୮୦ ବର୍ଷ ଚାଷବାସ କରିବାସହ ବିସ୍ଥାପିତଙ୍କ ଚତୁର୍ଥ ପିଢ଼ି ଅଟନ୍ତି। ଏବେ ସରକାର ପୁଣିଥରେ ତାଙ୍କୁ ବିସ୍ଥାପିତ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଗରିବ, ଖଟିଖିଆ ଲୋକ। ସେମାନଙ୍କୁ ଆଜିଯାଏ ଚାଷ ଜମିପଟ୍ଟା ଦିଆଯାଇ ନାହିଁ। ସେମାନେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ସବୁସ୍ତରରେ ଅନୁରୋଧ କଲେ ମଧ୍ୟ କେହି ଶୁଣୁନାହାନ୍ତି, ଏଣୁ ଆଗାମୀ ଅଧିବେଶନରେ ବିଜୁ ଜନତା ଦଳ ସେମାନଙ୍କ ସକାଶେ ବିଧାନସଭାରେ ପ୍ରଶ୍ନ ଉଠାଇବ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, କିଲାସମା ମୌଜାର ଦଳିତ ଆଦିବାସୀ ମାନଙ୍କୁ ବିସ୍ଥାପିତ କରିବାପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୧୯୫୬ ମସିହାରେ ହୀରାକୁଦ ବନ୍ଧ ପୂର୍ଣ୍ଣାଙ୍ଗ ହେବାସମୟରେ ସେମାନେ ବିସ୍ଥାପିତ ହୋଇଥିଲେ। ସେହିସମୟରୁ ସେମାନେ ଆସି କିଲାସମା ମୌଜାର



ପଧାନପାଲିଠାରେ ବସତି ସ୍ଥାପନ କରି ରହିଥିଲେ। ଥରେ ବିସ୍ଥାପିତ ହୋଇ ପୁଣିଥରେ ବିସ୍ଥାପିତ କରୁଥିବାରୁ ଆମେ ଏହାକୁ ବିରୋଧ କରୁଛୁ। ଏଠାକାର ରାଜସ୍ୱ ମନ୍ତ୍ରୀ ଥାଇ ମଧ୍ୟ ଜମିପଟ୍ଟା ନଦେଇ ବାରମ୍ବାର ବିସ୍ଥାପିତ କରୁଛନ୍ତି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରାଯିବ ବୋଲି ସେ କହିଛନ୍ତି। ସରକାର ପର୍ଯ୍ୟଟନ ଶିଳ୍ପ କରନ୍ତୁ ଆମେ ତାହାକୁ ବିରୋଧ କରୁନାହୁଁ, କିନ୍ତୁ ଖାଲି ପଡ଼ିଥିବା ଜାଗାରେ କରନ୍ତୁ, ବିସ୍ଥାପିତ ଲୋକ ବସତି ସ୍ଥାପନ କରିଥିବା ଜାଗାରେ ସେମାନଙ୍କୁ ପୁଣି ବିସ୍ଥାପିତ କରି କରାନଯାଉ ବୋଲି ଶ୍ରୀମତୀ ଛୁରିଆ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବିଧାୟକ ସୁଦର୍ଶନ ହରିପାଲ କହିଛନ୍ତି, ସେମାନେ ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ରେଙ୍ଗାଲି ବିଧାୟକ ଭାବେ ମୁଁ ରାଷ୍ଟ୍ରପତିଙ୍କୁ ପତ୍ର ପଠାଇ ଦୃଷ୍ଟି ଆକର୍ଷଣ କରିଥିଲି, କିନ୍ତୁ କୌଣସି ଉତ୍ତର ଆସିଲା ନାହିଁ। ଏହାପରେ ଦଳର ସୁପ୍ରିମୋ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଥିଲି, ରେଙ୍ଗାଲି ନିର୍ବାଚନମଣ୍ଡଳୀର ବୁଢ଼ି ଅଞ୍ଚଳର ଲୋକେ ୫୦ ଦିନରୁ ଊର୍ଦ୍ଧ୍ୱ ହେବ ଧାରଣାରେ ବସିଛନ୍ତି। ଏହାପରେ ତାଙ୍କ ନିର୍ଦ୍ଦେଶରେ ଏହି ଟିମ୍ ଆସିଛନ୍ତି, ସେମାନେ ତଥ୍ୟ ସଂଗ୍ରହ କରି ଦଳର ସୁପ୍ରିମୋଙ୍କୁ ଅବଗତ କରିବେ ବୋଲି ଶ୍ରୀ ହରିପାଲ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସମ୍ବଲପୁର ସଦର ତହସିଲ ଅଧୀନ କିଲାସମା ମୌଜାର ୩୩ ଏକର ୫୫ ଡେସିମିଲରୁ ଅଧିକ ଜମି ଇଡ୍‌କୋ ନେଇଥିବାବେଳେ ଏଠାରେ ପର୍ଯ୍ୟଟନ ଶିଳ୍ପ ପାଇଁ ହୋଟେଲ ନିର୍ମାଣ ହେବ। ଗତବର୍ଷ ୨୦୨୫ ଜୁନ ମାସରେ ଏହି ଅନାବଦି ଜମିର କିସମ ପରିବର୍ତ୍ତନ ପାଇଁ ସଦର ତହସିଲରୁ ନୋଟିସ ହୋଇଥିଲା ଏବଂ ଶିଳ୍ପପତିଙ୍କୁ ଜମି ଦେବାକୁ ମାତ୍ର ଦୁଇମାସ ମଧ୍ୟରେ ଏହି ଜମିର କିସମ ପରିବର୍ତ୍ତନ ହୋଇଗଲା। ଗତ ୭ ଦଶନ୍ଧି ଧରି ଯେଉଁ ଜମିରେ ବିସ୍ଥାପିତମାନେ ଚାଷକରି ଦୁଇମୁଠା ଆୟ କରୁଥିଲେ, ସେହି ଜମିକୁ ଶାଗମାଛ ଦରରେ ଶିଳ୍ପପତିଙ୍କ ହାତକୁ ପ୍ରଶାସନ ଟେକି ଦେଇଛି। ହୀରାକୁଦରୁ ୧୯୫୬ ମସିହାରେ ବିସ୍ଥାପିତ ହୋଇ କିଲାସମା ମୌଜାର ବସବାସ କରୁଥିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ ପ୍ରାୟ ୬୫ଟି ପରିବାର। ଏହି ପରିବାର ଗୁଡ଼ିକୁ ବିକଳ୍ପ ବ୍ୟବସ୍ଥା ନକରି ଗତ ୭ ଦଶନ୍ଧି ଧରି ଚାଷବାସ କରୁଥିବା ଚାଷଜମି ଛାଡ଼ିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏହାକୁ ବିରୋଧ କରି ଗତ ଜୁଲାଇ ୧ ତାରିଖରୁ ୫୮ ଦିନ ଧରି କିଲାସମା ମୌଜାର ଅଧିବାସୀ ଅନଶନ ଧର୍ମଘଟ କରୁଛନ୍ତି। ତେବେ, ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କେହି ସେମାନଙ୍କ ପାଖକୁ ଯାଇ ନଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ, ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିବା ୩୩.୫୫ ଏକର ଜମି ଇଡ୍‌କୋକୁ ଦିଆ ନଯାଇ ସେମାନଙ୍କୁ ଫେରାଇଦେବାସହ ସେମାନଙ୍କ ନାମରେ ଜମିପଟ୍ଟା କରାଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି।

### କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ପ୍ରସଙ୍ଗ

# ସରକାରଙ୍କ ତୋଗଲକୀ ନୀତି ପାଇଁ ଶିକ୍ଷା ବ୍ୟବସ୍ଥା ତଳମୁହାଁ

ଭୁବନେଶ୍ୱର,୨୭।୮ (ସମିସ): ରାଜ୍ୟର ମହାବିଦ୍ୟାଳୟଗୁଡ଼ିକରେ ପରୀକ୍ଷାମୂଳକ ଭାବେ ଛାତ୍ରଛାତ୍ରୀ ମାନଙ୍କର ବାୟୋମେଟ୍ରିକ ଉପସ୍ଥାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷଣାକୁ ତୀବ୍ର ସମାଲୋଚନା କରିଛି ବିଜେଡି। ବିଜେପି ସରକାରଙ୍କ ଗତ ଦୁଇ ବର୍ଷର ଶାସନରେ ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି ଓ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରି ନଥିବା ବେଳେ ବାୟୋମେଟ୍ରିକ ଉପସ୍ଥାନ



ବ୍ୟବସ୍ଥା ଆରମ୍ଭ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି। ଗୁରୁବାର ଦଳ ତରଫରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି।

ସେ କହିଛନ୍ତି, ବିଜେପିର ନେତାମାନେ କଲେଜ ପରିଚାଳନାରେ ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି। ଏହାଦ୍ୱାରା ରାଜ୍ୟରେ ମହାବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ। ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ରାଜ୍ୟ ସରକାରଙ୍କର ତୋଗଲକି ନୀତିର ପରିଚୟ ବୋଲି ଡଃ ମହାନ୍ତି କହିଛନ୍ତି।

ରାଜ୍ୟ ସରକାର ରାଜ୍ୟରେ କେଜିରୁ ପିଜି ମାଗଣା

- ■ ଶୃଙ୍ଖଳା ଆଳରେ ଛାତ୍ରଛାତ୍ରୀଙ୍କୁ ଡରାଇବାକୁ ଉଦ୍ୟମ ହେଉଛି
- ■ ବିଜେପି ନେତାଙ୍କ ହସ୍ତକ୍ଷେପ ଯୋଗୁଁ ଶୈକ୍ଷିକ ବାତାବରଣ ନଷ୍ଟ

ଶିକ୍ଷା କଥା ଘୋଷଣା କଲେ। କିନ୍ତୁ, ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଦିଆଯାଇନାହିଁ। ଫଳରେ ଅନେକ ଶିକ୍ଷା ଅନୁଷ୍ଠାନରେ ଏବେ ବି ଛାତ୍ରଛାତ୍ରୀଙ୍କଠାରୁ ଫି ଆଦାୟ କରାଯାଉଛି। ଏହାଛଡ଼ା ଅନେକ ଶିକ୍ଷା ଅନୁଷ୍ଠାନରେ ସେଲ୍ଫ ଫାଇନାନ୍ସ (ନିଜସ୍ୱ ପାଣ୍ଠି) ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବ୍ୟବସ୍ଥାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ରାଜ୍ୟ ସରକାର ନିଜର ଅପାରଗତା ଲୁଚାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ ଉପସ୍ଥାନ କଥା କହୁଛନ୍ତି। ଶୃଙ୍ଖଳା ଆଳରେ ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। "ଜେନ୍-ଜି'ଙ୍କ ପ୍ରତି ସରକାରଙ୍କ ଏହି ଆଭିମୁଖ୍ୟ ଯଥାର୍ଥ ନୁହଁ। ରାଜ୍ୟ ବିଜେପି ସରକାରଙ୍କର ତୋଗଲକି ନୀତି ସକାଶେ ଶିକ୍ଷା ବ୍ୟବସ୍ଥାର ଦ୍ରୁତ ଅବନତି ଘଟିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି।

## ପ୍ରକାଶ ପାଶ୍ୱାନ୍‌ଙ୍କୁ ବିହାରରୁ ରାଉରକେଲା ଆଣିଲା ପୁଲିସ

ରାଉରକେଲା,୨୭।୮ (ସମିସ): ରାଉରକେଲା ସର୍କିଟ୍ ହାଉସରୁ ଅସ୍ତ୍ରଶସ୍ତ୍ର ଓ ଗୁଳି ଜବତ ମାମଲାରେ ଫେରାର ତଥା ମୋଷ୍ଟୱାଣ୍ଟେଡ୍ ଅଭିଯୁକ୍ତ ପ୍ରକାଶ ପାଶ୍ୱାନ୍‌ଙ୍କୁ ବିହାରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଉରକେଲା ଅଣାଯାଇଛି। ବିହାରର ବେଗୁସରାଇ ଜିଲ୍ଲା ଅଧୀନ ବରୌଣୀ ରେଳଷ୍ଟେସନରୁ ପ୍ରକାଶ ପାଶ୍ୱାନ୍‌ଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ରାଉରକେଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ବିହାରରୁ ରାଉରକେଲା ଆଣିଥିବା ଜଣାପଡ଼ିଛି। ରାଉରକେଲାରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ପୁଲିସ କଡ଼ା ସୁରକ୍ଷା ମଧ୍ୟରେ ନିଜ ହେପାଜତରେ ରଖିଛି। ଆଇନଗତ ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ରାଉରକେଲାର ଏକ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଆଇନଗତ ଓ ଅନ୍ୟାନ୍ୟ ଔପଚାରିକତା ସମ୍ପୂର୍ଣ୍ଣ ହେବାପରେ ପ୍ରକାଶଙ୍କୁ ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି। ତେବେ ସର୍କିଟ ହାଉସ ଅସ୍ତ୍ର ଓ ଜୀବନ୍ତ ଗୁଳି ଜବତ ମାମଲାରେ ତାଙ୍କର ଅଭିଯୋଗଗତ ଭୂମିକା ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ତଦନ୍ତ ଆଗକୁ ବଢ଼ିବା ସହିତ ଏହି ମାମଲାରେ ଆହୁରି ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖ ରାତିରେ ସର୍କିଟ୍ ହାଉସ୍‌ର ନବନିର୍ମିତ କୋଠରି ୧୦୭ ଓ ୧୧୧ ନମ୍ବର ରୁମ୍‌ରୁ ଗୋଟିଏ ପିସ୍ତଲ ଓ ଅଫୁଟା ଗୁଳି ଜବତ ହୋଇଥିଲା। ଏହି ଘଟଣାରେ ଅପରାଧିକ ପୃଷ୍ଠଭୂମି ଥିବା ଅଭିଯୋଗରେ ପ୍ରଥମେ ଦୁଇ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଲିଙ୍କ୍‌କରି ଅବୈଧ ଅସ୍ତ୍ର କାରବାର ସହ ସମ୍ପୃକ୍ତ ଆଉ ୭ ଜଣଙ୍କୁ ଗିରଫ କରାଯାଇଥିଲା। ସମସ୍ତେ ବର୍ତ୍ତମାନ ଜେଲ ହାଜତରେ ରହିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ୪ଟି ରିଭଲଭର୍ ଏବଂ ୧୧ଟି ଗୁଳି ଜବତ କରିଥିଲା ପୁଲିସ। ଏହି ଘଟଣାରେ ପ୍ରକାଶଙ୍କ ସମ୍ପୃକ୍ତି ଅଭିଯୋଗ ହେବାପରେ ସେ ଗିରଫ ଭୟରେ ଫେରାର ହୋଇଯାଇଥିଲେ।

### ଆମେରିକାର କଡ଼ା ଇମିଗ୍ରେସନ ନୀତି

## ଇମିଗ୍ରାଣ୍ଟ ଭିସା ସାକ୍ଷାତକାର ଅନିର୍ଦ୍ଦିଷ୍ଟ କାଳ ବନ୍ଦ

ୱାଶିଂଟନ୍,୨୭।୮ (ଏଜେନ୍ସି) ଅବୈଧ ଇମିଗ୍ରେସନ ବିରୋଧରେ କଡ଼ା ପଦକ୍ଷେପ ପରେ ଏବେ ଆଇନସମ୍ମତ ଭାବେ ଆମେରିକାରେ ସ୍ଥାୟୀ ଭାବେ ବସବାସ କରିବାକୁ ଚାହୁଁଥିବା ବିଦେଶୀଙ୍କ ଉପରେ ମଧ୍ୟ ସ୍କ୍ରିନିଂ କଡ଼ା କରିଛି ଟ୍ରମ୍ପ ପ୍ରଶାସନ। ଏହାର ଅଂଶ ଭାବେ ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକୀୟ ଦୂତାବାସ ଓ କନସୁଲେଟ୍‌ଗୁଡ଼ିକରେ ଇମିଗ୍ରାଣ୍ଟ ଭିସା ସମ୍ବନ୍ଧୀୟ ଅନେକ ସାକ୍ଷାତକାର ଓ ନିଯୁକ୍ତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

ଆମେରିକାର ବିଦେଶ ବିଭାଗ ସୂଚନା ଅନୁସାରେ ନୂଆ ଯାଞ୍ଚ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ କନସୁଲାର ଅଧିକାରୀମାନଙ୍କୁ ନୂତନ ନିର୍ଦ୍ଦେଶାବଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆବଶ୍ୟକ ହୋଇଛି। ଏଥିପାଇଁ ବିଭାଗ ପକ୍ଷରୁ ବିଶ୍ୱବ୍ୟାପୀ ଏକ ନୂଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଭିସା ଆବେଦନକାରୀଙ୍କ ଆର୍ଥିକ ସ୍ଥିତି, ଭବିଷ୍ୟତରେ ସେମାନେ ସରକାରୀ ସହାୟତା ଉପରେ ନିର୍ଭରଶୀଳ ହେବାର ସମ୍ଭାବନା ଏବଂ ଆମେରିକାରେ ନିଜ ଜୀବିକା ନିର୍ବାହ କରିବାର କ୍ଷମତାକୁ ଅଧିକ କଡ଼ା ଭାବେ ଯାଞ୍ଚ କରାଯିବ। ଏହି ପଦକ୍ଷେପର ପ୍ରଭାବରେ ପୂର୍ବରୁ ଭିସା ସାକ୍ଷାତକାର ପାଇଁ ତାରିଖ ପାଇଥିବା କେତେକ ଆବେଦନକାରୀଙ୍କ ନିଯୁକ୍ତି ପଛକୁ ଘୁଞ୍ଚାଯାଇଛି। ସେମାନଙ୍କୁ ପରବର୍ତ୍ତୀ ସମୟରେ ନୂଆ ତାରିଖ ଦିଆଯିବ ବୋଲି ଜଣାଯାଇଛି। ତେବେ ଏହି ପୁନଃନିର୍ଦ୍ଧାରଣ ପ୍ରକ୍ରିୟା କେତେଦିନ ଚାଲିବ, ତାହାର ସ୍ପଷ୍ଟ ସମୟସୀମା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ପରିବାର ଭିତ୍ତିକ ସ୍ଥାୟୀ ଆବାସନ ଏବଂ ଚାକିରି ଆଧାରିତ ଇମିଗ୍ରାଣ୍ଟ ଭିସା ଆବେଦନକାରୀମାନେ ଏହି ପରିବର୍ତ୍ତନରେ ଅଧିକ ପ୍ରଭାବିତ ହୋଇପାରନ୍ତି। ଛାତ୍ର, ପର୍ଯ୍ୟଟକ ଓ ବ୍ୟବସାୟିକ ଯାତ୍ରୀଙ୍କ ପାଇଁ ଥିବା ଅଣ-ଇମିଗ୍ରାଣ୍ଟ ଭିସାର ସମସ୍ତ ପ୍ରକ୍ରିୟା ବନ୍ଦ କରାଯାଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ।

### ଅଯୋଗ୍ୟଙ୍କୁ ନିଯୁକ୍ତି ମାମଲାରେ ବିଇଡି କଲେଜକୁ ବାଜିବ ଛାଟ

# ପୁନଃ ନୋଟିସ୍ ପାଇଁ ଏନ୍‌ସିଟିଇ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର, ୨୭।୮ (ସମିସ): ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଘଟଣାରେ ପୁଣି ବାଜିବ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ଛାଟ। ପ୍ରଥମ ନୋଟିସ୍ ପରେ ଶିକ୍ଷାନୁଷ୍ଠାନରେ ନିୟୋଜିତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରି ନ ଥିବାରୁ ଦ୍ୱିତୀୟ ଓ ଚୁଡ଼ାନ୍ତ ନୋଟିସ୍ ଜାରି କରାଯିବ। ଏହାର ଉତ୍ତର ନିର୍ଦ୍ଧାରିତ ସମୟରେ ନ ଦେଲେ ସମସ୍ତ ୧୬ ଟି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହେବ। ଏନେଇ ଏନ୍‌ସିଟିଇର ପୂର୍ବାଞ୍ଚଳ ଆଞ୍ଚଳିକ କମିଟିର ୪୦୪ତମ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ପୁଣି ବଢ଼ିଛି।

ଓଡ଼ିଶାର ବିଏଡ୍ ଓ ଏମ୍ଏଡ୍ ଶିକ୍ଷକ ଶିକ୍ଷାନୁଷ୍ଠାନରେ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ନଥିବା ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହୋଇଛି। ଏନେଇ ଗତ ଜୁଲାଇ ୧୪ ତାରିଖରେ ମୋଟ୍ ୧୬ ଟି ଶିକ୍ଷାନୁଷ୍ଠାନକୁ ନୋଟିସ୍ ଜାରି କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କୌଣସି ଶିକ୍ଷାନୁଷ୍ଠାନ ନିର୍ଦ୍ଧାରିତ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରି ନଥିଲେ। ରିପୋର୍ଟ ଦାଖଲ ନ କରିବା ପଛରେ ଉଚ୍ଚଶିକ୍ଷା ବିଭାଗର ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଦାଖଲ କଲେ ସମସ୍ତ ଶିକ୍ଷାନୁଷ୍ଠାନର ସ୍ୱୀକୃତି ପ୍ରତ୍ୟାହାର ହେବା ଆଶଙ୍କା ଥିବାରୁ ରିପୋର୍ଟ ଦାଖଲ

- ■ ପୂର୍ବ ନୋଟିସ୍‌ର ଉତ୍ତର ଦେଇ ନାହାନ୍ତି କୌଣସି ଶିକ୍ଷାନୁଷ୍ଠାନ
- ■ ୧୬ଟି କଲେଜକୁ ଜାରି ହେବ କାରଣ ଦର୍ଶାଇ ନୋଟିସ୍
- ■ ମୁହଁ ଖୋଲୁ ନାହାନ୍ତି ଅଧିକାରୀ; ଆଶଙ୍କାରେ ଛାତ୍ରଛାତ୍ରୀ

ନ କରିବାକୁ କଡ଼ା ଦାଗିଦ କରାଯାଇଥିଲା। ଏଥିପାଇଁ କୌଣସି ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସଆପ୍‌ରେ ଶିକ୍ଷକ ଶିକ୍ଷା ସେକ୍ସନ୍‌ରେ ଥିବା ଡ. ଶରତ କୁମାର ମାଝୀ ନିର୍ଦ୍ଦେଶ ଦେଇଥିଲେ ଓ ଏହାର ସ୍କ୍ରିନ୍‌ସଟ୍ ଭାଇରାଲ୍ ମଧ୍ୟ ହୋଇଥିଲା। କଲେବଲେ କୌଶଳେ ବିଳମ୍ବ କରି ଅଯୋଗ୍ୟଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ସହ ସେମାନଙ୍କ ସ୍ଥାନରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉଦ୍ୟମ କରୁଥିବା ଜଣା ପଡ଼ିଥିଲା। ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛି ଏନ୍‌ସିଟିଇ। ଏନ୍‌ସିଟିଇ ବୈଠକର ଏଜେଣ୍ଡାର ୫୨ ଓ ୫୩ ନମ୍ବର ମାମଲାରେ ଓଡ଼ିଶାର ବିଏଡ୍ ଓ ଏମ୍ଏଡ୍ କଲେଜରେ ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ହୋଇଥିବା ସମ୍ପର୍କରେ ଆଲୋଚନା ହୋଇଛି। ପୁଣିଥରେ ସମସ୍ତ ୧୬ଟି ଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଇ ନୋଟିସ୍ ଜାରି ହେବ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଅଧ୍ୟାପକମାନଙ୍କ ତଥ୍ୟ ୧୫ ଦିନ ମଧ୍ୟରେ ଦାଖଲ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏହି ଦ୍ୱିତୀୟ ନୋଟିସ୍ ଚୁଡ଼ାନ୍ତ ହୋଇଥିବାବେଳେ ନିର୍ଦ୍ଧାରିତ ସମୟରେ ଉତ୍ତର ନ ରଖିଲେ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ଆଲୋଚନା ହୋଇଛି। ଏନ୍‌ସିଟିଇ ଛାଟ ପଡ଼ିବାକୁ ଯାଉଥିବାବେଳେ ଶିକ୍ଷକ ଶିକ୍ଷା (ଟିଇ) ସେକ୍ସନ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ମୌସୁମୀ ମହାନ୍ତି ମୁହଁ ଖୋଲୁ ନାହାନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପରଜଙ୍ଗ,୨୭।୮ (ସମିସ) : ପରଜଙ୍ଗ ଥାନା ହାତୀଲୁଚାଣୀ ଗ୍ରାମ ସତ୍‌ସଙ୍ଗ ଘର ନିକଟରେ ଥିବା ଆମ୍ବ ତୋଟାରୁ ଏକ ଗଛରେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହାତୀଲୁଚାଣୀ ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ସାନ ପୁଅ ହୁମାୟନ ନାୟକ(୪୦) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରୁ ହୁମାୟନ ଘରୁ କେଉଁ ଆଡେ ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଆଜି ଖୋଜାଖୋଜି କରିବା ପରେ କିଛି ଲୋକ ତାଙ୍କୁ ଆମ୍ବ ତୋଟା ନିକଟରେ ଛୋଟ ଗଛରେ ଏକ କପଡ଼ାରେ ଝୁଲନ୍ତା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ପରଜଙ୍ଗ ଥାନାରେ ଖବର ଦେଇଥିଲେ। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ, ଉପନୀରକ୍ଷକ ଦେବଗ୍ରାହୀ ମହାନ୍ତି, ଜଳନ୍ଧର ବାରିକ, ଯୋଶେଫ ପଟ୍ଟନାୟକ ଓ ପୁଲିସ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଧିବେଶନକୁ...

ମନାକରିଦେଇଛନ୍ତି। ଏହି ବୟାନ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଗତ ଅଗଷ୍ଟ ୧୩ ତାରିଖରେ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଅଧିବେଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇ ନଥିଲା।। ଏହି ପ୍ରସଙ୍ଗରେ ରିଜିଜୁ କହିଛନ୍ତି ଯେ, ଗୃହକୁ ପୁଣି ଡାକିବା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ୧୯୫୨ ମସିହାରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯିବା ପରେ ପୁଣିଥରେ ଅଧିବେଶନ ଡକାଯାଇଥିଲା। ଅଧିବେଶନ ଏପର୍ଯ୍ୟନ୍ତ ବନ୍ଦ ନହେବା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବା ଯୋଜନା ଥାଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ଅନୁମାନ କରୁଛନ୍ତି। ବିଶେଷକରି ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ସ୍ୱତନ୍ତ୍ର ଅଧିବେଶନ ବସିବା ନେଇ ମନ୍ତ୍ରୀ ସିଧାସଳଖ କୌଣସି ଉତ୍ତର ଦେଇ ନଥିଲେ ମଧ୍ୟ ସମ୍ଭାବନାକୁ ଏଡ଼ାଇ ଦେଇନାହାନ୍ତି। ପାର୍ଲାମେଣ୍ଟର ବର୍ଷା ଅଧିବେଶନର ପରିସମାପ୍ତି ଘଟିନଥିବାରୁ ଆଗାମୀ ଦିନରେ ସରକାର କୌଣସି ବଡ଼ ନିଷ୍ପତ୍ତି ନେଇ ପାରନ୍ତି ବୋଲି ଆକଳନ କରାଯାଉଛି।

### ବିପଦ ଟଳିନି...

ନିଖୋଜ ଅଛନ୍ତି। ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଉଦ୍ଧାରକାରୀ ଦଳ ଦୁର୍ଗମ ଅଞ୍ଚଳରେ ପହଞ୍ଚିପାରି ନଥିବାରୁ ବନ୍ୟା ତାଣ୍ଡବର ପ୍ରକୃତ ଚିତ୍ର ମିଳିପାରି ନାହିଁ। ଲୋକମାନେ ନିଜର ଆତ୍ମୀୟଙ୍କୁ କାଦୁଅ ଓ ମାଟି ତଳୁ ଖୋଜୁଥିବା ବେଳେ ଆଉ ଏକ ଭୟଙ୍କର ବନ୍ୟା ଆସିବା ନେଇ ସରକାର ସତର୍କ କରାଇଲେଣି। ବନ୍ୟା ପାଣି ଯୋଗୁଁ ଭୋଟେ କୋଶୀ ନଦୀର ଉପରମୁଣ୍ଡରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦର ଜଳସ୍ତର ଭୟଙ୍କର ରୂପେ ବୃଦ୍ଧି ପାଉଥିବାରୁ ଯେକୌଣସି ମୁହୂର୍ତ୍ତରେ ଏହା ଭାଙ୍ଗିଯାଇପାରେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ତିବ୍ବତରେ ଭୂସ୍ଖଳନ ଯୋଗୁଁ ହୋଇଥିବା ଏହି ବନ୍ୟାରେ ନେପାଳର କେନ୍ଦ୍ରାଞ୍ଚଳ ସଂପୂର୍ଣ୍ଣ ରୂପେ ଧୋଇ ହୋଇଯାଇଛି। ରାସୁଆ, ଧାଡିଙ୍ଗ, ନୂଆକୋଟ ଏବଂ ଚିଟୱାନ ଅଞ୍ଚଳ ଛାରଖାର ହୋଇଯାଇଛି। ଏହି ଅଞ୍ଚଳରେ ଥିବା ସହର, ଗାଁ, ରାସ୍ତା, ପୋଲ ଧ୍ୱଂସ ହୋଯାଇଛି। ଅତିକମରେ ୧୩ଟି ଜଳବିଦ୍ୟୁତ ପ୍ରକଳ୍ପ ମଧ୍ୟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଚୀନ ସୀମାକୁ ଲାଗିଥିବା ଗାଏରଙ୍ଗ ବନ୍ଦର କାଦୁଅ ପାଣିରେ ପୋତି ହୋଇଯାଇଛି। ଏହି ଅଚାନକ ବନ୍ୟା ଲାଗି ଚୀନକୁ ଦାୟୀ କରିଛି ନେପାଳ। ନେପାଳର ଜଣେ ମନ୍ତ୍ରୀ କହିଛନ୍ତି ଯେ ତିବ୍ବତରେ ହୋଇଥିବା ଭୂସ୍ଖଳନ ସଂପର୍କରେ ଚୀନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲା। ଆଗରୁ ସୂଚନା ମିଳିଥିଲେ ବଡ଼ ଧରଣର ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା।

ଭୟଙ୍କର ବନ୍ୟା।।ରେ ହଜାରେରୁ ଅଧିକ ବିଦେଶୀ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରେ ତିନି ଶହ ଭାରତୀୟ ପର୍ଯ୍ୟଟକ ଅଛନ୍ତି। କିଛି ଅଞ୍ଚଳରୁ ପ୍ରାୟ ଶହେ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ସୂଚନା ଦେଇଛନ୍ତି ଯେ ରାସୁଆ ଅଞ୍ଚଳରେ ହଜାର ହଜାର ଲୋକଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ମାତ୍ର କିଛି ଘଣ୍ଟା ମଧ୍ୟରେ ଗୋଟିଏ ପରେ ଗୋଟିଏ ସହର ଧ୍ୱଂସ ହୋଇଯାଇଛି। ମାନସୋରୋବର ଯାତ୍ରା ପାଇଁ ଯାଉଥିବା ବହୁ ଭାରତୀୟ ଶ୍ରଦ୍ଧାଳୁ ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଖୋଜ ହୋଇଯାଇଛନ୍ତି। ସମୁଦାୟ ପାଞ୍ଚ ଶହ ପାଖାପାଖି ବିଦେଶୀ ନାଗରିକଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ନେପାଳ ସରକାର ବିଦେଶୀ ନାଗରିକମାନଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଦେଶଗୁଡ଼ିକର ଦୂତାବାସଗୁଡ଼ିକ ସହିତ କ୍ରମାଗତ ଭାବେ ଯୋଗାଯୋଗରେ ଅଛନ୍ତି। ନେପାଳ ନାଗରିକଙ୍କ ଭଳି ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ମଧ୍ୟ ସରକାର ସମାନ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟରେ ଉଦ୍ଧାର ଏବଂ ତତ୍କାଳ ଆଶ୍ରୟ ପ୍ରଦାନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ବିପର୍ଯ୍ୟୟ ସମୟରେ ଭାରତ ସରକାରଙ୍କ ପକ୍ଷରୁ ଶୀଘ୍ର ସହାୟତା ପଠାଯାଇଥିବାରୁ ନେପାଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଶୋକ ବ୍ୟକ୍ତକଲେ...

ଦୁର୍ଘଟଣାରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଖବର ଜାଣି ମୁଁ ଗଭୀର ଭାବେ ମର୍ମାହତ ବୋଲି ନବୀନ ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ଏହାସହ ନିଜର ପ୍ରିୟଜନଙ୍କୁ ହରାଇଥିବା ସମସ୍ତ ପରିବାର ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁଃଖଦ ଘଟଣା ପରେ ଅନେକ ଭାରତୀୟଙ୍କ ସହ ଯୋଗାଯୋଗ ହୋଇପାରୁନଥିବା ଜାଣି ନବୀନ ଗଭୀର ଭାବେ ଚିନ୍ତା ପ୍ରକଟ କରିବା ସହ ନିଖୋଜ କିମ୍ବା ଯେଉଁମାନଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ, ସେମାନଙ୍କର ଶୀଘ୍ର ଉଦ୍ଧାର ପାଇଁ ପ୍ରାର୍ଥନା କରିଛନ୍ତି। ନିଖୋଜ ଲୋକମାନଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ନବୀନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରଗୁଡ଼ିକୁ ଏହି ଦୁଃଖ ସହିବା ପାଇଁ ପ୍ରଭୁ ଅପାର ଶକ୍ତି ପ୍ରଦାନ କରନ୍ତୁ ବୋଲି ନବୀନ କହିଛନ୍ତି।

### ୪୦୦୦ କୋଟିରେ...

ବର୍ଗଫୁଟ ବର୍ତ୍ତମାନ ୧୦ ହଜାରରୁ ୧୧ ହଜାର ଟଙ୍କାରେ ବିକ୍ରି ହେଉଛି ଓ ହାରାହାରି ଦେଖିଲେ ୮୩୬ ଏକର ଜମିର ବଜାର ମୂଲ୍ୟ ପାଖାପାଖି ୪୦ ହଜାର କୋଟି ଟଙ୍କା। ଏହାବ୍ୟତୀତ ଭିତ୍ତିଭୂମି ବାବଦରେ ମଧ୍ୟ ବିପୁଳ ନିବେଶ ହୋଇଥିବାରୁ ମୋଟ ସମ୍ପତ୍ତିର ମୂଲ୍ୟ ପାଖପା।ଖି ୫୦ ହଜାର କୋଟି ଟଙ୍କାରୁ ଅଧିକ ହେବ। ପୁଣି ଏହି ବିମାନବନ୍ଦର ଏକ ଲାଭକାରୀ ସଂସ୍ଥା ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ରହିଛି।

ସାଧାରଣତଃ ଖରାପ ପ୍ରଦର୍ଶନ କରୁଥିବା, କ୍ଷତି ସହୁଥିବା ସଂସ୍ଥାକୁ ସରକାର ଅନ୍ୟ ସଂସ୍ଥା ବା ଘରୋଇ କମ୍ପାନୀକୁ ଲିଜ୍ ଦେଇ ମୁଣ୍ଡରୁ ବୋଝ ହଟାଇବା କଥା ଦେଖାଯାଏ। ମାତ୍ର ବିପୁଳ ସମ୍ପତ୍ତି ଥାଇ ଲାଭ କରୁଥିବା ସଂସ୍ଥାକୁ ଘରୋଇ ସଂସ୍ଥାକୁ ଲିଜ ଦେବାକୁ କେହି ଚିନ୍ତା କରି ନ ଥାନ୍ତି। ତେଣୁ ଭୁବନେଶ୍ୱର ବିପିଏଆଇ ଲିଜ୍ ନିମନ୍ତେ କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବିଜେଡି ଓ କଂଗ୍ରେସ ଏହି ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଏକ ଲାଭଜନକ ସରକାରୀ ସମ୍ପତ୍ତିକୁ ଘରୋଇ ହାତକୁ ଟେକିଦେବାର ଯୋଜନା ବୋଲି ଅଭିହିତ କରିଛନ୍ତି। ବିପିଆଇଏ ରୁଗ୍ଣ, ଦେବାଳିଆ ବା ଅଚଳ ସମ୍ପତ୍ତି ନୁହେଁ; ବରଂ ଏହା ଦେଶର ଅନ୍ୟତମ ସଫଳ ଓ ଦ୍ରୁତ ବିକାଶଶୀଳ ବିମାନବନ୍ଦର। ୨୦୨୨-୨୩ ଆର୍ଥିକ ବର୍ଷରେ ବିମାନବନ୍ଦରଟି ପ୍ରାୟ ୨୩୮ କୋଟି ଟଙ୍କା ଲାଭ କରିଥିଲା। ଏପରି ଏକ ଲାଭକାରୀ ସଂସ୍ଥାକୁ କେଉଁ ସ୍ୱାର୍ଥରେ ଓ କାହା ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଲିଜ୍ ଦେବାକୁ ଯୋଜନା କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### ୨୯ରେ ଆଉ ଏକ...

ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରୁ ବର୍ଷା ବଢ଼ିବା ସହ ସାରା ଓଡ଼ିଶାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସମୁଦ୍ରରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସର୍ବାଧିକ ୬୦ କିମି ପବନ ଟପିପାରେ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବା ଆଶଙ୍କା କହି ୩୦ ଓ ୩୧ ତାରିଖ ଦୁଇ ଦିନ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

ଅନ୍ୟପଟେ ଗତ ଲଘୁଚାପ ପ୍ରଭାବରେ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ଭୀଷଣ ବର୍ଷା ହେତୁ ହୀରାକୁଦରୁ ବହୁ ପରିମାଣର ଜଳ ନିଷ୍କାସନ ଜାରି ରହିଛି। ଏଥିପାଇଁ କଟକ ମୁଣ୍ଡଳିରେ ସାଢ଼େ ୬ ଲକ୍ଷ କ୍ୟୁସେକ୍ ଜଳପ୍ରବାହ ଜାରି ରହିଛି। ଏବେ ସମସ୍ତ ନଦୀ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ରାଜ୍ୟ ଜଳ ସମ୍ପଦ ବିଭାଗ ବନ୍ୟା ପରିସ୍ଥିତି ଉପରେ ନଜର ରଖିଥିବା ବିଭାଗର ସର୍ବୋଚ୍ଚୋୟନ୍ତ୍ରୀ ଦୀଲ୍ଲୀପ କୁମାର ରାଉତ କହିଛନ୍ତି। ଆଗାମୀ କିଛି ଦିନ ପାଇଁ ବିଭିନ୍ନ ନଦୀ ଅବବାହିକାରେ ବର୍ଷା ପୂର୍ବାନୁମାନ ରହିଥିବାରୁ ପୁଣି ଥରେ ନଦୀଗୁଡ଼ିକ ଫୁଲିବାର ଆଶଙ୍କା ରହିଛି। ବୈତରଣୀ ଓ ବ୍ରାହ୍ମଣୀ ସମେତ କିଛି ଅବବାହିକାରେ ଆଗାମୀ ଦିନଗୁଡ଼ିକରେ ୨୬ରୁ ୩୭ ମିମି ବର୍ଷାର ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଜୁନ ୧ରୁ ଏଯାବତ୍ ୧୧୦୫ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୮୦୭.୫ ମିମି ତୁଳନାରେ ବର୍ଷାର ପରିମାଣ ୨୭ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ ଆସନ୍ତା ୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏହି ଲଘୁଚାପ ସୃଷ୍ଟି ନେଇ ପ୍ରାକ୍ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit no.248 before the Executive Magistrate, Tentulikhunti, Nabarangpur, dated 30.07.2026, I, Samanta Kumar Nag, resident of Bharamajhiguda, PO-Patraput, PS/Block-Tentulikhunti, Dist.-Nabarangpur, Pin-764049 declare that my minor son name has been changed from Aush Harijan to Ayush Nag. Henceforth, he shall be known as **Ayush Nag** for all purposes.

**Sd/- Samanta Kumar Nag**

**AFFIDAVIT**

By virtue of an affidavit sworn before the Executive Magistrate, Telkoi, dated 13.07.2026, I, Urmila Mahakud, D/o Ballava Mahakud, resident of At-Karadangi, P.O.-Karadangi, P.S.-Telkoi, Dist.-Keonjhar, Odisha, PIN-758019, declare that I have changed my name from Kandhei Mahakuda to Urmila Mahakud. Henceforth, I shall be known as **Urmila Mahakud** for all purposes.

**Sd/- Urmila Mahakud**

**AFFIDAVIT**

**I, Rukia Banu, D/o Md Arif Resident of ward No 5, Padampur Po/ps - Padampur, Dist: Bargarh, Pin: 768036, Odisha declare by this Affidavit No 72AA 349397, Dated 25 August 2026 that now onwards I shall be known as Ruqaiya Banu for all Future Purposes.**

**AFFIDAVIT**

By virtue of an affidavit sworn before the Executive Magistrate, Dhenkanal. I Banabihari Swain, S/o - Brundaban Swain resident of At-Haradaberana, P.o-Chirulei, Ps.- Gondia, Dhenkanal, Pin-759014 declare that my actual name is Banabihari Swain, but in my Aadhaar, Voter card & Bank passbook my name is recorded as Banamali Swain. I declare that Banabihari Swain and Banamali Swain is the same person. Henceforth I shall be known as **Banabihari Swain** for all purposes.

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-84, କାର୍ଯ୍ୟର ନାମ: ୧. ନୈଗାୱାନ–ରୁନିଜା–TRR(P) – ୧୨.୯୭୨ Tkm ଏବଂ ୨. ରତଲାମ–ଫତେହାବାଦ – TFR(S)+TWS+ WCM(SC) – ୨୦ ସେଟ୍ (୧:୧୨)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ. ୨,୮୮,୮୫,୭୯୬.୦୭/-, ବନ୍ଧନା ରାଶି: ଟ. ୫,୭୭,୭୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-86, କାର୍ଯ୍ୟର ନାମ: ୧. ମାଲହାରଗଡ଼–ଦାଲୋଦା (UP) – TRR(P) – ୨୯.୯୧୧ Tkm, ୨. ନାମଲି–ବରାସ୍ୱଲା ଚୌରାସୀ ଏବଂ ହରକିସ୍ୱା ଖେରଲିଆ–ମାଲହାରଗଡ଼ – TRR(P)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ. ୯,୬୯,୧୯,୫୫୯.୧୯/-, ବନ୍ଧନା ରାଶି: ଟ. ୧୯,୩୮,୪୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୨୪ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

CRY/224

Like us on: facebook.com/WesternRly

# ହିନ୍ଦୋଳ ବନ ବିଭାଗର ଅନ୍ଧାରିରାଜ୍

## କର୍ମଚାରୀଙ୍କୁ ନିଲମ୍ବନ ଓ ଅନୁକମ୍ପା ସହାୟତା ପ୍ରଦାନ କରି ବନବିଭାଗ ଶୋଇଛି


ହିନ୍ଦୋଳ/ଖଜୁରିଆକଟା,୨୭ ।୮ (ସମିସ)




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅଧୀନରେ ପ୍ରାୟ ୨୮୦ରୁ ଊର୍ଦ୍ଧ୍ୱ ହାତୀମାନେ ଚଳପ୍ରଚଳ କରୁଥିବାବେଳେ ବିଭିନ୍ନ ସମୟରେ ବ୍ୟାପକ ଧନଜୀବନ ହାନୀ ଘଟୁଛି। ମାତ୍ର ବନବିଭାଗ ପକ୍ଷରୁ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉନଥିବା ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଛି । ସରକାର ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ଅନୁକମ୍ପା ରାଶି ଏବଂ ତଳିଆ କର୍ମଚାରୀମାନଙ୍କୁ ନିଲମ୍ବିତ କରିଦେଇ ବନବିଭାଗ ନିଜ ଦୋଷକୁ ଘୋଡ଼ାଇ ଦେଇ ଚୁପ୍ ବସିରହୁଛି । ପ୍ରତ୍ୟେକ ଦିନ କିଭଳି ଭାବେ ହାତୀ ଆକ୍ରମଣରେ ଧନଜୀବନ ନଷ୍ଟ ହେବା ସହିତ ବ୍ୟାପକ ଫସଲ ହାନୀ ଓ ବାସ ଘର ନଷ୍ଟ କରିବା ସହିତ କ୍ଷୟକ୍ଷତି ସହୁଛନ୍ତି। ସଞ୍ଜନଇଁଲେ ଗ୍ରାମବାସୀମାନେ ଅତି ଜରୁରୀ କାମରେ ମଧ୍ୟ ଘରୁ ପଦାକୁ ବାହାରିବା ଏକରକମ ମୁସ୍କିଲ୍ ହୋଇପଡୁଛି । ଯାହା ଦ୍ୱାରା ଅନେକ ସମୟରେ ସାପ କାମୁଡ଼ା, ଗର୍ଭବତୀ ମହିଳା ମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ମଧ୍ୟ ଅସମ୍ଭବ ହୋଇପଡୁଛି । ଫଳରେ ହାତୀମାନଙ୍କ ଦାଉରୁ କେବଳ ଧନଜୀବନ ହାନୀ ହେବା ସହିତ ବିଭିନ୍ନ କାର୍ଯ୍ୟରେ ମଧ୍ୟ ଯାତାୟାତ କରିବାରେ ଘୋର ବାଧା ସୃଷ୍ଟି ହେଉଛି। ଅନେକ ଜଙ୍ଗଲ ତଳି ଅଞ୍ଚଳରେ ରହିଥିବା ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପାଠପଢ଼ି ଯିବା ଏବଂ ଫେରିବା ଏକରକମ ଦୁର୍ବିସହ ହୋଇପଡୁଛି । ଗତ ୫ବର୍ଷ ମଧ୍ୟରେ ହିନ୍ଦୋଳ ଫରେଷ୍ଟ ରେଞ୍ଜରେ ପ୍ରାୟ ୧୩୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୮୦ରୁ ଊର୍ଦ୍ଧ୍ୱ ହାତୀ ମାନଙ୍କର ମୃତ୍ୟୁ ମଧ୍ୟ ଘଟିଛି। ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଅଥବା ଜିଲ୍ଲା ବନଖଣ୍ଡ ଅଧିକାରୀ କେବଳ ନିଜର ଦୋଷ ଘୋଡାଇବାକୁ ଅନୁକମ୍ପା ରାଶି ପ୍ରଦାନ ଏବଂ ନିରୀହ ତଳିଆ କର୍ମଚାରୀମାନଙ୍କୁ ନିଲମ୍ବିତ କରିଦେଇ ଚୁପ୍ ବସି ଯାଉଛନ୍ତି। ଫଳରେ ସମାନ ଘଟଣା କ୍ରମାଗତ ଭାବେ ସାମ୍ନାକୁ ଆସୁଛି । ଅନେକ ଧନଜୀବନ ପରିବାର ବିପନ୍ନ ହେବା ସହିତ ନିରୀହ କର୍ମଚାରୀମାନେ ବଳି ପଡୁଛନ୍ତି। ଗତ ୬ମାସ ଧରି ହାତୀ ସୁରକ୍ଷା ପାଇଁ ନିୟୋଜିତ ଥିବା ଗାଡ଼ିର ପେଟ୍ରୋଲ୍ ଖର୍ଚ୍ଚ ନ ଦିଆଯାଇ ସେମାନଙ୍କୁ ହାତୀଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଉଛି। ଯାହାଦ୍ୱାରା କି ସେହି କର୍ମଚାରୀମାନେ କିଭଳି ଭାବେ କାର୍ଯ୍ୟ କରୁଥିବା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଅନେକ ସମୟରେ ହାତୀ ମଣିଷ ଲଢ଼େଇ ଦେଖିବାକୁ ମିଳିଛି। ଏଠାରେ ସ୍ପଷ୍ଟ ଥାଉକି ନିକଟରେ ଖଲିବୋରେଇ ସେକ୍ସନ୍ ଈଶ୍ୱରାପାଳ ଶାଳବଣି ନିକଟରେ ଗୋଟିଏ ଦନ୍ତାହାତୀର ଏକ ସପ୍ତାହ ତଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସଂପୃକ୍ତ ବନପାଳ ଏବଂ ବିଦ୍ୟୁତ୍ ପ୍ରହରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସଂପୃକ୍ତ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାନଯାଇ କେଉଁ ତଥ୍ୟ ଆଧାରରେ ସଂପୃକ୍ତ ଫରେଷ୍ଟର ଓ ବିଦ୍ୟୁତ୍ ପ୍ରହରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଗଲା ତାହା ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଠିକା ଭାବେ ନିଯୁକ୍ତ ବିଦ୍ୟୁତ୍ ପ୍ରହରୀଙ୍କୁ ନିଲମ୍ବିତ କରି ଚର୍ଚ୍ଚାରେ ହିନ୍ଦୋଳ ବନବିଭାଗ। ଏହା କେବଳ ବିଭାଗୀୟ ପାରଦର୍ଶିତା, ନା ବିଭାଗର ଅପାରଗତା ତାହା ସ୍ପଷ୍ଟ ହୋଇପାରୁନାହିଁ। କେବଳ ନିଲମ୍ବିତ କଲେ ଏହାର ସ୍ଥାୟୀ ସମାଧାନ ନୁହେଁ। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ମାତ୍ର ଉଚ୍ଚ ଅଧିକାରୀମାନେ କେବଳ ନିଲମ୍ବିତ କରିଦେଇ ନିଜକୁ ଦୋଷମୁକ୍ତ କରିବା ସହିତ ମୁଣ୍ଡ ଉପରୁ ଦାୟିତ୍ୱ ଏଡାଇ ଦେଉଛନ୍ତି। ଏହାପଛରେ ଅନ୍ୟ କୌଣସି କାରଣ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । କର୍ମଚାରୀଙ୍କୁ ନିଲମ୍ବିତ କିମ୍ବା ଅନୁକମ୍ପା ରାଶି ଦେବା କୌଣସି ସ୍ଥାୟୀ ସମାଧାନ ନୁହେଁ । ଲୋକମାନଙ୍କର ଧନଜୀବନ ସୁରକ୍ଷା, ହାତୀ ମାନଙ୍କର ସୁରକ୍ଷା ଉଭୟ ଦିଗ ପ୍ରତି ବନବିଭାଗ ଆଗାମୀଦିନରେ ସଚେତନ ନହେଲେ ଜନଆନ୍ଦୋଳନ ମୁଣ୍ଡ ଟେକିବା କିଛି ଅସମ୍ଭବ ନୁହେଁ । ଏହାର ସ୍ଥାୟୀ ସମାଧାନ କରାନଯାଏ ତେବେ ଆଗାମୀଦିନରେ ଜନଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଗ୍ରାହକ ସେବା କେନ୍ଦ୍ରରୁ ଚୋରି

ଓଡାପଡା,୨୭।୮ (ସସିମ): କଣ୍ଟାବଣିଆ ଥାନା ଅନ୍ତର୍ଗତ ପାଇକ ପୁରୁଣାକୋଟ ଛକରେ ଥିବା ଏକ ଗ୍ରାହକ ସେବକେନ୍ଦ୍ରରୁ ଦିନଦ୍ୱିପ୍ରହରରେ ଚୋରି ହୋଇଥିବାର ଏକ ଲିଖିତ ଅଭିଯୋଗ ହୋଇଛି। କଣ୍ଟାବଣିଆ ଥାନା ଅନ୍ତର୍ଗତ ଝାଡୁବେରେଣୀ ଗ୍ରାମର ବସନ୍ତ କୁମାର ଦାସଙ୍କ ପୁଅ ସମୀର କୁମାର ଦାସ ପାଇକପୁରୁଣାକୋଟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗ୍ରାହକ ସେବାକେନ୍ଦ୍ର କରିଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ଘ ୨. ୪୦ ରେ କେନ୍ଦ୍ର ଖୋଲାଥିବା ସମୟରେ ତିନିଜଣ ସାଧପୋଶାକଧାରୀ ଦୁର୍ବୃତ ଗ୍ରାହକ ସେବା କେନ୍ଦ୍ର ମଧ୍ୟରେ ପ୍ରବେଶ କରିଥିଲେ । ଦୁର୍ବୃତମାନେ ଗ୍ରାହକ ସେବା କେନ୍ଦ୍ରର ଭିତର ପାଶ୍ୱର୍ରୁ କବାଟ ବନ୍ଦ କରିଦେବା ସହିତ





ସମୀରଙ୍କୁ ମରଣାସ୍ତ୍ର ଦେଖାଇ ପାଇଖାନା ମଧ୍ୟରେ ବନ୍ଦ କରି ରଖିଦେଲେ। ସେବା କେନ୍ଦ୍ରରେ ରହିଥିବା ୧୫ ହଜାର ଟଙ୍କା, ମୋବାଇଲ, ମନିପର୍ସ, ବାୟୋମେଟ୍ରିକ ଡିଭାଇସ ଓ କଳାରଙ୍ଗର ଏକ କାନ୍ଧବ୍ୟାଗ ନେଇ କୌଶଳକ୍ରମେ ପଳାଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କର କୌଣସି ସୁରାକ ପାଇନଥିଲେ। ବହୁ ଖୋଜାଖୋଜି ପରେ ପୋଲିସ କନ୍ତିମିଳି ରାସ୍ତାରୁ ସମୀରଙ୍କର ମୋବାଇଲକୁ ଜବତ କରିବା ସହିତ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।ସ୍ପଷ୍ଟ ଦିବାଲୋକରେ ଏଭଳି ଚୋରିକୁ ନେଇ ସର୍ବସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗତକାଲି ସେହି ଅଞ୍ଚଳରେ ଦିନବେଳେ ଅନ୍ୟ ଏକ ଗାଁରେ ଘରେ ପଶି ଚୋରିକରିନେଇଥିବା ମଧ୍ୟ ଅଭିଯୋଗ ହୋଇଛି।

## ରଣାସାପ ଉଦ୍ଧାର



ଭୁବନ,୨୭ ।୮ (ସମିସ) : ସ୍ଥାନୀୟ ଭୁବନ କୃଷି କାର୍ଯ୍ୟାଳୟରୁ ବିରଳ ରଣା ସାପ ଉଦ୍ଧାର ହୋଇଛି । ରଣା ସାପଟି ରାତ୍ରିଚର ଓ ଅଧିକ ବିଷଧର ହୋଇଥିବା ବେଳେ କେହିକେହି ଏହାକୁ ସଂଙ୍ଖମୁଠିଆ ରଣା କହୁଛନ୍ତି। ତେବେ ସାପଟିକୁ ସୁରକ୍ଷିତ ଭାବେ ସ୍ଥାନୀୟ ଭର୍ତ୍ତି ପାହାଡରେ ଛାଡି ଦିଆଯାଇଥିବା ବେଳେ ବନ୍ୟା ପରେ ପରେ ସ୍ଥାନୀୟ ଅଞ୍ଚଳରେ ବହୁ ମାତ୍ରାରେ ବିଷଧର ସାପ ମାନଙ୍କୁ ଦେଖିବାକୁ ମିଳିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ପରଜଙ୍ଗ,୨୭ ।୮ (ସମିସ) : ପରଜଙ୍ଗ ଥାନା ହାତୀଲୁଚାଣୀ ଗ୍ରାମ ସତ୍ ସଂଘ ଘର ନିକଟରେ ଥିବା ଆମ୍ବ ତୋଟାରୁ ଏକ ଗଛ ରେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହାତୀଲୁଚାଣୀ ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ସାନ ପୁଅ ହୁମାୟନ ନାୟକ(୪୦) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରୁ ହୁମାୟନ ଘରୁ କେଉଁ ଆଡେ ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଆଜି ଖୋଜାଖୋଜି କରିବା ପରେ କିଛି ଲୋକ ତାଙ୍କୁ ଆମ୍ବ ତୋଟାନିକଟରେ ଛୋଟ ଗଛରେ ଏକ କପଡ଼ାରେ ଝୁଲନ୍ତା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ପରଜଙ୍ଗ ଥାନାରେ ଖବର ଦେଇଥିଲେ। ଘଟଣାସ୍ଥଳରେ ପରଜଙ୍ଗ ଥାନାଅଧିକାରୀ ସୁବ୍ରତ କୁମାର ସାହୁ,ଉପନୀରକ୍ଷକ ଦେବଗ୍ରାହୀ ମହାନ୍ତି,ଜଳନ୍ଧର ବାରିକ, ଯୋଫେସ ପଟ୍ଟନାୟକ ଓ ପୋଲିସ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଖେଲୋ ଇଣ୍ଡିଆ ଡାଏଲଗ୍ - ଯୁବ କନେକ୍ଟ କାର୍ଯ୍ୟକ୍ରମ




ଢେଙ୍କାନାଳ,୨୭।୮ (ସମିସ) : ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସହ-ୟୁନିଟ୍ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଡାଏଲଗ୍ - ଯୁବ କନେକ୍ଟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱର, ଓଡ଼ିଶା ସରକାର, ମାଇଁ ଭାରତ ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ମିଳିତ ସହଯୋଗରେ ଏହି ଉଚ୍ଚସ୍ତରୀୟ ଯୁବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସୀ ମାଧ୍ୟମରେ ସମ୍ବୋଧନ ମୁଖ୍ୟ ଆକର୍ଷଣ ଥିଲା । ସେ ଯୁବସମାଜକୁ ଦେଶର ପ୍ରଗତି ପାଇଁ ଫିଟ୍‌ନେସ୍, କ୍ରୀଡ଼ା ଶୃଙ୍ଖଳା ଏବଂ କ୍ରୀଡ଼ା ସଂସ୍କୃତିକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବରାଳ ସର୍ବାଙ୍ଗୀନ କ୍ରୀଡ଼ା ବିକାଶରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ପ୍ରମୁଖ ଅତିଥି ଭାବେ ଦୟାନିଧି ପାତ୍ର, ଡଃ ରବର୍ଟ ୱିଲସନ୍ ଭଦ୍ରା ଏବଂ ମାଇଁ ଭାରତ ଓଡିଶାର ଉପନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂହ ଉପସ୍ଥିତ ଥିଲେ। ଏହି ମଞ୍ଚରେ ସ୍ଥାନୀୟ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପାରା-ବ୍ୟାଡମିଣ୍ଟନ୍‌ରେ ବିଭୁସିନ୍ଧୁ ବାରିକ, ୱେଟଲିଫ୍ଟିଂରେ ବିଧୁସ୍ମିତା ଭୋଇ ଓ କିକ୍ ବକ୍ସିଂରେ ବିଶ୍ୱଜିତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କୃତୀ କ୍ରୀଡ଼ାବିତ୍‌ମାନେ ନିଜ ନିଜର ଜୀବନ ଯାତ୍ରା ବିଷୟରେ ଆଲୋଚନା କରି ପ୍ରତିଯୋଗିତା ମୂଳକ ସଫଳତା ଏବଂ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଉଭୟ ପାଇଁ କ୍ରୀଡ଼ାକୁ ଆପଣାଇବାକୁ ଉପସ୍ଥିତ ଶ୍ରୋତାମାନଙ୍କୁ ପ୍ରେରଣା ଦେଇଥିଲେ। ଦିନସାରା ଚାଲିଥିବା ଏହି ଆଲୋଚନାଚକ୍ରରେ ସୀନିୟର ଅଧ୍ୟାପକ, କର୍ମଚାରୀ, କ୍ରୀଡ଼ା ବ୍ୟକ୍ତିତ୍ୱ, ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

## ହଜରତ ମହମ୍ମଦଙ୍କ ସ୍ମୃତିରେ ଧର୍ମସଭା

ଢେଙ୍କାନାଳ,୨୭ ।୮ (ସମିସ) : ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଗ୍ରାମସ୍ଥିତ ଅହମଦିୟା ମୁସଲିମ ଜାମେ ମସଜିଦ ପ୍ରାଙ୍ଗଣରେ ଆଧ୍ୟାତ୍ମିକ ପରିବେଶରେ ଧର୍ମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହଟି ସମୁଦାୟର ଉପସଭାପତି ଇଦରିସ ଖାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ପ୍ରଥମେ ପବିତ୍ର କୁରାନର




ତିଲାୱତରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ, ପରେ ନାଆତ୍, ନଜମ ଏବଂ କବିତା ପାଠ ଦ୍ୱାରା ହଜରତ ମୁହମ୍ମଦଙ୍କ ପ୍ରତି ଅପାର ଭକ୍ତିଭାବ ପ୍ରକାଶ ପାଇଲା। ମୁଖ୍ୟ ବକ୍ତା ମୌଲବୀ ମୁଜାଫର ଖାଁ ଓ ମୌଲବୀ ଜଲାଲ ଉଦ୍ଦିନ ଖାଁ, ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନୀ ଉପରେ ଆଲୋକପାତ କରି, ତାଙ୍କର ତ୍ୟାଗ, ଧୈର୍ଯ୍ୟ, କରୁଣା ଏବଂ ସମାନତାର ଉଦାହରଣଗୁଡ଼ିକୁ ସଭାସଦଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେମାନେ କହିଥିଲେ, ହଜରତ ମୁହମ୍ମଦଙ୍କ ଜୀବନ ମାନବଜାତି ପାଇଁ ଏକ ସଦାଜୀବନ୍ତ ପ୍ରେରଣା, ଯାହାଠାରୁ ଆମେ ସମସ୍ତେ ନୈତିକ ଜୀବନର ପଥଚଳାରେ ଶିଖିବା ଦରକାର। ଅଧ୍ୟକ୍ଷୀୟ ଭାଷଣରେ ସଭାପତି ପୈଗମ୍ବରଙ୍କୁ 'ରହମତୁଲ୍ଲିଲ୍ ଆଲାମୀନ୍' ସମଗ୍ର ବ୍ରହ୍ମାଣ୍ଡ ପାଇଁ କରୁଣାର ପ୍ରତିକ ବୋଲି ବର୍ଣ୍ଣନା କରି, ତାଙ୍କ ଜୀବନର ଅବିସ୍ମରଣୀୟ ଅଧ୍ୟାୟଗୁଡ଼ିକୁ ସବିସ୍ତାର ସ୍ମରଣ କରିଥିଲେ। ଏହି ଧର୍ମ ସଭାରେ ଅହମଦିୟା କୋଷାଧ୍ୟକ୍ଷ ଅୟୁବ ଖାଁ, ଯୁବ ସଂଗଠନର ଅଧ୍ୟକ୍ଷ ସୋଲେମନ ଖାଁ, ପୁର୍ବତନ ଅଧ୍ୟକ୍ଷ ମହମୁଦ ଖାଁ, ସଲିମ୍ ଉଦ୍ଦିନ ଖାଁ, ଭାରତୀୟ ସେନାର ଜବାନ ତୋରାବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଦ୍ଧ ବଳରାମଜିଉଙ୍କ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ



ଢେଙ୍କାନାଳ,୨୭।୮ (ସମିସ) : ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ପବିତ୍ର ବଳଭଦ୍ର ଜନ୍ମ ଓ ରକ୍ଷା ବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମନ୍ଦିରରେ ମଙ୍ଗଳ ଆଳତି, ମହାପ୍ରଭୁଙ୍କ ସ୍ନାନ ନୀତି, ନୂତନ ବସ୍ତ୍ର ପରିଧାନ, ତୁଳସୀ ହାର ଓ ପୁଷ୍ପ ହାର ଲାଗି କରାଯାଇଥିଲା। ଏହାପରେ ଶ୍ରୀଜିଉଙ୍କୁ ସୁବର୍ଣ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ପରେ ବଲ୍ଲଭ ଭୋଗ ଲାଗି କରାଯାଇଥିବା ବେଳେ ସକାଳ ପ୍ରାୟ ୧୦ଟା ସମୟରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ମଙ୍ଗଳା ଅର୍ପଣ ପୂଜା, ଜନ୍ମ ପୂଜା ଓ ଅନ୍ନଧୂପ ନୀତି ସମ୍ପନ୍ନ ହେବା ପରେ ସନ୍ଧ୍ୟାରେ ଆଳତି ଏବଂ ଶେଷରେ ପହଡ଼ ନୀତି ଅନୁଷ୍ଠିତ ହେବ । ପୂଜକ ମଳୟକର, ମନସୁମନ୍ ମିଶ୍ର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର ଓ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଶ୍ରୀବଳଭଦ୍ରଙ୍କ ଜନ୍ମ ଉତ୍ସବର ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଉତ୍ସବକୁ ନେଇ ମନ୍ଦିର ପରିସରରେ ଭକ୍ତଙ୍କ ମଧ୍ୟରେ ବେଶ୍ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।

## ଚା' କପ୍‌ରେ ମହଙ୍ଗା ମାଡ଼: ୫ ଟଙ୍କାରୁ ବଢ଼ି ହେଲା ୮ ଟଙ୍କା

ହିନ୍ଦୋଳ,୨୭ ।୮ (ସମିସ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଭଳି ଏକ ବଣପାହାଡ଼ ଘେରା ଅଞ୍ଚଳରରେ, ଶତକଡା ୮୦ ଭାଗ ଲୋକ ଚାଷ ଏବଂ କୃଷି ଯାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ସକାଳ ପାହିଲେ ଏଠି ସାଧାରଣ ଲୋକଙ୍କ ପ୍ରଥମ ପସନ୍ଦ ଚା କପେ ପିଇବା। ହେଲେ ଦେଶରେ ହୋଇଥିବା ମାହାଙ୍ଗା ମାଡ଼ରେ. ପୂର୍ବରୁ ଉପଖଣ୍ଡରେ ଚା କପ ଟି ୫ ଟଙ୍କା ଦେଇ ସାଧାରଣ ଲୋକ ଗ୍ରହଣ କରୁଥିବା ବେଳେ ଏବେ ଏକା ଥରକେ ୮ ଟଙ୍କା ଦେବାକୁ ପଡ଼ିଛି। ଯାହା ଫଳରେ ସାଧାରଣ ଲୋକଟିଏ ସକାଳୁ ଚା କପେ ପିଇବା ପାଇଁ ସାହସ କରିପାରୁନାହାନ୍ତି। ଅହେତୁକ ଦରଦାମ ବୃଦ୍ଧିରେ ଚା କପ ଏବେ ଅଧିକ ତତଲା ହୋଇଯାଇଛି ବୋଲି ସାଧାରଣ ରେ ଆଲୋଚନା ହେଉଛି। ଦରଦାମ ବୃଦ୍ଧି ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିଛି। ଲୋକଙ୍କ ଦୈନନ୍ଦିନ ଜୀବନ ଆରମ୍ଭ ହେଉଥିବା ଚା କପ ଏଥିରୁ ବାଦ ପଡ଼ିନାହିଁ। ଚା, ଚିନି, କ୍ଷୀର ଓ ଗ୍ୟାସ ମୂଲ୍ୟ ଏବେ ପ୍ରାୟ ୨ ଗୁଣ ଅତିକ୍ରମ କରିଛି। ଫଳରେ ଚା ଟିକେ ପିଇବା ପାଇଁ ତତଲା ଚା କପ ଲୋକଙ୍କୁ ପଣିଆ ଓ ନିରାଶ କରିଛି। ୨ ମାସ ପୂର୍ବରୁ ଚିନି କିଲୋ ୪୫ ଟଙ୍କା ତହିଁଥିବା ବେଳେ ଏବେ ଚିନି କେଉଁଠି ୬୫ ତ କେଉଁଠି ୭୦ ଛୁଇଁଛି। ପ୍ରାୟ ମାସକ ମଧ୍ୟରେ ଚିନି ମୂଲ୍ୟ ଶତକଡା ୪୦% ବୃଦ୍ଧି ପାଇଛି। ବର୍ଷକ ମଧ୍ୟରେ କ୍ଷୀର ଲିଟର ୪୮ ଟଙ୍କାରୁ ୬୨ ଟଙ୍କା ବୃଦ୍ଧି ପାଇଥିବା ବେଳେ ଚା କେଜି ମଧ୍ୟ ୩୫୦ ଟଙ୍କା ଅତିକ୍ରମ କରିଛି। ଏପରି ସ୍ଥିତିରେ ଦୈନିକ ୩ କପରୁ ଉର୍ଦ୍ଧ ପିଉଥିବା ଚା ଏବେ କପେ ପିଇବାକୁ ବି ସାହସ କରିପାରୁନାହାନ୍ତି। ଏବେ ଚା ସାଙ୍ଗକୁ ବିସ୍କୁଟ ଓ ଅନ୍ୟାନ୍ୟ ଜିନିଷ ଦର ବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କ ଜୀବନ ଯାତ୍ରାକୁ ଅସ୍ତ ବ୍ୟସ୍ତ କରିଦେଇଛି।

## ଇଦ୍-ମିଲାଦ୍-ଉନ୍-ନବି

ଢେଙ୍କାନାଳ,୨୭।୮ (ସମିସ) : ପବିତ୍ର ଇଦ୍- ମିଲାଦ୍-ଉନ୍-ନବି ମହାପୁରୁଷ ମହମ୍ମଦଙ୍କ ଜନ୍ମ ବାର୍ଷିକ ଇସ୍‌ଲାମିକ୍ ଧର୍ମାବଲମ୍ବୀ ପକ୍ଷରୁ ଅତି ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଛି ।ପବିତ୍ର ଇଦ୍- ମିଲାଦ୍-ଉନ୍-ନବି ପାଳନ ଉଦ୍ଦେଶ୍ୟରେ ବହୁ ସଂଖ୍ୟାରେ କୁନି କୁନି ପିଲା, ବୃଦ୍ଧା ଏବଂ ଯୁବ ସମାଜ କାଂଚନ ବଜାର ସ୍ଥିତ ସୁନ୍ନି ମୋତି ମସଜିଦ୍ ଠାରେ ଏକତ୍ରୀତ ହୋଇଥିଲେ। ମସଜିଦ୍‌ର ଇମାମ୍ ସାହେବ ପ୍ରଫେଟ ମହମ୍ମଦଙ୍କର ବାଣୀ ପାଠ କରି ଶୋଭା ଯାତ୍ରା ଆରମ୍ଭ କରିଥିଲେ । ଶୋଭାଯାତ୍ରାରେ ପବିତ୍ର ଭକ୍ତି ଗୀତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଉପସ୍ଥାପନା କରାଯିବା ସହ ସଭିଙ୍କୁ ମିଠା, ଚକୋଲେଟ୍, ଟିଫିନ୍ ଏବଂ ସର୍ବତ୍ ବଂଟନ କରାଗଲା । ଏହି ସୁନ୍ଦର ଶୋଭାଯାତ୍ରା ମୋତି ମସଜିଦ୍ ଠାରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ଦେଇ ଗଣେଶ ବଜାର ଠାରୁ ଶାସନ ଛକ ପହଁଚି ସାହି ବସ୍ତି ପରିକ୍ରମା କରି ମୋତି ମସଜିଦ୍ ଠାରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରା ମସଜିଦ୍‌ର ଇମାମ୍ ସାହେବଙ୍କ ସଭାପତିତ୍ୱରେ ଆୟୋଜିତ ହୋଇ ଜାହିର୍ ମହମ୍ମଦ୍ ସଭାପତି, କଲିମ୍ ଖାନ୍ ସମ୍ପାଦକ, ସାଗୀର ମହମ୍ମଦ୍, ମହମ୍ମଦ୍ ସଲ୍ଲାଉଦ୍ଦିନ୍, ନଜରୁଲ୍ ଇସଲାମ୍, ଅଫ୍‌ତାର୍ ମହମ୍ମଦ୍, ମହମ୍ମଦ୍ ଆଖୋରୁଦ୍ଦିନ, ସର୍ଫରାଜ୍ ଅଲି, ନସିବ ଖାନ୍ ଏବଂ ମୁସଲମାନ୍ ଯୁବ ସମାଜଙ୍କ ସହଯୋଗରେ ସମାପ୍ତ ହୋଇଥିଲା।

## ହାତୀ ଆକ୍ରମଣରେ ଆହତ ନାବାଳିକାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପରଜଙ୍ଗ,୨୭ ।୮ (ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ରଙ୍ଗଥଳୀ ବିଟ୍ ତଥା ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ ସରକିଶୋରପାଳ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ହାତୀ ଆକ୍ରମଣରେ ଜନୈକ ନାବାଳିକା ଗୁରୁତର ଆହାତ ହୋଇଥିଲେ । ତାଙ୍କୁ ପରିବାର ସଦସ୍ୟ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ ।ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରିତ କରାଯାଇଥିଲା ।ସେଠାରେ ଚିକିତ୍ସାଧିନ ସମୟରେ ତାଙ୍କର ମୃତ୍ୟୁ ଘଟିଛି । ସରକିଶୋର ଗ୍ରାମର ବିଷ୍ଣୁ ନାଏକଙ୍କ ଝିଅ ଦେବଯାନୀ ନାଏକ ୧୫ ବର୍ଷ ବୋଲି ଜଣାପଡିଛି। ମୃତକ ଦେବଯାନୀ ମଙ୍ଗଳବାର ବିଳମ୍ବିତ ରାତିରେ ଉଠି ଘର ବାହାରକୁ ଆସୁଥିବା ସମୟରେ ଜଗି ରହିଥିବା ହାତୀ ତାଙ୍କୁ ଆକ୍ରମଣ କରିଥିଲା । ଝିଅର ଚିତ୍କାର ଶୁଣି ପରିବାର ଓ ପୋଡଶୀ ଲୋକ ମାନେ ହାତୀକୁ ଘଉଡାଇବା ସହିତ ଦେବଯାନୀଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ରଙ୍ଗଥଳୀ ବିଟ୍ ବନପାଳ ଅମିତ୍ କୁମାର ରାଉତ ପହଞ୍ଚି ଗୁରୁତର ଅବସ୍ଥାରେ ଦେବଯାନୀଙ୍କୁ ପ୍ରଥମେ ମଣ୍ଡାପାଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ବୁଧବାର ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତକ ନାବାଳିକାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଶବକୁ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ନର୍ଦ୍ଦମା ନାଏକଙ୍କ ତତ୍ୱାବଧାନରେ ମହାବିରୋଡ ବନାଞ୍ଚଳ ଅଧିକାରୀ ପହଞ୍ଚି ମୃତକ ପରିବାରକୁ ଦଶାହ କର୍ମ ପାଇଁ ୧ ଲକ୍ଷ ଏବଂ ୧୫ ଦିନ ମଧ୍ୟରେ ୯ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ହାତୀଟି ଶବ ଦାହ ସମୟରେ ଉପଦ୍ରବ ଯୋଗୁଁ ନାହଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ଗାଁ ଲୋକଙ୍କୁ ପଡ଼ିଛି। ବନବିଭାଗଙ୍କ ଉପସ୍ଥିତିରେ ସମସ୍ତ କର୍ମ ହୋଇଥିଲା। ଉକ୍ତ ହାତୀକୁ ଜନବସତି ଠାରୁ ଘଉଡାଇବା ପାଇଁ ସରପଞ୍ଚ ଶ୍ରୀମତୀ ନାଏକ ଦାବି କରିଛନ୍ତି।

## ହିନ୍ଦୋଳ କଲେଜରେ 'ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟସ-ଏଡିସନ୍'




ଖଜୁରିଆକଟ.୨୭।୮ (ସମିସ): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ସ୍ମାର୍ଟ କ୍ଲାସରେ ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟସ - ଏଡିସନ୍ ଅନୁଷ୍ଠିତ ହୋଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଜୟନ୍ତ ନାରାୟଣ ପତି ପୌରହିତ୍ୟ କରି ଆନ୍ତର୍ଜାତୀୟ କ୍ଷେତ୍ରରେ କ୍ରିଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହେଲେ ଦେଶ ଦେଶ ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପନ ହେବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଜାତୀୟ କ୍ରୀଡ଼ା ଦିବସରେ ଢ଼େଙ୍କାନାଳ କାଣ୍ଡବିନ୍ଧାର ଖେଳ ଇଣ୍ଡିଆ କୋଚ୍ ସନ୍ଦୀପ ଶ୍ରୀଚନ୍ଦନ ସାହୁ ଓ ମୋ ଭାରତ ପୋର୍ଟାଲ, ହିନ୍ଦୋଳ ୟୁଉନିଟ୍ ର ଜ୍ଞାନରଞ୍ଜନ ନାଠି ବିଷୟ ଭିତ୍ତିକ ବିଶେଷଜ୍ଞ ଭାବେ ଯୋଗ ଦେଇ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀରେ କିଭଳି ପାଳନ କରାଯିବ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ କ୍ରୀଡ଼ାବିତ୍‌ମାନେ କ୍ରୀଡ଼ାରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କରିବା ସହ ଦେଶର ଗୌରବ ବୃଦ୍ଧି କରିବା ଉତ୍ତମ ଖେଳାଳିଙ୍କ ପ୍ରଧାନ ଲକ୍ଷ୍ୟ ହେବା ଉଚିତ୍ ବୋଲି ମାର୍ଗ ଦର୍ଶନ ଦେଇଥିଲେ। ସକାଳ ୧୦ ଘଟିକା ସମୟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିର୍ଚୁଆଲ୍ ଜରିଆରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସମ୍ବୋଧିତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବତାରଣା କରିଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ "ଯୁବ ସମ୍ବାଦ' ଆୟୋଜନ କରାଯିବା ସହିତ ବିଗତ ୧୨ ବର୍ଷ ମଧ୍ୟରେ ଦେଶରେ କିଭଳି କ୍ରୀଡ଼ା କ୍ଷେତ୍ରରେ ଅଗ୍ରଗତି ହୋଇଛି ସେ ସମ୍ବଧରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗତ୍ତମର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ, ଶିକ୍ଷା ବିଭାଗର ଅଧ୍ୟାପିକା ସୁଚିତ୍ରା ସାମଲ, କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ଜେନାମଣି, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଏନ୍‌ସିସି ଅଫିସର ବ୍ରଜକିଶୋର ବେହେରା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ବିଶ୍ୱରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗ ଜୁଟ୍ ପ୍ରଡକ୍ଟସ୍ କାରଖାନା ବିରୋଧରେ ଶ୍ରମିକ ସଂଘର ଅଭିଯୋଗ

ଢେଙ୍କାନାଳ,୨୭ ।୮ (ସମିସ)



ସ୍ଥାନୀୟ କଳିଙ୍ଗ ଝୁଟ୍ ପ୍ରଡକ୍ଟସ୍ କାରଖାନା ବିରୋଧରେ ଶ୍ରମିକ ସଂଘ ପକ୍ଷରୁ ପ୍ରଶାସନ ନିକଟରେ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରାଯାଇଛି । ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାର ଚୁକ୍ତିନାମାର ସମାଧାନ ନକରି ଏବଂ ଶ୍ରମିକଙ୍କ ବକେୟା ଇପିଏଫ୍ ପୈଠ ନକରି କାରଖାନା ଚଳାଇବାକୁ ଧମକ ଦିଆଯାଉଥିବାର ସଂଘ ଅଭିଯୋଗ କରିଛି। ଏହି ଦାବି ପୂରଣ ନହେଲେ କଳିଙ୍ଗ ଝୁଟ୍ ପ୍ରଡକ୍ଟସ୍ ଲେବର ୟୁନିୟନ ପକ୍ଷରୁ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛି। ଏ ନେଇ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଗତ ଜାନୁଆରୀ ୬ ତାରିଖରୁ କାରଖାନାରେ ତାଲାବନ୍ଦ ରହିଛି। ଚୁକ୍ତିନାମାକୁ ୧୧ ମାସ ବିତିଥିଲେ ମଧ୍ୟ ଏହାର ସମାଧାନ ହୋଇନାହିଁ। ଏହା ସହିତ ଶ୍ରମିକଙ୍କ ୭ ମାସର ଇପିଏଫ୍ ପୈଠ ହୋଇନଥିବା ଅଭିଯୋଗ କରିଛି ସଂଘ,ତାଲାବନ୍ଦ ଉଠାଯାଇନଥିବା ସତ୍ତ୍ୱେ ବାହାର ଶ୍ରମିକଙ୍କୁ ନେଇ କାରଖାନା ଭିତରେ ମେସିନ୍ ମରାମତି କରାଯାଇଥିବା ମଧ୍ୟ ସଂଘ ଅଭିଯୋଗ କରିଛି। ଏହା ସହିତ କାରଖାନା ସମ୍ପର୍କିତ ବିବାଦରେ ଜିଲା ଶ୍ରମ ଅଧିକାରୀ ଶ୍ରମିକଙ୍କ ସ୍ୱାର୍ଥ ବିରୋଧରେ କାରଖାନା କର୍ତ୍ତୃପକ୍ଷଙ୍କୁ ସମର୍ଥନ କରୁଥିବା ସଂଘ ଅଭିଯୋଗ କରିଛି। ଶ୍ରମିକଙ୍କ ବକେୟା ଇପିଏଫ୍ ପୈଠ, ଚୁକ୍ତିନାମାର ସମାଧାନ ଏବଂ କାରଖାନା ପରିଚାଳନା ସମ୍ପର୍କିତ ବିବାଦର ଆଇନସମ୍ମତ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରୁ ବୋଲି ସଂଘ ଦାବି କରିଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସମୁଦ୍ରରେ ଜାହାଜ ବୁଡ଼ି ଘଟଣା

# ପାରାଦୀପରେ ପହଞ୍ଚିଲେ ଉଦ୍ଧାର ୨ କ୍ରିୟୁ ମେମ୍ବର

ପାରାଦୀପ, ୨୭।୮ (ସମିସ)

ମଝି ସମୁଦ୍ରରେ ପଣ୍ୟବାହୀ ଜାହାଜ 'ଏମଭି ଓସେନ ୱିନର' ବୁଡିଯିବା ଘଟଣା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଜାହାଜ ବୁଡ଼ିବା ପରେ ୨୪ କ୍ରିୟୁ ମେମ୍ବର (ନାବିକ) ନିଖୋଜ ଥିବାବେଳେ ଦୁଇ କ୍ରିୟୁ ମେମ୍ବରଙ୍କୁ ଉଦ୍ଧାର କରାଯାଇଥିଲା। ତେବେ





ସେହି ଉଦ୍ଧାର ଦୁଇ କ୍ରିୟୁ ମେମ୍ବର ଆଜି ଆସି ପାରାଦୀପରେ ପହଞ୍ଚିଛନ୍ତି। ଉଦ୍ଧାର ହୋଇଥିବା ୨ କ୍ରିୟୁ ମେମ୍ବର କୋଷ୍ଟଗାର୍ଡ ଜାହାଜ "ଭରଦ'ରେ ପାରାଦୀପରେ ଆସି ପହଞ୍ଚିଛନ୍ତି। ଜାହାଜରେ ଇମିଗ୍ରେସନର ସ୍ୱତନ୍ତ୍ର ଟିମ୍, ପାରାଦୀପ ଅତିରିକ୍ତ ଏସପି ଆଜିଙ୍କ୍ୟ ମାଣେ ଓ ସିଆଇଏସ୍ଏଫ ଅଧିକାରୀ ପହଞ୍ଚି ପ୍ରାଥମିକ ଯାଞ୍ଚ ପରେ ଉଭୟଙ୍କୁ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଇମିଗ୍ରେସନ ଅଫିସ୍ ପକ୍ଷରୁ ଉଦ୍ଧାର ଦୁଇ ନାବିକଙ୍କୁ ଜାହାଜର ଏଜେନ୍ସିକୁ ହସ୍ତାନ୍ତର କରାଯିବ ଓ ଏଜେନ୍ସି ସେମାନଙ୍କୁ କୋଲକାତା ନେବ, ସେଠାରୁ ସେମାନଙ୍କୁ ଚାଇନା ଦୂତାବାସ ସହିତ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯିବ। ଏବେବି ଜାହାଜର ୨୨ କ୍ରିୟୁ ସଦସ୍ୟ ନିଖୋଜ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ଚାଇନାର ଦୁଇଟି ଜାହାଜ ଓ ନ୍ୟାଭିର ଦୁଇଟି ଏୟାରକ୍ରାଫ୍ଟ ସହିତ କୋଷ୍ଟଗାର୍ଡର ଗୋଟିଏ ଜାହାଜ। ୨୨ ତାରିଖରେ ଏମଭି ଓସେନ ୱିନର ଶ୍ରୀବିଜୟାପୁରମ୍ ପାରାଦୀପର ପ୍ରାୟ ୨୩୦ ନଟିକାଲ୍ ମାଇଲ୍ ଦକ୍ଷିଣ-ପୂର୍ବରେ ବଙ୍ଗୋପସାଗରରେ ପାନାମା ପତାକା ଲାଗିଥିବା ଏହି ଏମଭି ଓସେନ ୱିନର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ୨୨୫ ମିଟର ଲମ୍ବା ଓ ୩୨ ମିଟର ଚଉଡା ଏହି ଜାହାଜଟି ୭୧,୦୦୦ ମେଟ୍ରିକ୍ ଟନ୍ ଲୁହା ପଥରରେ ନେଇ ପାରାଦୀପରୁ ସିଙ୍ଗାପୁର ଅଭିମୁଖେ ଯାତ୍ରା କରୁଥିଲା। ଜାହାଜରେ ୨୪ ଜଣ କ୍ରୁ (୨୦ ଜଣ ଚୀନ୍, ୩ ଜଣ ମିଆଁମାର ଓ ୧ ଜଣ ବାଂଲାଦେଶୀ) ଥିଲେ। ଭାରତୀୟ ନୌସେନା ଓ ଅନ୍ୟାନ୍ୟ ସାମୁଦ୍ରିକ ଏଜେନ୍ସି ସହିତ ଘନିଷ୍ଠ ସମନ୍ୱୟରେ ଆଇସିଜିର ଜାତୀୟ ସାମୁଦ୍ରିକ ଏସ୍ଏଆର ସେବା ପ୍ରଦାନକାରୀ ଏକ ବ୍ୟାପକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏକ ଭାରତୀୟ ନୌସେନା ବିମାନକୁ ଆକାଶ ନିରୀକ୍ଷଣ ପାଇଁ ସ୍ଥାନାନ୍ତର କରିଥିଲେ। ୨୨ରେ ଗୋଟିଏ ଲାଇଫ୍ ରାଫ୍ଟରୁ ଦୁଇଜଣ ବଞ୍ଚିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସେମାନେ ଚୀନ୍ ନାଗରିକ ବୋଲି ଜଣାପଡ଼ିଥିଲା। ୨୭ରେ ଉଦ୍ଧାର ହୋଇଥିବା ଦୁଇ କ୍ରିୟୁ ମେମ୍ବରଙ୍କୁ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜରେ ସୁରକ୍ଷିତ ଭାବେ ପାରାଦୀପ ଅଣାଯାଇଥିଲା। ଉଦ୍ଧାର ହୋଇଥିବା ଲୋକଙ୍କୁ ବାଟରେ ଚିକିତ୍ସା କରାଯାଇଥିଲା। ଉଦ୍ଧାର ହୋଇଥିବା ଚାଇନାର ଦୁଇଜଣ କର୍ମଚାରୀ ହେଲେ ପାନ୍ ଟୋଙ୍ଗଲାଇ ଏବଂ ଚେନ୍ ଜିଆନହେ।

**ବନ୍ଦର ହସ୍ପିଟାଲରେ ହେଲା ସ୍ୱାସ୍ଥ୍ୟ ପରୀକ୍ଷା**

# ମାହାଳହାଟ ଜଗନ୍ନାଥ ମନ୍ଦିରରେ ଗହ୍ମାପର୍ବ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ତାରପୁର ନିକଟସ୍ଥ ମାହାଳହାଟ ମୁଗୁରିଆ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ଗହ୍ମାପର୍ବ ପାଳନ କରାଯାଇଛି। ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଉପଲକ୍ଷେ ଗୁରୁବାର ସକାଳୁ ସେବାୟତଙ୍କ ସହ ଗ୍ରାମବାସୀ ସଂକୀର୍ତ୍ତନ କରି ନିକଟସ୍ଥ ମାର୍କଣ୍ଡେୟ ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ପୁଷ୍କରିଣୀରୁ ମାଟି ସଂଗ୍ରହ କରି ମୂର୍ତ୍ତି କାରିଗରଙ୍କ ଦ୍ୱାରା ବଳଭଦ୍ର ଦେବଙ୍କ ପିତୁଳା ଗଢାଯାଇଥିଲା। ଉକ୍ତ ପିତୁଳାକୁ କର୍ତ୍ତା ବିଭୂତି ଭୂଷଣ ସ୍ୱାଇଁ ମୁଣ୍ଡରେ ରଖି ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। ମାଟିରେ ନିର୍ମିତ ପିତୁଳାକୁ ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ଗର୍ଭଗୃହ ମଣ୍ଡପକୁ ବିଜେ କରାଯାଇଥିଲା। ଶୁକ୍ରବାର ଉକ୍ତ ପିତୁଳାକୁ ବିସର୍ଜନ କରାଯିବ ବୋଲି କର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ଏ ଅବସରରେ ଦିନତମାମ ମନ୍ଦିରରେ ଭଜନ କୀର୍ତ୍ତନ ଲାଗି ରହିବା ସହ ପ୍ରବଳ ଜନଗହଳି ଲାଗି ରହିଥିଲା। ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ତିନି ଠାକୁରଙ୍କୁ ଝୁଲଣ ବେଦୀକୁ ନିଆଯାଇ ଉପଚାର କରାଯାଇଥିଲା। ଗଗନ ପୁହାଣ, ପବିତ୍ର ପରିଜା, ରମାକାନ୍ତ ମଲ୍ଲଙ୍କ ସହ କମିଟି ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ଜଗତସିଂହପୁର,୨୭।୮ (ସମିସ): ଜଗତସିଂହପୁର ସହରର ବଡ଼ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କୁମାର



ଖୁଣ୍ଟିଆ ଓ ଆଚାର୍ଯ୍ୟ ସୁରେନ୍ଦ୍ର ନାଥ ମହାନ୍ତି, ବିଶ୍ୱମ୍ବର ଦାସ ଓ ପ୍ରକାଶ କୁମାର ମୁଦୁଲି, ଅନ୍ୟ ଗୁରୁଜୀ ଗୁରୁମାଙ୍କ ଉପସ୍ଥିତିରେ କୁନି କୁନି ଭଉଣୀ ରାକ୍ଷୀ ବାନ୍ଧି ପରମ୍ପରାକୁ ଆଗେଇ ନେଇଥିଲେ। ଆଚାର୍ଯ୍ୟା ଝରଣା ଗୁରୁମା ଓ ଶିଶୁ ଭାଇଭଉଣୀ ରକ୍ଷାବନ୍ଧନ ଉତ୍ସବ ସମ୍ବନ୍ଧରେ କଥା ରଖିଥିଲେ। ପରେ ସମସ୍ତ ଭାଇଭଉଣୀ ପରସ୍ପରକୁ ରାକ୍ଷୀବାନ୍ଧି ମିଷ୍ଟାନ ଖୁଆଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ। ପରେ ଶିଶୁ ଭାଇଭଉଣୀ ଓ ଗୁରୁଜୀ ଗୁରୁମା ସହରର ଶିଶୁ ଆଶ୍ରମ, କାରାଗାର, ଥାନା, ବଜାର ପ୍ରଭୃତି ପରିଭ୍ରମଣ କରି ରାକ୍ଷୀ ବାନ୍ଧିଥିଲେ।

# ମଠ, ମନ୍ଦିର ଜମି ଧାନ ସରକାରୀ ମଣ୍ଡିରେ ମାର୍ଫତଦାର ବିକ୍ରି କରିପାରିବେ

ଜଗତସିଂହପୁର,୨୭।୮ (ସମିସ): ଦୀର୍ଘବର୍ଷ ଧରି ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଥିବା ବିଭିନ୍ନ ମଠ ଓ ମନ୍ଦିରର ମାର୍ଫତଦାର, ପରିଚାଳନା ସମିତି ଓ ଏହି ସମ୍ପତ୍ତିରେ ଚଳୁଥିବା ପରିବାର ଚାଷ କରୁଥିବା ଜମିର ଧାନ ସରକାର ନେଉ ନ ଥିଲେ। ଯଦ୍ୱାରା ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ଜମିରୁ ଅମଳ ଧାନ ଅଭାବି ବିକ୍ରିର ଶିକାର ହେଉଥିଲା। ତେବେ ଜଗତସିଂହପୁର ଓ ନାଉଗାଁ ଅଞ୍ଚଳର କେତେକ ମନ୍ଦିର ସେବାୟତ ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ବିଧାୟକ ଶ୍ରୀ ଦାସ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ସମବାୟ ବିଭାଗ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ବିଧାୟକଙ୍କ ଚିଠି ପାଇବା ପରେ ବିଭାଗ ପକ୍ଷରୁ ଏହା ଉପରେ ତର୍ଜମା କରାଯାଇଥିଲା। ଶେଷରେ ୨୪ ତାରିଖରେ ଓଡିଶା ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କିତ ଚିଠି କରାଯାଇଛି। ଯେଉଁଥିରେ ରାଜ୍ୟରେ ଥିବା ବିଭିନ୍ନ ମଠ, ମନ୍ଦିର ଓ ଦେବୋତ୍ତର ସମ୍ପତ୍ତିର ମାର୍ଫତଦାର, ମ୍ୟାନେଜିଂ ଟ୍ରଷ୍ଟି ଓ ପରିଚାଳନା ସମିତି ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିପାରିବେ ବୋଲି ଉଲ୍ଲେଖ କରାଯାଇଛି। ଏଥିପାଇଁ ଜିଲ୍ଲା ସ୍ତରରେ ଆବେଦନ କରିବାକୁ ପଡ଼ିବ ଓ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଦେବୋତ୍ତର ବିଭାଗକୁ ସୁପାରିଶ କରାଯିବ। ଦେବୋତ୍ତର ବିଭାଗ ଅନୁମତି ପ୍ରଦାନ କରିବା ପରେ ମାର୍ଫତଦାର ଚାଷୀ ପଞ୍ଜୀକରଣ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ ବର୍ଷ ବର୍ଷ ଧରି ଅଭାବି ବିକ୍ରିର ଶିକାର ହୋଇଆସୁଥିବା ଦେବୋତ୍ତର ସମ୍ପତ୍ତିର ମାର୍ଫତଦାର ଉପକୃତ ହୋଇପାରିବେ ବୋଲି ବିଧାୟକ ଅମରେନ୍ଦ୍ର ଦାସ ଆଶାବ୍ୟକ୍ତ କରିଛନ୍ତି।

## ■ ହେଉନି ପୁଲିସ ପାଟ୍ରୋଲିଂ

# ଗନାଇଲୋ-ତଅଁରା ରାସ୍ତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକର ଗନାଇଲୋ-ତଅଁରା ରାସ୍ତା ପାଲଟିଛି ଅସାମାଜିକଙ୍କ ଆ‡ାସ୍ଥଳୀ। ସଞ୍ଜ ନଇଁଲେ ଏହି ରାସ୍ତାର ଧଳତଙ୍ଗଗଡ ଜଙ୍ଗଲ ନିକଟରେ ଅବାଧରେ ଚାଲୁଛି ଗଞ୍ଜେଇ, ମଦ ଭଳି ମାଦକ ଦ୍ରବ୍ୟ ବେପାର। ଏହି ସ୍ଥାନଟି ନିଛାଟିଆ ହୋଇଥିବାରୁ ନିଶା ଓ ନିଶାଡିଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଫଳରେ ସନ୍ଧ୍ୟା ହେଲେ ଏହି ବାଟ ଦେଇ ସ୍କୁଲ ଛାତ୍ରଛାତ୍ରୀ ଓ ଝିଅ ବୋହୂଙ୍କ ବ୍ୟତୀତ ସାଧାରଣ ଲୋକ ମଧ୍ୟ ଯିବା ଆସିବାକୁ ଭୟ କରୁଛନ୍ତି। ଅବକାରୀ ବିଭାଗ ଏସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହି ସ୍ଥାନଟି ରଘୁନାଥପୁର ବ୍ଲକ ଅଞ୍ଚଳର ହୋଇଥିଲେ ମଧ୍ୟ ତିର୍ତ୍ତୋଲ ଥାନା ଅଧୀନରେ ଆସୁଥିବା ଓ ଏହି ରାସ୍ତାରେ ଦିନେ ହେଲେ ପୁଲିସ ପାଟ୍ରୋଲିଂ ନ ହେବା ଓ ଅବକାରୀ ବିଭାଗ ନିଷ୍କ୍ରିୟତା ଯୋଗୁଁ ଏଭଳି ଅବସ୍ଥା ଉପୁଜିଛି ବୋଲି ଜିଲ୍ଲା କୃଷକ ସଂଘର ସଂପାଦକ ଇଂ ବାବାଜୀ ଜେନା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ତିର୍ତ୍ତୋଲ ଅବକାରୀ ବିଭାଗ ଉପନିରୀକ୍ଷକ ସ୍ମିତା ପଣ୍ଡା ଓ ପାରାଦୀପ ନିରୀକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ତେବେ ଏହି ଅଞ୍ଚଳଟି ରଘୁନାଥପୁର ବ୍ଲକର ହୋଇଥିବାରୁ ଏହାକୁ ରଘୁନାଥପୁର ଥାନା ଅଧୀନକୁ ଆସିବା ପାଇଁ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବାଲିତୁଠ-ଚଟୁଆ ରାସ୍ତାରେ ସ୍ପିଡ୍ ବ୍ରେକର ଦାବି



କୁଜଙ୍ଗ,୨୭।୮ (ସମିସ): ବାଲିତୁଠ-ଚଟୁଆ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାଲିତୁଠ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଯାନବାହନର ଅତ୍ୟଧିକ ବେଗ ଯୋଗୁଁ ପ୍ରତିଦିନ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ ପଡୁଛି। ବିଦ୍ୟାଳୟ ସମ୍ମୁଖରେ ହମ୍ପସ (ସ୍ପିଡ୍ ବ୍ରେକର) ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଅଳ୍ପକେ ଏଡାଯାଉଥିବାବେଳେ ଅଭିଭାବକ, ଶିକ୍ଷକ ଓ ସ୍ଥାନୀୟବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିଛି। ତୁରନ୍ତ ହମ୍ପସ ନିର୍ମାଣ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବାଲିତୁଠ ପ୍ରାଥମିକ ବିଦ୍ୟାଳୟ ଏହି ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଅଟେ। ଏଠାରେ ପ୍ରାଥମିକ ବିଦ୍ୟାଳୟ ସମେତ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ଅଛି। ଦ୍ରୁତ ଗତିରେ ବସ, ଟ୍ରକ, କାର ଓ ବାଇକ୍ ଆଦି ଦ୍ରୁତ ଗତିରେ ଚଳାଚଳ କରୁଥିବାରୁ ଛାତ୍ରଛାତ୍ରୀଙ୍କୁ ରାସ୍ତା ପାର ହେବା ଅତ୍ୟନ୍ତ ବିପଦଜନକ ହୋଇପଡୁଛି। ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ। ବିଦ୍ୟାଳୟ ସମ୍ମୁଖରେ ନା ସ୍ପିଡ୍ ବ୍ରେକର ଅଛି, ନା ସ୍କୁଲ ଜୋନ ସତର୍କତା ସୂଚକ ବୋର୍ଡ, ନା ଜେବ୍ରା କ୍ରସିଂର ସ୍ପଷ୍ଟ ଚିହ୍ନ ଅଛି। ସ୍ଥାନୀୟ ବାସିନ୍ଦା ଓ ଅଭିଭାବକ କହିଛନ୍ତି ଯେ, ପିଲାମାନଙ୍କ ସୁରକ୍ଷା ସର୍ବାଗ୍ରେ ରହିବା ଉଚିତ। ଦୁର୍ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ପୂର୍ବରୁ ପ୍ରତିରୋଧମୂଳକ ବ୍ୟବସ୍ଥା ନେବା ଆବଶ୍ୟକ। ବିଦ୍ୟାଳୟ ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ, ରମ୍ବଲ ଷ୍ଟ୍ରିପ, ସ୍କୁଲ ଜୋନ ସାଇନ ବୋର୍ଡ, ଜେବ୍ରା କ୍ରସିଂ ଓ ନିର୍ଦ୍ଦିଷ୍ଟ ସମୟରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଗଲେ ଦୁର୍ଘଟଣାର ଆଶଙ୍କା ବହୁ ପରିମାଣରେ କମି ପାରିବ। ଅଭିଭାବକ ଓ ସ୍ଥାନୀୟବାସୀଙ୍କ ଅଭିଯୋଗ ହେଉଛି ଯେ, ବାରମ୍ବାର ଦାବି ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉନାହିଁ। ଆଗାମୀ ଦିନରେ କୌଣସି ଅଘଟଣ ଘଟିବା ପୂର୍ବରୁ ପୂର୍ତ୍ତ ବିଭାଗ ଓ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ବିଦ୍ୟାଳୟ ନିକଟରେ ହମ୍ପସ ନିର୍ମାଣ ସହ ସମସ୍ତ ସଡ଼କ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଦାବି ଯୋର ଧରିଛି। ଏହି ଦାବି ପୂରଣ ହେଲେ ଶତାଧିକ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଯାତାୟତ ଅଧିକ ସୁରକ୍ଷିତ ହୋଇପାରିବ।

# ଶୁଖୁଆ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ଦାବି



କୁଜଙ୍ଗ,୨୭।୮ (ସମିସ): ଉପକୂଳ ଅଞ୍ଚଳ ଗଡକୁଜଙ୍ଗ ପଞ୍ଚାୟତରେ ଅଛି ନୋଳିଆସାହି ବସ୍ତି। ଏହି ନୋଳିଆସାହିରେ ମିଳୁଛି ଘର ତିଆରି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଶୁଖୁଆ। ଏହି ବସ୍ତିରେ ପାଖାପାଖି ଦୁଇଶହ ନୋଳିଆ ପରିବାର ବସବାସ କରୁଥିବାବେଳେ ଏମାନଙ୍କ କୌଳିକ ବୃତ୍ତି ହେଲା ଜଟାଧାର ମୁହାଣ ଓ ସମୁଦ୍ରରୁ ମାଛ ଧରିବା। ଏହି ନୋଳିଆମାନେ ମାଛ ଧରିବା ସହ ମାଛ ବ୍ୟବସାୟ ଓ ଶୁଖୁଆ ପ୍ରସ୍ତୁତ କରି ବ୍ୟବସାୟ କରିଥା'ନ୍ତି। ମୁହାଣ ଓ ସମୁଦ୍ରରୁ ପ୍ରତିଦିନ ଯେଉଁ ମାଛ ଧରିଥା'ନ୍ତି ତାକୁ ଲୋକାଲ ଗାଁ ଗଣ୍ଡାରେ ବିକ୍ରି କରିବା ସହିତ କିଛି ମାଛ ନିକଟ ପାରାଦୀପକୁ ବିକ୍ରି ପାଇଁ ପଠାଇଥା'ନ୍ତି। ବାକି କିଛି ବଳକା ମାଛକୁ ଗାଉଁଲି ଢାଞ୍ଚାରେ ଲୁଣି ଓ ଅଲୁଣି ଏହି ଦୁଇ ପ୍ରକାର ଶୁଖୁଆ ପ୍ରସ୍ତୁତି କରିଥା'ନ୍ତି। ପ୍ରତିବର୍ଷ କ୍ୱିଣ୍ଟାଲ କ୍ୱିଣ୍ଟାଲ ଶୁଖୁଆ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରୟ କରିଥା'ନ୍ତି। ନୋଳିଆସାହିରେ ପ୍ରସ୍ତୁତ ହେଉଥିବା ଖଙ୍ଗା, ଡେମା, ହାରକୁରା, ବୋରେଇ, ଛୋଟ ଚିଙ୍ଗୁଡ଼ି, ଜଗର ଓ ଅନ୍ୟ ଛୋଟ ମାଛକୁ ବିନା କେମିକାଲରେ ଶୁଖୁଆ ପ୍ରସ୍ତୁତ କରାଯାଏ। ଚାହିଦା ଅନୁସାରେ ଲୁଣ ଓ ହଳଦି ଦେଇ ଶୁଖୁଆ ପ୍ରସ୍ତୁତ କରି ଯୋଗାଇ ଦିଆଯାଇଥାଏ। ଏଠାକାର ମହିଳା ମାନେ ସ୍ୱାଦିଷ୍ଟ ଶୁଖୁଆ ତିଆରିରେ ବେଶ ପାରଙ୍ଗମ। ସୁଆଦିଆ ଶୁଖୁଆର ଚାହିଦା ମଧ୍ୟ ରହିଛି। ତେଣୁ ସରକାରଙ୍କ ପକ୍ଷରୁ ଏଠାକାର ନୋଳିଆ ମାନଙ୍କୁ ସରକାରି ପ୍ରୋତ୍ସାହନ ସହିତ ଏକ ଶୁଖୁଆ ପ୍ରୋସେସିଂ ପ୍ଲାଣ୍ଟ କରିବା ପାଇଁ ନୋଳିଆଙ୍କ ପକ୍ଷରୁ ଦାବି କରାଯାଇଛି। ଏହା ହେଲେ ସେମାନେ ବେଶ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜଲ୍‌ସା ଶୋଭାଯାତ୍ରା



ପାରାଦୀପ,୨୭।୮ (ସମିସ): ପାରାଦୀପ ବଡ଼ପଡିଆ ଜାମା ମସଜିଦ ତଥା ଇସଲାମିକ୍ ସଂଗଠନ ପକ୍ଷରୁ ବୁଧବାର ମହାପୁରୁଷ ମହମ୍ମଦଙ୍କ ୧୫୦୧ତମ ଜୟନ୍ତୀ ପାଳିତ ହୋଇଛି। ଏ ଅବସରରେ ମୁସଲିମ ଶ୍ରଦ୍ଧାଳୁ ଏକ ଶାନ୍ତି ମୈତ୍ରୀ ଭାଇଚାରାର ବାର୍ତ୍ତା ଦେଇ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ବଡପଡିଆଠାରୁ ଆରମ୍ଭ ହୋଇ ମଧୁବନ ଦେଇ କବରଖାନା ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସଂଗଠନର ପ୍ରମୁଖ ଅବଦୁଲ ଆବିଦ୍ ଖାନ୍‌ଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଶେଖ୍ ରମଜାନ, ସମ୍ପାଦକ ସୁଫି ଅହମ୍ମଦ, ଶେଖ୍ ଅବଦୁଲ ବାରି, ଜାଫର ଆକ୍ରମଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାକୁ ପୋର୍ଟ ବଣିକ ସଂଘ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା।। ଆସନ୍ତା କାଲି ଏ ଅବସରରେ ଭାରତର ସୁନାମଧନ୍ୟ ମୌଲାନାଙ୍କୁ ନେଇ ଜଲସା ଓ ସାୟରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଜନାର୍ଦ୍ଦନପୁରରେ ରକ୍ଷା ବନ୍ଧନ



ତିର୍ତ୍ତୋଲ, ୨୭।୮ (ସମିସ): ତିର୍ତ୍ତୋଲ ବ୍ଲକର ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର ଜନାର୍ଦ୍ଦନପୁର ଗ୍ରାମ ସନ୍ତୋଷୀ ମନ୍ଦିରରେ ରକ୍ଷା ବନ୍ଧନ ଓ ମା' ସନ୍ତୋଷୀଙ୍କ ଜନ୍ମଦିନ ପାଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ଅଧକ୍ଷତାରେ ପଣ୍ଡିତ ସଚ୍ଚିଦାନନ୍ଦ ପତିଙ୍କ ଦ୍ୱାରା ପ୍ରାତଃ ସମୟରୁ ଆରମ୍ଭ କରି ମଧ୍ୟାହ୍ନ ପର୍ଯ୍ୟନ୍ତ ମା'ଙ୍କ ମହାସ୍ନାନ ଚୁଆ, ଚନ୍ଦନ, ଅଗୁରୁ, କର୍ପୁର ସହିତ ସପ୍ତତୀର୍ଥ ଜଳ ଓ ମନ୍ଦାର ବେଲ ପତ୍ର ଇତ୍ୟାଦି ସମର୍ପଣ ପରେ ବୈଦିକ ପଣ୍ଡିତ ଶ୍ରୀପତିଙ୍କ ଦ୍ୱାରା ଚଣ୍ଡୀପାଠ କରାଯାଇଥିଲା। ଶେଷରେ ହୋମଯଜ୍ଞ ଓ ଆଳତୀ କାର୍ଯ୍ୟ ସମାପନ ହୋଇଥିଲା। ଏହାକୁ ସରୋଜ ଦାଶ, ଦେବରାଜ ମିଶ୍ର, ନିଶାକର ନନ୍ଦ, ଶୁକଦେବ ମିଶ୍ର, ନିରଞ୍ଜନ ଦାସ, ନାରାୟଣ ଦାଶ, ବିଭୁପ୍ରସାଦ ଦାଶ, ସନ୍ତୋଷୀ ଦାଶ, ବିଷ୍ଣୁପ୍ରସାଦ ଦାଶ, ରୂପରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ହୃଦ୍‌ଘାତରେ ଗୋଲଖ ପଣ୍ଡାଙ୍କ ପରଲୋକ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମର ସୁନାମଧନ୍ୟ ବ୍ୟକ୍ତି ଗୋଲଖ ବିହାରୀ ପଣ୍ଡା (୭୪)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଓ ବନ୍ଧୁ ପ୍ରିୟ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ଓ ସମସ୍ତ ବନ୍ଧୁ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ବଡ଼ପୁଅ ଲୁଲୁ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ପଙ୍କପାଳ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ



କୁଜଙ୍ଗ,୨୭।୮ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳାନା ସମିତି ସଭାପତି ଡଃ ଶରତ ଚନ୍ଦ୍ର ମହାପାତ୍ର ଓ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ଅତିଥି ରୂପେ ଯୋଗଦେଇ ଭାରତୀୟ ଶିକ୍ଷା, ଦର୍ଶନ, ପରମ୍ପରା ଓ ପର୍ବପର୍ବାଣିର ମହତ୍ତ୍ୱ ଆଲୋକପାତ କରିବା ସହିତ ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ ଓ ଭ୍ରାତୃଭାବ ବଜାୟ ରଖିବା ତଥା ରାଷ୍ଟ୍ର ସୁରକ୍ଷା ନିମିତ୍ତ ସଂକଳ୍ପ ନେବା, ସମରସତା ପାଇଁ ରକ୍ଷା ବନ୍ଧନ ଉତ୍ସବ ସୁଯୋଗ ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟ କେଳୁ ଚରଣ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ ଗୋକୁଳାନନ୍ଦ ରାଉତ ଓ କୋଷାଧ୍ୟକ୍ଷ ଶିବଚରଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପୁଷ୍ପଲତା ଦାସଙ୍କ ସଂଯୋଜନାରେ ସମସ୍ତ ଗୁରୁଜୀ ଗୁରୁମା ନଗର ପରିକ୍ରମା କରି ବିଭିନ୍ନ ବ୍ୟକ୍ତିବିଶେଷ, ଜନପ୍ରତିନିଧିଙ୍କୁ ରାକ୍ଷୀ ବାନ୍ଧିବା ସହ ଏହି ସଭା ଶୋଭାଯାତ୍ରା ପରିଚାଳନା କରିଥିଲେ।

## ୩୦ ବର୍ଷ ପାଇଁ କ୍ୟାପଟିଭ ଭିତ୍ତିରେ ଡ୍ରାଏ ବଲ୍କ କାର୍ଗୋ ପରିଚାଳନା

# ପାରାଦୀପ ବନ୍ଦର ଦ୍ୱାରା ଏଏମ୍/ଏନ୍ଏସ୍ ଲଜିଷ୍ଟିକ୍ସକୁ ଆୱାର୍ଡ ଅଫ୍ କନସେସନ୍ ପ୍ରଦାନ

ପାରାଦୀପ,୨୭।୮ (ସମିସ)




ଭାରତ ସରକାରଙ୍କ ଉପକୂଳବର୍ତ୍ତୀ ଜାହାଜ ଚଳାଚଳକୁ ଇନ୍ଧନ ସଂରକ୍ଷଣକାରୀ, ବ୍ୟୟସାପେକ୍ଷ ଓ ପରିବେଶ ଅନୁକୂଳ ପରିବହନ ପଦ୍ଧତି ଭାବେ ପ୍ରୋତ୍ସାହିତ କରିବା ନୀତି ସହିତ ସମନ୍ୱୟ ରକ୍ଷା କରି ପାରାଦୀପ ବନ୍ଦର କ୍ୟାପଟିଭ୍ ଭିତ୍ତିରେ ବାର୍ଷିକ ୧୦ ନିୟୁତ ଟନ କ୍ଷମତାର ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ନିମନ୍ତେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଏକ ଏସପିଭି, ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡକୁ ଆନୁଷ୍ଠାନିକ ଭାବେ ଆୱାର୍ଡ ଅଫ୍ କନସେସନ୍ ପ୍ରଦାନ କରିଛି। ଏ ନେଇ ପାରାଦୀପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ ବିଭାଗ ମୁଖ୍ୟ ଦୀପକ ଅରୋରାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଛନ୍ତି। ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରନାଧ, ଉପାଧ୍ୟକ୍ଷ ଟି. ଭେନୁଗୋପାଳ, ଏଏମ୍/ଏନ୍ଏସ୍ଇଣ୍ଡିଆଓଡ଼ିଶାଅପରେସନ୍ସମୁଖ୍ୟ ୟୁ.ଏସ୍.ଆର୍. ରାଜୁ, ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ଓ ପାରାଦୀପର ଅନ୍ୟାନ୍ୟ କର୍ପୋରେଟ୍ ନେତୃବୃନ୍ଦ ଉପସ୍ଥିତ ଥିଲେ। ୩୦ ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଏହି କନସେସନ୍, ସୁଗମ କାର୍ଗୋ ପରିବହନକୁ ସୁନିଶ୍ଚିତ କରିବା ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବ ଓ ପରିବେଶର ଦୀର୍ଘସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ବ୍ୟବସ୍ଥା ଏପିଏଲପିଏଲକୁ ଏଏମ୍/ଏନ୍ଏସ୍ ଇଣ୍ଡିଆର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରୁ ପିପିଏର ବର୍ଥ ସହିତ ସିଧାସଳଖ ସଂଯୁକ୍ତ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ କନଭେୟର ସିଷ୍ଟମ ମାଧ୍ୟମରେ ଲୁହା ପଥର ପେଲେଟ୍ ପରିବହନ ପରିଚାଳନା କରିବାକୁ ସକ୍ଷମ କରିବ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ପାରାଦୀପରୁ ହାଜିରାକୁ ଲୁହାପଥର ପେଲେଟର ତଟୀୟ ପରିବହନ ଏକ ପ୍ରତିଷ୍ଠିତ ଓ ପରିବେଶ ଅନୁକୂଳ ପଦ୍ଧତି। ସିକ୍ୟୁ-୩ ବର୍ଥର କ୍ୟାପଟିଭ ବ୍ୟବହାର ଏଏମ୍/ଏନ୍ଏସ୍ ଇଣ୍ଡିଆର ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟତା କରିବା ସହିତ କମ୍ପାନୀର ଦୃଢ଼ ଓ ପରିବେଶ ଅନୁକୂଳ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବେ କାର୍ଯ୍ୟ କରିବ। ଏହି ଆୱାର୍ଡ ଏଏମ୍/ଏନ୍ଏସ୍ ଇଣ୍ଡିଆର ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼

## ବୈତରଣୀ ସ୍ଥିର: ପୁଣି ବର୍ଷା ଆରମ୍ଭ; ଲୋକେ ଆତଙ୍କିତ

# ବନ୍ଧ ଉପରେ ପାଲ ତଳେ ବିତୁଛି ବିପନ୍ନଙ୍କ ଜୀବନ





କୟାଁଗୋଲା, ୨୭।୮ (ସମିସ): ପୂର୍ବ ବନ୍ୟାର ଦୁଃଖ, ଯନ୍ତ୍ରଣା ଓ ଭୟରୁ ଏପର୍ଯ୍ୟନ୍ତ ମୁକୁଳି ପାରିନାହାନ୍ତି ଦଶରଥପୁର ବ୍ଲକର ଅନେକ ପଞ୍ଚାୟତର ବନ୍ୟା ବିପନ୍ନ। ଘରଦ୍ୱାରର ଭଙ୍ଗାଚୁରା ଅବସ୍ଥା, ନଷ୍ଟ ହୋଇଥିବା ଚାଷଜମି ଓ ଜୀବିକା ହରାଇବାର ଯନ୍ତ୍ରଣା ଭିତରେ ଦିନ କାଟୁଥିବା ବେଳେ ପୁଣି ଆରମ୍ଭ ହୋଇଛି ପ୍ରବଳ ବର୍ଷା। ଏହାକୁ ନେଇ ବୈତରଣୀ ନଦୀର ଜଳସ୍ତର ବଢ଼ିବାର ଆଶଙ୍କା ଦେଖାଦେଇଛି। ଫଳରେ ବନ୍ୟା ବିପନ୍ନଙ୍କ ମୁଣ୍ଡ ଉପରେ ପୁଣି ଘାରିଛି ବିପଦର କଳାବାଦଲ। କିଛି ଦିନ ଧରି ବୈତରଣୀ ଓ କାଣୀ ନଦୀର ବନ୍ୟାରେ ଦଶରଥପୁର ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। ବନ୍ୟାଜଳ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଦେବା ସହ ଅନେକ ପରିବାରଙ୍କୁ ଦୀର୍ଘଦିନ ଧରି ନଦୀବନ୍ଧ, ରାସ୍ତାକଡ଼ ଓ ବିଭିନ୍ନ ଆଶ୍ରୟସ୍ଥଳରେ ରହିବାକୁ ପଡ଼ିଥିଲା। କେତେକ ପରିବାର ଘରକୁ ଫେରିଥିଲେ ମଧ୍ୟ ଘରର ଅବସ୍ଥା ଏବେ ବି ସୁରକ୍ଷିତ ନୁହେଁ। ଏପରି ସମୟରେ ପୁଣି ଲଗାଣ ବର୍ଷା ଆରମ୍ଭ ହେବା ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି।

ଏବେ ବି ନଦୀବନ୍ଧ ଉପରେ ପାଲ ଟାଙ୍ଗି ଦିନ କାଟୁଛନ୍ତି। ଖରା, ବର୍ଷା ଓ ରାତିର ଥଣ୍ଡାକୁ ସହି ଅସ୍ଥାୟୀ ଆଶ୍ରୟରେ ଜୀବନ ଚାଲିଛି। ଏବେ ପୁଣି ବର୍ଷା ହେବାରୁ ପାଲ ତଳେ ରହୁଥିବା ପରିବାରଙ୍କ ମଧ୍ୟରେ ଭୟ ଓ ଅନିଶ୍ଚିତତା ବଢ଼ିଛି। ବିପନ୍ନଙ୍କ କହିବାନୁଯାୟୀ, ପୂର୍ବ ବନ୍ୟା ସମୟରେ ମିଳିଥିବା ରିଲିଫ ଦ୍ୱାରା କିଛି ଦିନ ଚଳିଯାଇଥିଲା। କିନ୍ତୁ ଦୀର୍ଘଦିନ ଧରି ବନ୍ୟା ପରିସ୍ଥିତି ରହିବା ଓ ଘରକୁ ଫେରିବାର ସୁଯୋଗ ନ ମିଳିବାରୁ ଏବେ ଖାଦ୍ୟ, ପିଇବା ପାଣି, ଔଷଧ ଓ ଆଶ୍ରୟ ସମସ୍ୟା ଗୁରୁତର ହେଉଛି।

ପ୍ରଥମ ପର୍ଯ୍ୟାୟର ବନ୍ୟା ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା, ବିଭିନ୍ନ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ ବନ୍ୟା ଦୀର୍ଘ ହେବା ସହ ଏବେ ସହାୟତାର ଧାରା ଧୀରେଧୀରେ କମିଯାଇଥିବା ଅଭିଯୋଗ ହେଉଛି।

ପ୍ରାରମ୍ଭିକ ସମୟରେ ଯେଉଁଠି ରିଲିଫ ସାମଗ୍ରୀ ନେଇ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ପହଞ୍ଚୁଥିଲେ, ଏବେ ସେହି ଧାରା ମାନ୍ଦା ପଡ଼ିବା ନେଇ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘସ୍ଥାୟୀ ବନ୍ୟା ପରିସ୍ଥିତିରେ କେବଳ ତତ୍କାଳୀନ ରିଲିଫ ନୁହେଁ, ନିୟମିତ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆଶ୍ରୟର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଘର ମରାମତି କରିବା ମଧ୍ୟ ସେମାନଙ୍କ ପାଇଁ ସହଜ ନୁହେଁ। ଅନ୍ୟପକ୍ଷରେ ନଦୀର ଜଳସ୍ତର ବଢ଼ିଲେ ପୁଣି ନିରାପଦ ସ୍ଥାନକୁ ଯିବା, ଶିଶୁ ଓ ବୟସ୍କଙ୍କୁ ସୁରକ୍ଷିତ ରଖିବା ଏବଂ ଖାଦ୍ୟ ପାନୀୟ ଜଳ ଯୋଗାଡ଼ କରିବା ବଡ଼ ସମସ୍ୟା ହେବ। ତେଣୁ ବର୍ଷା ଆରମ୍ଭ ହେବା ମାତ୍ରେ ପ୍ରଶାସନ ପକ୍ଷରୁ ପୂର୍ବପ୍ରସ୍ତୁତି ନେବାକୁ ଦାବି ହୋଇଛି। ଚଳିତ ବର୍ଷ ବୈତରଣୀ ନଦୀରେ ଶାଖା କାଣୀ ନଦୀ ରେ ବାରମ୍ବାର ବନ୍ୟା ଆସିବା ସହ ଦଶରଥପୁର ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି।

### ରିଲିଫ ବ୍ୟବସ୍ଥା ମାନ୍ଦା, ଆଗକୁ କେମିତି କଟିବ ଦିନ?

ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧ କ୍ଷତିଗ୍ରସ୍ତ ହେବା ସହ ପାଟଣା ଠାରେ ଘାଇ ସୃଷ୍ଟି ହୋଇ ବନ୍ୟାଜଳ ଗାଁ ମଧ୍ୟକୁ ପ୍ରବେଶ କରିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଏବେ ପୁଣି ବର୍ଷା ହେଉଥିବାରୁ ସେହି ଦୁର୍ବଳ ସ୍ଥାନଗୁଡ଼ିକୁ ନେଇ ଲୋକଙ୍କ ଭୟ ଆହୁରି ବଢ଼ିଛି। ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ କରି ଆଗୁଆ ମରାମତି, ଆବଶ୍ୟକ ସ୍ଥାନରେ ବାଲିବସ୍ତା ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ନଦୀଜଳର ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଦାବି ହୋଇଛି। ବନ୍ୟାଜଳ ହ୍ରାସ ପରେ ବିପନ୍ନ ପରିବାର ଘରକୁ ଫେରିବା ଆରମ୍ଭ କରିଥିଲେ। କିନ୍ତୁ ଅନେକଙ୍କ ଘର ଏବେ ବି ମରାମତି ଅପେକ୍ଷାରେ। ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଚାଷୀଙ୍କ ଜୀବିକା ମଧ୍ୟ ପ୍ରଭାବିତ। ତେଣୁ କେବଳ ରିଲିଫ ବଣ୍ଟନ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଘର ମରାମତି, କ୍ଷତିପୂରଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଜୀବିକା ପୁନରୁଦ୍ଧାର ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ବିପନ୍ନଙ୍କ ଦାବି, ବର୍ଷା ଓ ବୈତରଣୀ ନଦୀର ଜଳସ୍ତର ଉପରେ ପ୍ରଶାସନ ନିରନ୍ତର ନଜର ରଖୁ। ଯେଉଁ ଅଞ୍ଚଳରେ ପୁଣି ବନ୍ୟା ଆଶଙ୍କା ରହିଛି, ସେଠାରେ ଆଗୁଆ ଭାବେ ଲୋକଙ୍କୁ ସତର୍କ କରାଯାଉ। ଆବଶ୍ୟକ ହେଲେ ନିରାପଦ ଆଶ୍ରୟସ୍ଥଳ ଖୋଲିବା ସହ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଉ। ବନ୍ୟା ହୁଏତ ପଛକୁ ଫେରିଛି, କିନ୍ତୁ ବନ୍ୟା ବିପନ୍ନଙ୍କ ଦୁଃଖ ଏବେ ବି ଶେଷ ହୋଇନାହିଁ। ଘର ଭାଙ୍ଗିଛି, ଚାଷ ନଷ୍ଟ ହୋଇଛି, ଜୀବିକା ଦୋହଲିଯାଇଛି। ଏହା ମଧ୍ୟରେ ପୁଣି ପ୍ରବଳ ବର୍ଷା ବିପନ୍ନଙ୍କ ମନରେ ନୂଆ ଭୟ ସୃଷ୍ଟି କରିଛି। ତେଣୁ ଆଗାମୀ ଦିନରେ ପରିସ୍ଥିତି ଯେପରି ଅଧିକ ଗମ୍ଭୀର ନ ହୁଏ, ସେଥିପାଇଁ ତତ୍ପରତା, ନିରନ୍ତର ନଜରଦାରି ଓ ଆଗୁଆ ରିଲିଫ ବ୍ୟବସ୍ଥା ଏବେ ସବୁଠାରୁ ଜରୁରୀ। ବିପନ୍ନଙ୍କ ପାଇଁ ଏହା କେବଳ ଆଉ ଏକ ବର୍ଷା ନୁହେଁ ଏହା ପୁଣିଥରେ ବଞ୍ଚିବାର ପରୀକ୍ଷା।

## ବନ୍ୟାରେ ଧୋଇଗଲା ୨୦ ନଂ ଜାତୀୟ ରାଜପଥ

# ୧୦୦ ଫୁଟ୍‌ର ରାସ୍ତା ଧସି ନଦୀରେ ମିଶିଗଲା

ଆରଡ଼ି,୨୭।୮ (ସମିସ): ବୈତରଣୀର ବନ୍ୟାଜଳ କୁଆଖିଆ-ଆରଡ଼ି ଜାତୀୟ ରାଜପଥ-୨୦ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଓଳଗ ପଞ୍ଚାୟତର ବୋଡକ ନିକଟରେ ବୁଧବାର ରାତିରେ ପ୍ରାୟ ୧୦୦ ଫୁଟ୍ କଂକ୍ରିଟ ରାସ୍ତା ନଦୀ ଗର୍ଭକୁ ଧସିଯିବା ପରେ ଯାନବାହନ ଚଳାଚଳ ନେଇ

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବର୍ଷ ବର୍ଷ ଧରି ଏହି ରାସ୍ତାରେ ଦବିବା ଓ ଧସିବା ସମସ୍ୟା ଲାଗି ରହିଛି। ବନ୍ୟା ସମୟରେ ସମସ୍ୟା ଆହୁରି ଗୁରୁତର ହେଉଛି। ରାସ୍ତାରେ ଦୈନିକ ବହୁ ସଂଖ୍ୟକ ବସ୍ ଓ ଭାରୀଯାନ ଚଳାଚଳ କରୁଥିବାରୁ ତୁରନ୍ତ ପଦକ୍ଷେପ ନ



ଆଶଙ୍କା ବଢ଼ିଛି। ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତା ତଳର ମାଟି ଧୋଇଯାଉଥିବାରୁ ବୋଡକଠାରୁ ଷାଠିବାଙ୍କୁଡ଼ା ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ପୂର୍ବରୁ ଏହି ସ୍ଥାନରେ ପ୍ରାୟ ୫୦୦ ଫୁଟ୍ ରାସ୍ତା ବନ୍ୟାରେ ଘାଇ ହୋଇ ଯାଇ ଆଜକୁ ୧ ମାସ ହେବ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ବନ୍ୟାର ପ୍ରଖର ସ୍ରୋତରେ କଂକ୍ରିଟ ଭାଙ୍ଗି ଦେଉଛି। ବିଭାଗ ସେଠାରେ ବଲ୍ଲା ପୋତି ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି ନାଁରେ ଅର୍ଥ ଲୁଟିବାକୁ ବସିଛି। ସେଠି ମରାମତି କରୁ କରୁ ଆଉ କିଛି ନୂଆ ସ୍ଥାନରେ ଧସିବା ଘଟଣା ଚିନ୍ତା ବଢ଼ାଇଛି। ସେ ରାସ୍ତାରେ ବର୍ତ୍ତମାନ ଯିବାଆସିବା କରିବା ବହୁତ ବିପଦ ସୃଷ୍ଟି କରିଛି। ଷାଠିବାଙ୍କୁଡ଼ାଠାରୁ ବୋଡକ ପର୍ଯ୍ୟନ୍ତ ରାସ୍ତା କେତେବେଳେ କେଉଁ ସ୍ଥାନରେ ଭାଙ୍ଗିବ ତା'ର କିଛି ଠିକଣା ନାହିଁ।

**୧ କିମି ରାସ୍ତା ତଳେ ପ୍ରବାହିତ ହେଉଛି ବନ୍ୟାଜଳ; ଯାତାୟାତ ନେଇ ବଢ଼ିଲା ଚିନ୍ତା**

ନେଲେ ବସ୍ ଚଳାଚଳ ବନ୍ଦ ହେବା ସହ ଯୋଗାଯୋଗ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ ବସି ସବୁ ମରାମତି କରିଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବାସ୍ତବରେ ତାହା ପାଣିର ଗାର ସଦୃଶ। ବନ୍ୟା କଂକ୍ରିଟ୍ ତଳେ ଥିବା ବାଲି, ମେଣ୍ଟାଲ, ଗୋଡ଼ି ଓ ମାଟି ଧୋଇ ନେଇ ଖାଲ କରିଦେଇଛି। ଖାଲି ଗାଡ଼ି ଚଢ଼ିଲା ମାନେ କଂକ୍ରିଟ ଭାଙ୍ଗି ତଳକୁ ଖସିପଡ଼ିବ। ଦୁର୍ଘଟଣା ଘଟିବା ସୁନିଶ୍ଚିତ। ସରକାର ତରବରିଆ ଭାବେ ଅସ୍ଥାୟୀ ମରାମତି ନ କରି ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଯେଉଁ ସ୍ଥାନରେ କଂକ୍ରିଟ ତଳେ ମାଟି ନାହିଁ ତାକୁ ଭାଙ୍ଗି ସମତଳ କରି ସ୍ଥାୟୀ ମରାମତି କଲେ ହିଁ ଏହି ରାଜପଥରେ ନିରାପଦ ଯାତାୟାତ ସମ୍ଭବ ବୋଲି ସାଧାରଣରେ ଦାବି ହୋଇଛି।

# ଭାସିଗଲା ବର୍ଷକର ଦାନା; ଋଣ ଛାଡ଼ ଦାବି ଜୋର୍‌ଦାର

ଆରଡ଼ି,୨୭।୮ (ସମିସ): ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଭୟଙ୍କର ଭାବେ ବନ୍ୟାଜଳ ଆସି ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତରେ ଥିବା ଚାଷ ଜମିରେ ମାଡ଼ିଯିବା ଫଳରେ ଧାନ ଚାଷରେ ବ୍ୟାପକ କ୍ଷତି ଘଟିଛି। ଗତ ଏକ ମାସ ମଧ୍ୟରେ ବୈତରଣୀ ନଦୀରେ ତିନି ଥର ବନ୍ୟା ଆସି ଚାଷ ଜମିକୁ ବୁଡ଼େଇକି ରଖିଛି। ବର୍ତ୍ତମାନ ସୁଦ୍ଧା ଧାନ ବିଲରେ ପେଟେ ପେଟେ ପାଣି ଥିବାବେଳେ ପାଣି କେବେ କମିବ ତା'ର ଠିକ୍ ଠିକଣା ନାହିଁ। କେତେକ ଜମିରୁ ପାଣି କମିଥିଲେ ହେଁ ଧାନ ଫସଲ ସବୁ ଉଜୁଡ଼ି ଯାଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ବୈତରଣୀ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଉଛୁଳିକି ରହୁଛି। ବିପଦ ସଂକେତ ଉପରକୁ ବନ୍ୟାଜଳ ଚଢ଼ିଲା ମାନେ ଭିନ୍ନ ଭିନ୍ନ ଜାଗାରେ ହୋଇଥିବା ଘାଇ ମାଧ୍ୟମରେ ପାଣି ତଳିଆ ଅଞ୍ଚଳରେ ମାଡ଼ିଯାଉଛି। ଓଳଗ ପଞ୍ଚାୟତ ବୋଡ଼କଠାରେ ୨୦ ନଂ ଜାତୀୟ ରାଜପଥ ଉପରେ ହୋଇଥିବା ୫୦୦ ଫୁଟ୍‌ର ଘାଇ ଯୋଗୁଁ ଆରଡ଼ି ଅଞ୍ଚଳରେ ପାଣି ବୁଡ଼ିକି ରହିଛି। ବାରମ୍ବାର ବନ୍ୟା ଆସିବାରୁ ପାଣି ଆଦୌ କାମୁନାହିଁ। ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନ ଥିବାବେଳେ ଅଞ୍ଚଳବାସୀଙ୍କର ସବୁଠୁ ବଡ଼ କଷ୍ଟ ହେଉଛି ସେମାନଙ୍କର ଚାଷ ସମୂଳେ ନଷ୍ଟ ହୋଇଛି। ଏହି ଅଞ୍ଚଳରେ କେବଳ ଖରିଫ୍ ଧାନ ବା ଶାରଦ ଧାନ ଚାଷ ହୋଇଥାଏ। ଏ ବର୍ଷ ବନ୍ୟା ପାଣିରେ ଧାନ ତଳି ସମ୍ପୂର୍ଣ୍ଣ ଧୋଇଯାଇଛି। ଗତ ବର୍ଷରେ ମଧ୍ୟ ବନ୍ୟା ଫଳରେ ତଳି ନଷ୍ଟ ହୋଇଥିଲା ବନ୍ୟା ଛାଡ଼ିଲା ପରେ ଚାଷୀମାନେ ପୁଣି ତଳି ପକେଇ ଚାଷ କରିଥିଲେ। କିନ୍ତୁ ଏ ବର୍ଷ ଆଉ ସମୟ ନାହିଁ କି ବିହନ ମଧ୍ୟ ନାହିଁ। ତେଣୁ ଏ ବର୍ଷ ଆଉ ଚାଷ ହୋଇପାରିବ ନାହିଁ। ଏହି ୪ ପଞ୍ଚାୟତରେ ପ୍ରାୟ ୩୩୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଯାହାକି ବନ୍ୟାରେ ଧୋଇଗଲା। ଚାଷୀଙ୍କ କ୍ଷତିକୁ ଭରଣା କରିବା ପାଇଁ ସରକାର ତୁରନ୍ତ ଚାଷୀଙ୍କ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଋଣ ଛାଡ଼ କରିବା ପାଇଁ ଜୋର୍‌ଦାର ଦାବି ହେଉଛି।





- ଚାଷ ଓ ଚାଷୀଙ୍କ ଦୁଃଖ କହିଲେ ନ ସରେ
- ବୀମା କମ୍ପାନୀର ଗପ ନ ଶୁଣାନ୍ତୁ ସରକାର

ଏହି ଅଞ୍ଚଳର ଚାଷୀମାନେ ଯେଉଁ ସମବାୟ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ନେଇ ଚାଷରେ ଖର୍ଚ୍ଚ କରିଥିଲେ ସେହି ଅର୍ଥରାଶି ବନ୍ୟା ଭସେଇ ନେଇଛି। ବୀମା କମ୍ପାନୀଗୁଡ଼ିକର ନିୟମ ଅନୁଯାୟୀ ଧାନ ଥୋଡ଼ ବାହାରିବା ସମୟରେ ବା ପାଚିଲା ଧାନ କଟା ସମୟରେ ବା ଧାନ ଖଳାରେ ଥିବା ସମୟରେ ଯଦି କୌଣସି ବନ୍ୟା, ବାତ୍ୟା ବା ଅନ୍ୟ କିଛି ଦୁର୍ବିପାକ ହୁଏ ତାହେଲେ ସେମାନେ କ୍ରପ୍ କଟିଙ୍ଗ୍ କରି କେତେ ପ୍ରତିଶତ କ୍ଷତି ହୋଇଛି ତାହାର ଆକଳନ କରି ସେତିକି ପ୍ରତିଶତ ଋଣ ଛାଡ଼ କରନ୍ତି। କିନ୍ତୁ ଏ ବର୍ଷ ଚାଷ ଅମଳ ପୂର୍ବରୁ ତଳି ନଷ୍ଟ ହୋଇଯାଇଛି। ତେଣୁ ବୀମା କମ୍ପାନୀମାନେ ଆଉ କ୍ରପ୍ କଟିଙ୍ଗ୍ କରିବେନାହିଁ। ତେଣୁ ସରକାର ତୁରନ୍ତ ଘଟଣାର ଗୁରୁତ୍ୱକୁ ବିଚାର କରି ଚାଷୀଙ୍କ ଋଣ ଛାଡ଼ ଘୋଷଣା କରିବା ପାଇଁ ଚାରି ପଞ୍ଚାୟତର ଚାଷୀ ଦାବି କରିଛନ୍ତି। ଯଦି ସରକାର ତ୍ୱରିତ ପଦକ୍ଷେପ ନ ନିଅନ୍ତି ତାହେଲେ ଭବିଷ୍ୟତରେ ଚାଷୀ ମୃତ୍ୟୁ ଭଳି ପ୍ରସଙ୍ଗ ସାମ୍ନାକୁ ଆସିପାରେ। ତତ୍ ସଙ୍ଗେ ସଙ୍ଗେ ଗଜା ଧୋଇ ବା ଇନ୍‌ପୁଟ୍ ଯଥାଶୀଘ୍ର ଚାଷୀଙ୍କୁ ପ୍ରଦାନ କରିବା ନିମନ୍ତେ ଦାବି ଜୋର୍ ଧରିଛି।

# ବନ୍ଦହେଲା ହୀରାକୁଦର ୬ ଗେଟ୍; ଜଳସ୍ତର ୬୨୪.୧୦ ଫୁଟ୍

ସମ୍ବଲପୁର, ୨୭।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା କମିବାପରେ ଗୁରୁବାର ପୂର୍ବାହ୍ଣ ୧୧ଟା ୧୫ ମିନିଟି ସମୟରେ ହୀରାକୁଦ ନଦୀବନ୍ଧର ୪ଟି ଗେଟ୍ ଏବଂ ରାତି ସାଢ଼େ ୮ଟା ସମୟରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ୧୦ଟି ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର ୬୨୪ ଫୁଟ୍ ଉପରେ ରହିଛି। ମୁଣ୍ଡଳୀରେ ପ୍ରାୟ ସାଢ଼େ ୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ବନ୍ୟା ଆଶଙ୍କା ନଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ଗୁରୁବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୧୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୬,୪୪୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୨୫,୩୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୯୦,୦୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୨୩୮୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୦,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୯,୦୨୦ କ୍ୟୁସେକ୍, ଖଇରମାଲଠାରେ ୩,୮୫,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୦୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୫୯,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ବିବାଦ

# ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ

କଟକ,୨୭।୮ (ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଗଠିତ ସର୍ଚ୍ଚ କମିଟିକୁ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ କୁଳାଧିପତିଙ୍କ ସଚିବାଳୟ ପକ୍ଷରୁ ଗତ ଜାନୁଆରୀ ୧୩, ୨୦୨୬ରେ ପ୍ରକାଶିତ ବିଜ୍ଞପ୍ତିକୁ ବେଆଇନ, ଅସାମ୍ବିଧାନିକ ଦର୍ଶାଇବା ସହ ଏହାକୁ ରଦ୍ଦ କରିବା ପାଇଁ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ମଦନ ମୋହନ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ମାସ ପୂର୍ବରୁ କୁଳପତି ନିଯୁକ୍ତି ଶେଷ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିବା ବେଳେ ହାଇକୋର୍ଟ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ତଥା ଗବେଷଣା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ୍, ୨୦୧୭ ଅଧୀନରେ ଏହି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ମାତ୍ର ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ଜଣେ ସଂସ୍କୃତ ପ୍ରଫେସରଙ୍କୁ ନିଯୁକ୍ତି ସହ କୁଳାଧିପତିଙ୍କ ପକ୍ଷରୁ ମନୋନୀତ ହୋଇଥିବା ପ୍ରତିନିଧି ଗବେଷଣାତ୍ମକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁନାହାନ୍ତି। ଏହା ଗତ ୨୯.୦୪.୨୦୨୨ର ସରକାରୀ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ଜାନୁଆରୀ ୧୩ର ବିଜ୍ଞପ୍ତିକୁ ରଦ୍ଦ କରନ୍ତୁ ଏବଂ ବିଶ୍ୱବିଦ୍ୟାଳୟ ଆଇନ୍ ୨୦୧୭ ଅନୁଯାୟୀ ନୂତନ ଭାବେ କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ।

## ମିଶନଶକ୍ତି ପୁନର୍ଗଠନକୁ ଚାଲେଞ୍ଜ

# ୫୮୦ରୁ ଊର୍ଦ୍ଧ୍ୱ ମାମଲାର ଏକତ୍ର ଶୁଣାଣି ଆଜି

କଟକ,୨୭।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ମିଶନ ଶକ୍ତି ପୁନର୍ଗଠନ ମାର୍ଗଦର୍ଶିକାକୁ ଚାଲେଞ୍ଜ କରି ଦାୟର ୫୮୦ରୁ ଅଧିକ ମାମଲା ଏକତ୍ର ଶୁଣାଣି କରୁଛନ୍ତି ହାଇକୋର୍ଟ। ମାର୍ଗଦର୍ଶିକା କାର୍ଯ୍ୟକାରୀ ଉପରେ ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶ ବଳବତ୍ତର ରହିଆସିଥିବା ବେଳେ ଏ ସମ୍ପର୍କିତ ସମସ୍ତ ମାମଲାର ଶୁଣାଣି ଆସନ୍ତାକାଲିକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମିଶନ ଶକ୍ତି ଓ ଏସଏଚଜି ମହାସଂଘ ପକ୍ଷରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ଏହି ମାମଲାରେ ଆବେଦନକାରୀ ଓ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ ଏହା ଅସମ୍ପୂର୍ଣ୍ଣ ରହିଛି।

ପ୍ରକାଶଥାଉକି, ମିଶନ ଶକ୍ତି ଅନ୍ତର୍ଗତ ଏସଏଚଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକର କମିଟି ତଥା ସବକମିଟି ପୁନର୍ଗଠନ ପାଇଁ ୨୦୨୫ ଜାନୁଆରୀ ୨୨ରେ ଜାରି ହୋଇଥିବା ମାର୍ଗଦର୍ଶିକା ଉପରେ ଗତ ୨୦୨୫ ଏପ୍ରିଲରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ବିଭାଗର ସଚିବଙ୍କ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଗତ ୨୦୨୫ ଜାନୁଆରୀ ୨୨ରେ ଚିଠି ଲେଖାଯାଇଥିଲା। ଏସଏଚଜି, ସିଏଲଏଫ, ଜିପିଏଲଏଫ, ବିଏଲଏଫ ଓ ଡିଏଲଏଫର ପରିଷଦ/କମିଟି/ସବ-କମିଟି ପୁନର୍ଗଠନ ପ୍ରସଙ୍ଗରେ ଜାରି ମାର୍ଗଦର୍ଶିକା ନେଇ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଜଣେ ସଦସ୍ୟ ଦୁଇ ଥର କର୍ମକର୍ତ୍ତା ହୋଇପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ ସର୍ତ୍ତ ରଖାଯାଇଥିଲା। ସେହିଭଳି ଗୋଷ୍ଠୀ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ଗୋଟିଏ ପରିବାରର ଜଣଙ୍କରୁ ଅଧିକ ରହି ପାରିବେ ନାହିଁ। ଗୋଟିଏ ପରିବାରର ଦୁଇ ଜଣ ବା ଅନ୍ୟ ସଂପର୍କୀୟ ଗୋଟିଏ ଗୋଷ୍ଠୀ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ହୋଇ ପାରିବେ ନାହିଁ ବୋଲି ଉଲ୍ଲେଖ ଥିଲା। ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ କରାଯାଇଥିଲା। ଏସଏଚଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନ ଗୁଡ଼ିକ ସୋସାଇଟି ପଞ୍ଜୀକରଣ ଆଇନ ଦ୍ୱାରା ପଞ୍ଜିକୃତ। ଏଭଳି ଅନୁଷ୍ଠାନ ଗୁଡ଼ିକ ନିଜ ବାଇ-ଲ' ଦ୍ୱାରା ପରିଚାଳିତ। ଏଭଳି ସ୍ଥିତିରେ କମିଟି/ସବ୍‌କମିଟିକୁ ସଦସ୍ୟଙ୍କ ପ୍ରସଂଗରେ ସରକାର ମାର୍ଗଦର୍ଶିକା ଜାରି କରିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

### ■ ଉପମୁଖ୍ୟମନ୍ତ୍ରୀ ପଦର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି ଶେଷ

କଟକ, ୨୭।୮ (ସମିସ): ରାଜ୍ୟରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟରେ ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ମାମଲାର ଶୁଣାଣି ଶେଷ କରିଥିବା ବେଳେ ଉଭୟ ଆବେଦନକାରୀ ଓ ସରକାରଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସମ୍ବିଧାନରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦଙ୍କୁ ଧାରା ୧୬୩ ଓ ୧୬୪ରେ ସ୍ୱୀକୃତି ଦିଆଯାଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଭଳି ସ୍ୱତନ୍ତ୍ର ସାମ୍ବିଧାନିକ ପଦ ପ୍ରସଂଗରେ ସାମ୍ବିଧାନରେ କିଛି ବ୍ୟବସ୍ଥା ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଂଘନ କରି ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏପରି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ। ଏଥିସହିତ ସୁପ୍ରିମକୋର୍ଟ ଓ ଅନ୍ୟ ହାଇକୋର୍ଟଙ୍କ ରାୟର ନଜିର ଆଡଭୋକେଟ ଜେନେରାଲ ଉପସ୍ଥାପନ କରିଥିଲେ। ସୋମବାରକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଦାୟର ଜନସ୍ୱାର୍ଥ 'ଉପମୁଖ୍ୟମନ୍ତ୍ରୀ' କୌଣସି ପୃଥକ ସାମ୍ବିଧାନିକ ପଦ ବା ମନ୍ତ୍ରୀ ପରିଷଦର ମନ୍ତ୍ରୀଙ୍କଠାରୁ ଉର୍ଦ୍ଧ୍ୱ ପଦ ନୁହେଁ ବୋଲି ଘୋଷଣା କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି। ମାମଲାରେ ମୁଖ୍ୟ ସଚିବ, ରାଜ୍ୟପାଳଙ୍କ ସଚିବ, ଆକାଉଣ୍ଟାଣ୍ଟ ଜେନେରାଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡାଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶ୍ରୀନିବାସ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

### ■ ପାରିବାରିକ କଳହର କରୁଣ ପରିଣତି

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ,୨୭।୮ (ସମିସ): ପାରିବାରିକ କଳହର କରୁଣ ପରିସ୍ଥିତି। ନିଜ ସ୍ତ୍ରୀକୁ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି ଭଦ୍ରକ ପୁରୁଣା ବଜାର ଥାନା ଅଧୀନସ୍ଥ ନଙ୍ଗାମହଲାଠାରେ। ମୃତ ଦମ୍ପତି ହେଲେ ସେକ୍ ମୁସ୍ତାଫ୍ ଓ ସ୍ତ୍ରୀ ସୋନମ୍। ସୂଚନାଯୋଗ୍ୟ, ନଙ୍ଗାମହଲା ଅଞ୍ଚଳର ସେକ୍ ମୁସ୍ତାଫ୍ ଜଣେ ଇଞ୍ଜିନିୟର। ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ। ସେ ଆଜକୁ ୬ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଉତ୍ତର ପ୍ରଦେଶର ଲକ୍ଷ୍ନୌରର ସୋନମ୍ ନାମକ ଜଣେ ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲେ। ତେବେ ସୋନମ୍ ଲକ୍ଷ୍ନୌରେ ରହୁଥିବାବେଳେ ମୁସ୍ତାଫ୍ ଯାଜପୁରରେ ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ଦିନ ପୂର୍ବରୁ ଉଭୟ ସ୍ୱାମୀ-ସ୍ତ୍ରୀ ଲକ୍ଷ୍ନୌରୁ ଆସି ଭଦ୍ରକ ନଙ୍ଗାମହଲାଠାରେ ପହଞ୍ଚିଥିଲେ। ଏପରିକି ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଏପରିସ୍ଥଳେ ହଠାତ୍ ଗୁରୁବାର ସ୍ୱାମୀ ମୁସ୍ତାଫ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ ସୋନମ୍‌ଙ୍କୁ ହତ୍ୟା କରିଥିଲେ। ପରେ ଘର ଭିତରେ ନିଜେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ନଙ୍ଗାମହଲା ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗି ରହିଥିଲା। ଖବର ପାଇ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ପୁରୁଣା ବଜାର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ତେବେ ହତ୍ୟାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହା ଏକ ପାରିବାରିକ କଳହ ବୋଲି ଜଣାଯାଇଛି। ମୃତ ଦମ୍ପତିଙ୍କ ଦୁଇଟି ଛୋଟ ଝିଅ ଥିବା ଜଣାଯାଇଛି।





## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୨୨- ଜାପାନ ସାଇବେରିଆରୁ ତା'ର ସୈନ୍ୟ ଫେରାଇବା ପାଇଁ ସହମତ ହେଲା।
- ୧୯୮୪- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୬- ପ୍ରିନ୍ସ ଚାର୍ଲସ୍ ଓ ଯୁବରାଣୀ ଡାଏନାଙ୍କ ମଧ୍ୟରେ ବିଧିବଦ୍ଧ ଭାବେ ଛାଡ଼ପତ୍ର ହେଲା।
- ୨୦୦୮-ଫୋର୍ବସ୍ ପତ୍ରିକା ବିଶ୍ୱର ୧୦୦ ଜଣ ଶକ୍ତିଶାଳୀ ମହିଳାଙ୍କ ଭିତରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ମାୟାବତୀଙ୍କୁ ସାମିଲ୍ କଲା।

# ପ୍ରଳୟ ପାଇଁ ବଙ୍କର



ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ଉତ୍ତେଜନା, ଯୁଦ୍ଧ ଭୟ ଏବଂ ବିନାଶ ଆଶଙ୍କା ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିମାନେ ଏପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ 'ଡୁମ୍ସଡେ ବଙ୍କର' ବା ବିନାଶକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରୁଛନ୍ତି। ଏଠାରେ ଧନୀ ବ୍ୟକ୍ତିମାନେ ନିଜର କଳାକୃତି, ମୂଲ୍ୟବାନ ଗହଣା, ଡିଜିଟାଲ୍ ଡାଟା ଏବଂ ନିଜର ଦାମୀ କାର୍‌ଗୁଡ଼ିକୁ ସୁରକ୍ଷିତ ରଖିପାରିବେ। ସୁଇଜରଲ୍ୟାଣ୍ଡର ଆଲପସ୍ ପାହାଡ଼ ତଳେ ୧୦୦ ମିଟର ଗଭୀରତାରେ ଏଭଳି ଏକ ବିଶାଳ ଭୂତଳ ନେଟୱାର୍କ ନିର୍ମାଣ କରାଯାଉଛି, ଯାହାର ନେତୃତ୍ୱ ସୁଇସ୍ ବ୍ୟବସାୟୀ ଥୋମାସ୍ ଗାସର୍ ଏବଂ ତାଙ୍କ କମ୍ପାନି 'ବ୍ରୁନିଗ ମେଗା ସେଫ୍' ନେଇଛନ୍ତି। ସାଧାରଣ ସାମରିକ ବଙ୍କର ଭଳି ଏଗୁଡ଼ିକ ଅନ୍ଧାରୁଆ କି ସଂକୀର୍ଣ୍ଣ ନୁହେଁ। ବଙ୍କର ଭିତରେ ସୁଇମିଂ ପୁଲ୍, ସିନେମା ହଲ୍, ବାର୍, ଜିମ୍, ଏବଂ ସ୍ପା ଆଦି ରହିଛି। ଦୀର୍ଘ ଦିନ ଭୂତଳରେ ରହିବା ଦ୍ୱାରା ଯେପରି ମାନସିକ ଚାପ ନ ହେବ, ସେଥିପାଇଁ କାନ୍ଥରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି, ଯେଉଁଥିରେ ପ୍ରକୃତିର ସୁନ୍ଦର ଦୃଶ୍ୟ, ଦିନ ଓ ରାତିର ଆଲୋକ ଏବଂ ବାହାରର ପାଣିପାଗର ନକଲି ଅନୁଭୂତି ମିଳିପାରିବ। ମାସ ମାସର ଶୁଖିଲା ଖାଦ୍ୟ ସହିତ ଏହା ଭିତରେ ହାଇଡ୍ରୋପୋନିକ୍ସ ପ୍ରଣାଳୀରେ ବିନା ମାଟିରେ ଲାଇଟ୍ ସାହାଯ୍ୟରେ ପନିପରିବା ମଧ୍ୟ ଚାଷ କରାଯାଇପାରିବ। ଏହା ମଧ୍ୟରେ ମିଲିଟାରୀ-ଗ୍ରେଡ୍ ଏୟାର ଫିଲ୍ଟରେସନ୍ ସିଷ୍ଟମ୍ ଥାଏ, ଯାହା ପରମାଣୁ ବିକିରଣ ଏବଂ ଜୈବିକ ଗ୍ୟାସ୍‌କୁ ଭିତରକୁ ଆସିବାକୁ ଦେବନାହିଁ। ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ଏହାର ସୁରକ୍ଷା ବ୍ୟବସ୍ଥା ସୁଇସ୍ ନ୍ୟାସନାଲ ବ୍ୟାଙ୍କ ଠାରୁ ମଧ୍ୟ ଅଧିକ ମଜବୁତ ହେବ। ଏଠାରେ ଗୋଟିଏ ଗୁମ୍ଫାକୁ ୯୯ ବର୍ଷର ଲିଜ୍‌ରେ ନେବା ପାଇଁ ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ରଖାଯାଇଛି। ଏହି ବଙ୍କରଗୁଡ଼ିକର ସ୍ଥାନ ଏତେ ଗୋପନୀୟ ରଖାଯାଇଛି ଯେ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯାଇ ନାହିଁ। ବଙ୍କର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଏକ ସ୍ୱତନ୍ତ୍ର ଚେକପଏଣ୍ଟ ଦେଇ ଯିବାକୁ ପଡ଼ିବ, ଯେଉଁଠାରେ ଅନେକ ପ୍ରକାରର ଗୁପ୍ତ ସୁରକ୍ଷା ଯାଞ୍ଚ କରାଯାଏ।

# ରାଗ ଶୁଝାଇବାର ନୂଆ ଧାରା



ଚୀନ୍‌ରେ ବର୍ତ୍ତମାନ ଡିଜିଟାଲ ପେଟ୍ ଟ୍ରେଣ୍ଡ ଯୁବପିଢ଼ିଙ୍କ ମଧ୍ୟରେ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। କମ୍ପ୍ୟୁଟର ଏବଂ ସ୍ମାର୍ଟଫୋନ୍ ସ୍କ୍ରିନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ପୋଷା ଜୀବମାନେ ଚୀନର କର୍ମଜୀବୀ ଏବଂ ଯୁବ ସମାଜକୁ ବେଶ୍ ଆକର୍ଷିତ କରୁଛନ୍ତି। ଚୀନ୍‌ର ଅଫିସ୍ କର୍ମଚାରୀମାନେ ନିଜର ମାନସିକ ଚାପ ଓ କ୍ଳାନ୍ତି ଦୂର କରିବା ପାଇଁ ଏହି ଡିଜିଟାଲ ପେଟ୍‌ଗୁଡ଼ିକର ବହୁଳ ବ୍ୟବହାର କରୁଛନ୍ତି। ଅନେକ ଯୁବକ ନିଜର ରାଗ ବା ଅସନ୍ତୋଷ ମେଣ୍ଟାଇବା ପାଇଁ ନିଜ ଅଫିସର ବସ୍ ବା କୌଣସି ନାପସନ୍ଦ ବ୍ୟକ୍ତିଙ୍କ ଫଟୋକୁ ଏଆଇ ସାହାଯ୍ୟରେ ଏକ ଡିଜିଟାଲ ଅବତାରରେ ପରିଣତ କରୁଛନ୍ତି। ଏହି ଭର୍ଚୁଆଲ କ୍ୟାରେକ୍ଟରଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଉଠାବସା କରିବା, ଆଣ୍ଠୁମାଡ଼ି କ୍ଷମା ମାଗିବା, କିମ୍ବା ଚା' ପରଷିବା ଭଳି ମଜାଦାର କାର୍ଯ୍ୟ କରିଥାନ୍ତି। ଏହା କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ କିଛି ସମୟ ପାଇଁ ହସିବାର ସୁଯୋଗ ଦେଇଥାଏ। ସେହିପରି କିଛି ଲୋକ ଏହି ଟେକ୍ନିକ୍‌କୁ ନିଜେ ପ୍ରସ୍ତୁତ କରୁଥିବା ବେଳେ ଆଉ କିଛି ଟଙ୍କା ଦେଇ ଏହାକୁ ତିଆରି କରୁଛନ୍ତି। ତେବେ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, କୌଣସି ବାସ୍ତବ ମଣିଷର ଫଟୋକୁ ଏଆଇରେ ରୂପାନ୍ତରିତ କରିବା ଯୋଗୁ ଆଇନଗତ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ବିଶେଷକରି କୌଣସି ବ୍ୟକ୍ତିଙ୍କ ଫଟୋକୁ ବିନା ଅନୁମତିରେ ଏପରି କରିବା ଦ୍ୱାରା ଫଟୋ ସମ୍ବନ୍ଧିତ ଅଧିକାର ଉଲ୍ଲଙ୍ଘନ ହୋଇପାରେ। ତେଣୁ କୌଣସି ମାଲିକ, ସହକର୍ମୀ, ଅନ୍ୟ ବ୍ୟକ୍ତିଙ୍କ ଫଟୋକୁ ଏଭଳି ଭାବେ ଉପଯୋଗ କରିବା ପୂର୍ବରୁ ଆଇନଗତ ଦିଗ ଉପରେ ଧ୍ୟାନ ଦେବା ଜରୁରି।

# ୨୧ ବର୍ଷ ପରେ ଖଳନାୟକ ଭୂମିକାରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କ ଅଭିନୀତ 'ଧମାଲ ୪' ନିକଟରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜିନେସ୍ କରିଥିଲା। ଚଳିତ ବର୍ଷ ଅଜୟଙ୍କ ଅଭିନୀତ ଅନ୍ୟ ଦୁଇଟି ଫିଲ୍ମ 'ଦୃଶ୍ୟମ୍ ୩' ଓ 'ରେଞ୍ଜର' ମଧ୍ୟ ମୁକ୍ତିଲାଭ କରିବାକୁ ଯାଉଛି। ଇତିମଧ୍ୟରେ ତାଙ୍କର ଆଉ ଏକ ସିନେମାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ରୋହିତ ଜୁଗରାଜଙ୍କ ଆଗାମୀ ସିନେମା 'ଗୃହ ପ୍ରବେଶ'ରେ ସେ ଖଳନାୟକ ଭୂମିକାରେ ନଜର ଆସିବେ। ୨୦୦୫ରେ ଆସିଥିବା 'କାଲ୍' ଫିଲ୍ମରେ ଅଜୟ ଶେଷ ଥର ପାଇଁ ଖଳନାୟକ ଭାବେ ଦେଖାଯାଇଥିଲେ। ଏହି ଫିଲ୍ମର ୨୧ ବର୍ଷ ପରେ ସେ ପୁଣି ଥରେ ନକାରାତ୍ମକ ଚରିତ୍ରକୁ ଫେରୁଛନ୍ତି। ଏହି ସୁପରନ୍ୟାଚୁରାଲ୍ ହରର୍ ଥ୍ରୀଲର୍ ଫିଲ୍ମରେ ଅଜୟଙ୍କ ପାଖରେ କିଛି ଅଲୌକିକ ଶକ୍ତି ଥିବାର ଦେଖାଯିବ। 'ଗୃହ ପ୍ରବେଶ' ଫିଲ୍ମର ସୁଟିଂ ପ୍ରଥମେ ଯୁକେରେ ହେବାର ଥିଲା ଏବଂ ଏହା ଜୁଲାଇ ମାସରୁ ଆରମ୍ଭ ହେବାର ଯୋଜନା ଥିଲା। ଅଜୟଙ୍କ ଅନ୍ୟାନ୍ୟ ପ୍ରୋଜେକ୍ଟ ଯୋଗୁଁ ଏହାର ସୁଟିଂ ଆରମ୍ଭ ହୋଇ ପାରିନାହିଁ। ଆସନ୍ତା ସେପ୍ଟେମ୍ବର ମାସରୁ ଏହାର ସୁଟିଂ ଆରମ୍ଭ ହେବ। ପ୍ରଥମ ଭାଗର ସୁଟିଂ ମୁମ୍ବାଇରେ ହିଁ ହେବ। ସୁଟିଂ ସରିବା ପରେ ଫିଲ୍ମର ପରବର୍ତ୍ତୀ ସୁଟିଂ ପାଇଁ ପୂରା ଟିମ୍ ଲଣ୍ଡନ ଯିବ। ଏହାର କାହାଣୀ 'ଗରୁଡ଼ ପୁରାଣ'ରୁ ପ୍ରେରିତ ହୋଇଛି। ଏଥିରେ ଜୀବନ, ମୃତ୍ୟୁ, କର୍ମ, ଆତ୍ମା ଏବଂ ପୁନର୍ଜନ୍ମ ଭଳି ଗମ୍ଭୀର ବିଷୟଗୁଡ଼ିକୁ ଦେଖାଯିବ। ଫିଲ୍ମରେ ଅଜୟଙ୍କ ଭୂମିକା ଏକ ବିଚଳିତ ଆତ୍ମା ସହିତ ଜଡ଼ିତ ହେବ। ଅଜୟ ପୂର୍ବରୁ 'ଭୂତ', 'କାଲ' ଏବଂ 'ଶୈତାନ' ଭଳି ହରର୍ ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିବାରୁ ଦର୍ଶକଙ୍କ ମଧ୍ୟରେ 'ଗୃହ ପ୍ରବେଶ'କୁ ନେଇ ବେଶ୍ ଉତ୍ସାହ ରହିଛି।

## 'ସକାଳ'ର ସ୍ୱାସ୍ଥ୍ୟ

# ଚିକେନ୍ ସ୍କିନ୍



**ଅଧିକାଂଶ ଲୋକଙ୍କ ଚର୍ମ ଉପରେ ବ୍ରଣ ପରି ଲାଲ ଲାଲ ଫଳିଯାଏ। ଏହାର ଲକ୍ଷଣ ପ୍ରାୟତଃ ଜଣାପଡୁନଥିବାରୁ ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି। ହେଲେ ଏହା 'ଚିକେନ୍ ସ୍କିନ୍'ର ସଙ୍କେତ ହୋଇପାରେ। ଡାକ୍ତରୀଭାଷାରେ ଏହାକୁ କେରାଟୋସିସ୍ ପିଲାରିସ୍ କୁହାଯାଏ। ଏହା ଏକ ଦୀର୍ଘସ୍ଥାୟୀ ଚର୍ମ ସମସ୍ୟା। ପିଲାମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ।**

ଚର୍ମରେ କେରାଟିନ୍ ନାମକ ପ୍ରୋଟିନ୍ ଅଧିକ ଜମା ହୋଇ ଲୋମକୂପଗୁଡ଼ିକୁ ବନ୍ଦ କରିଦିଏ ଏବଂ ଚର୍ମରେ ଛୋଟ ଛୋଟ ଦାନା ଦାନା ସୃଷ୍ଟି ହୋଇଥାଏ। ଏହାଛଡ଼ା ବଂଶାନୁଗତ, ଶୁଷ୍କ ଚର୍ମ ସମସ୍ୟା ଏହି ରୋଗର ମୂଳ କାରଣ। ବେଳେ ବେଳେ ଭିଟାମିନ୍ ଅଭାବରୁ ମଧ୍ୟ 'ଚିକେନ୍ ସ୍କିନ୍' ସୃଷ୍ଟି ହୋଇଥାଏ। ଅତ୍ୟଧିକ ଗରମ ପାଣିରେ ଗାଧୋଇବା, ଚର୍ମକୁ ଅଧିକ ରଗୁଡ଼ିବା, ମଏଶ୍ଚରାଇଜର ବ୍ୟବହାର ନ କରିବା, ଅଧିକ ସୁଗନ୍ଧିତ ସ୍କିନ୍ ପ୍ରଡକ୍ଟ ବ୍ୟବହାର ଆଦି ଅଭ୍ୟାସ ଏହି ସମସ୍ୟାକୁ ବଢ଼ାଇଦିଏ। ମେଦବହୁଳତା, ମଧୁମେହ, ଏକ୍‌ଜିମା ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ।

**ଲକ୍ଷଣ:** ଶୀତଦିନେ କିମ୍ବା ଶୁଷ୍କପାଗରେ ଏହି ସମସ୍ୟା ଅଧିକ ଦେଖାଯାଏ। ହାତ ବାହୁ, ଜଙ୍ଘ, ଗାଲ, ନିତମ୍ବରେ ଛୋଟ ଛୋଟ ଲାଲ ରଙ୍ଗର ଦାନା ଭଳି ଫଳିଯାଏ। କୁକୁଡ଼ା ଛାଲ ପରି ଚର୍ମ ଅଧିକ ରୁକ୍ଷ ଲାଗେ। ଏହା ଯନ୍ତ୍ରଣାବିହୀନ। କୁଣ୍ଡାଇ ହୁଏ ନାହିଁ। କିଛିଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଏହି ଲକ୍ଷଣ ଆପେ ଭଲ ହୋଇଯାଏ। ଆଉ କିଛିଜଣ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରୁହନ୍ତି। ତେବେ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରହିଲେ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା, ଲକ୍ଷଣ କିମ୍ବା ଚର୍ମର ସ୍ଥିତି ଅନୁଯାୟୀ ଚିକିତ୍ସା ପଦ୍ଧତି ଆପଣାନ୍ତି। ଚର୍ମକୁ ଆର୍ଦ୍ର ଏବଂ କୋମଳ ରଖିବା ପାଇଁ ନିୟମିତ ମଏଶ୍ଚରାଇଜର୍ ବ୍ୟବହାର କରିବା ଉଚିତ। ଔଷଧ ଦ୍ୱାରା ସୁଫଳ ନ ମିଳିଲେ ଲେଜର୍ ଟ୍ରିଟ୍‌ମେଣ୍ଟ ବ୍ୟବହାର କରାଯାଏ। ଚର୍ମକୁ ଅଧିକ ଘଷିବା ବା ଗରମ ପାଣିରେ ଗାଧୋଇବା ଅନୁଚିତ। ଏହାସହିତ ହାଲୁକା ନଖ ଉଷୁମ ପାଣିରେ ଗାଧୋଇବା, ପର୍ଯ୍ୟାପ୍ତ ପାଣି ପିଇବା, ଦୈନିକ ସନ୍ତୁଳିତ ଖାଦ୍ୟଗ୍ରହଣ, ଢିଲା ପୋଷାକ ପିନ୍ଧିବା, ମୃଦୁ ସାବୁନ ବ୍ୟବହାର କରିବା ଆଦି ଅଭ୍ୟାସ ଆପଣାଇପାରିବେ।

# ବହୁ ଉପକାରୀ ଘି-କୁଆଁରୀ ରସ



ଘି-କୁଆଁରୀରେ ଭିଟାମିନ୍, ଖଣିଜ, ଆଣ୍ଟି ଅକ୍ସିଡାଣ୍ଟ, କବକ ଏବଂ ଜୀବାଣୁ ନିରୋଧୀ ଗୁଣ ଆଦି ଭରପୂର ରହିଛି। ଔଷଧୀୟ ଗୁଣରେ ଭରପୂର ଘି-କୁଆଁରୀ ରସ ଖାଲିପେଟରେ ପିଇବା ଦ୍ୱାରା ନାନା ରୋଗ ଦୂର ହୋଇଥାଏ।

- ସକାଳୁ ଖାଲି ପେଟରେ ଦୁଇକପ୍ ନଖ ଉଷୁମ ପାଣିରେ ପାଞ୍ଚରୁ ତିରିଶ ମିଲି ଘି-କୁଆଁରୀ ରସ ବୟସ ଓ ଶାରୀରିକ ଓଜନ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ପିଇଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଅମ୍ଳଜନିତ ସମସ୍ୟା ଦୂର ହୁଏ।
- ନିୟମିତ ବ୍ୟବଧାନରେ ଘି-କୁଆଁରୀ ରସ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ।
- ଓଜନ ନିୟନ୍ତ୍ରଣ ପାଇଁ ଘି-କୁଆଁରୀ ରସ ସର୍ବୋତ୍ତମ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ମାଂଶପେଶୀ ଏବଂ ସ୍ନାୟୁ ଠିକ୍ ଭାବେ କାର୍ଯ୍ୟ କରେ। ତେବେ ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ଘି-କୁଆଁରୀ ରସ ପିଇବା ହିତକର।





# ଚକ୍ଷୁ ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ଓ ପରିବେଶର ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ବୃଦ୍ଧି ପାଏ। ଏହିଦିନେ ସ୍ୱଚ୍ଛତାକୁ ଅଣଦେଖା କଲେ ଚକ୍ଷୁ ସଂକ୍ରମଣ ହୋଇଥାଏ। ସଂକ୍ରମିତ ଚକ୍ଷୁ ଲାଲ୍ ପଡ଼ି କୁଣ୍ଡାଇ ହେବା, ଆଖି ଜଳାପୋଡ଼ା ଆଦି ଲକ୍ଷଣ ଦେଖାଯାଏ।**



ବର୍ଷାଦିନେ ସନ୍ତସନ୍ତିଆ ପରିବେଶରେ ଜୀବାଣୁ ଏବଂ କବକ ବଂଶବୃଦ୍ଧି ହୁଏ। ଚକ୍ଷୁ ଅପରିଷ୍କାର ପାଣି ସଂସ୍ପର୍ଶରେ ଆସିଲେ, ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବା, ମଇଳା ହାତରେ ଆଖିକୁ ଛୁଇଁବା, ସଂକ୍ରମିତ ବ୍ୟକ୍ତିଙ୍କ ରୁମାଲ ବା ଗାମୁଛା ବ୍ୟବହାର କରିବା, କଣ୍ଟାକ୍ଟ ଲେନ୍ସକୁ ସଫା ନ କରି ବ୍ୟବହାର ଆଦି କାରଣରୁ ଚକ୍ଷୁ ସଂକ୍ରମଣ ହୋଇଥାଏ। ଓଦା ତଉଲିଆରେ ଆଖି ପୋଛିବା ଦ୍ୱାରା ମଧ୍ୟ ଚକ୍ଷୁ ସଂକ୍ରମଣ ହୋଇଥାଏ। ବିଶେଷକରି କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିବା ବ୍ୟକ୍ତି, ଛୋଟପିଲା, ବୟସ୍କ ବ୍ୟକ୍ତି, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି, ଚକ୍ଷୁ ଅସ୍ତ୍ରୋପଚାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ବିପଜ୍ଜନକ। ଏହିଦିନେ ଚକ୍ଷୁ ସଂକ୍ରମଣ ସହିତ ଆଖିଧରା, ଆଖିରେ ଆଲୁଅ କିମ୍ବା ଆଲର୍ଜି ଆଦି ଦେଖାଯାଏ। ତେଣୁ ଚକ୍ଷୁ ସଂକ୍ରମଣ ରୋକିବାକୁ ଅପରିଷ୍କାର ହାତରେ ଆଖିକୁ ବାରମ୍ବାର ନଛୁଇଁବା, ନିଜର ବ୍ୟବହୃତ ତଉଲିଆ, ତକିଆ ବା ରୁମାଲକୁ ଅନ୍ୟମାନଙ୍କ ସହ ସେୟାର ନ କରିବା, ସଫା ଏବଂ ଶୁଖିଲା ରୁମାଲ ଉପଯୋଗ କରିବା ଆବଶ୍ୟକ। ଆଖିରେ ଯନ୍ତ୍ରଣା ହୋଇ ଝାପ୍‌ସା ଦେଖାଯାଉଥିଲେ ତଥା ଚକ୍ଷୁ ସଂକ୍ରମଣ ଦେଖାଦେଲେ ମନଇଚ୍ଛା ଔଷଧ ବ୍ୟବହାର ନ କରି ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଘର ବଇଦ

### ହାଡ଼ ଭାଙ୍ଗିଲେ...

- ଅର୍ଜୁନ ଗଛର ଛାଲିର ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗା ହାଡ଼ ଯୋଡ଼ି ହୁଏ।
- ବାବୁଲ ଗଛର ଛେଲିକୁ ଚୂର୍ଣ୍ଣ କରି ସେହି ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ମହୁ ସହିତ ତିନି ଦିନ ଖାଇଲେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।
- ବାବୁଲ ମଞ୍ଜିର ଚୂର୍ଣ୍ଣ ମହୁ ସାଙ୍ଗରେ ତିନିଦିନ ଖାଇଲେ ହାଡ଼ ଯୋଡ଼ି ହୋଇଯାଏ ଏବଂ ବଜ୍ର ପରି ମଜବୁତ ହୁଏ।
- ଚକାପତ୍ର ବଜ୍ରମୂଳୀର ପତ୍ରକୁ ଚକଟି ସାମାନ୍ୟ ପାଣି ମିଶାଇ ରସ ବାହାର କରି ଦେହର ଯେଉଁ ପାଖ ଅଙ୍ଗରେ ହାଡ଼ ଭାଙ୍ଗିଥିବ ତାର ବିପରୀତ ପାଖ କାନରେ ସେହି ରସ ପକାଇଲେ ହାଡ଼ ଯୋଡ଼ି ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ରୋଗଗ୍ରସ୍ତ ଯକୃତର ଲକ୍ଷଣ

**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ହେଲେ ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଖାଦ୍ୟପେୟ, ଚିନ୍ତା, ନିଶା ସେବନ ଆଦି କାରଣ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡୁଛି। ତେଣୁ ଯକୃତ ରୋଗଗ୍ରସ୍ତ ହେଲେ ଭିନ୍ନ ଭିନ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଯକୃତ ଖରାପ ହେଲେ ଏହା ସ୍ନାୟୁ ଉପରେ ଚାପ ପକାଇଲେ ଡାହାଣ କାନ୍ଧରେ ଯନ୍ତ୍ରଣା ହୁଏ। ଥକ୍କାପଥ, ଓଜନହ୍ରାସ, ଜଣ୍ଡିସ୍, ଗୋଡ଼ହାତ ଫୁଲା ଭଳି ଲକ୍ଷଣ ଦେଖାଯାଏ। ସେହିପରି ଯକୃତ ଠିକ୍ ଭାବେ ପିତ୍ତ ନିର୍ଗତ କରି ନ ପାରିଲେ ରକ୍ତରେ ବିଲିରୁବିନ ଜମା ହୋଇ ଚର୍ମ କୁଣ୍ଡାଇ ହୁଏ। ଲଗାତାର ଚର୍ମ ଶୁଷ୍କ କିମ୍ବା କୁଣ୍ଡାଇ ହେବା ଯକୃତ ରୋଗର ପ୍ରାରମ୍ଭିକ ଲକ୍ଷଣ। ବିଶେଷ କରି ଫ୍ୟାଟି ଲିଭର କିମ୍ବା ଲିଭର ସିରୋସିସ୍ ଭଳି ଦୀର୍ଘକାଳୀନ ରୋଗରେ ପୀଡ଼ିତ ନିଦ ଭାଙ୍ଗିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଖାଇବା ପରେ ପେଟ ଭାରି କିମ୍ବା ବାନ୍ତି ଅନୁଭବ ମଧ୍ୟ ଯକୃତ ସମସ୍ୟାର ଲକ୍ଷଣ ହୋଇପାରେ। ଏହା ପ୍ରଦାହ, ଫ୍ୟାଟିଲିଭର କିମ୍ବା ଯକୃତରେ ତରଳ ପଦାର୍ଥ ଜମା ହେବା ଭଳି ସମସ୍ୟାକୁ ସୂଚାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶରେ ଲିଭର ଫଙ୍କସନ୍ ଟେଷ୍ଟ (ଏଲ୍ଏଫ୍‌ଟି) କରି ଚିକିତ୍ସା କରିବା ଆବଶ୍ୟକ। ପରିବାରରେ କାହାର ଯକୃତ ଜନିତ ରୋଗ ଥିଲେ ଏହି ଟେଷ୍ଟ କରିବା ଆବଶ୍ୟକ। ଏହି ପରୀକ୍ଷାରୁ ରକ୍ତରେ ଏଲ୍‌ବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ (ଅପଶିଷ୍ଟ ପଦାର୍ଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଏ।

### କଲମ୍ବୋ ଟେଷ୍ଟକୁ ଡ୍ର' ରଖିଲା ଶ୍ରୀଲଙ୍କା

# ଭାରତର ବିଜୟରେ ବାଧକ ସାଜିଲେ ସୋନାଲ

କଲମ୍ବୋ, ୨୭ ।୮ (ଏଜେନ୍ସି)




ନିରାଶ ଶୁବମନ୍ ଗିଲ୍

ସ୍ଥାନୀୟ ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟକୁ ଶ୍ରୀଲଙ୍କା ଡ୍ର ରଖିବାରେ ସଫଳ ହୋଇଛି । ଫଲୋଅନ ପାଇ ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଘରୋଇ ଶ୍ରୀଲଙ୍କା ପାଇଁ ସୋନାଲ ଦିନୁଶା ତ୍ରାଣକର୍ତ୍ତା ସାଜିଥିଲେ । ପ୍ରଥମ ପାଳିରେ ଶତକ (୧୦୩ ରନ) ହାସଲ କରିଥିବା ୨୫ ବର୍ଷୀୟ ଏହି ବାମହାତୀ ବ୍ୟାଟର ଦ୍ୱିତୀୟ ପାଳିରେ ମଧ୍ୟ ୧୩୩ ରନର ମାରାଥନ ଅପରାଜିତ ଶତକୀୟ ପାଳି ଖେଳିବା ସହ ଭାରତର ଏକ ନିଶ୍ଚିତ ବିଜୟ ଆଶାକୁ ଧୂଳିସାତ୍ କରିଦେଇଥିଲେ । ସୋନାଲ ଏକାକୀ ୪୪ ଓଭର ତଥା ୨୬୪ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ୱିକେଟ ପାଇଁ ଅଣାୟତ କରିଦେଇଥିଲେ । ଫଳରେ ଏକଦା ବିଜୟସ୍ଥିତିରେ ରହିଥିବା ଶୁବମନ ଗିଲ୍ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଶେଷରେ ଡ୍ର'ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା । ଭାରତ ସିରିଜ କ୍ଲିନସୁଇପ୍ କରିବାରୁ ମଧ୍ୟ ବଞ୍ଚିତ ହୋଇଛି । ପୂର୍ବରୁ ଗଲ୍ ଟେଷ୍ଟକୁ ୧୬୫ ରନରେ ଜିତିଥିବା ଭାରତ ଏବେ ୧-୦ରେ ସିରିଜ ଜିତି ସ୍ୱଦେଶ ଫେରିଛି ।

୨୧୩ ରନ ପଛରେ ଥାଇ ଫଲୋଅନ୍ ହୋଇଥିବା ଶ୍ରୀଲଙ୍କା ବୁଧବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ କରିଥିଲା । ହାତରେ ଆଉ ୪ଟି ୱିକେଟ୍ ବାକିଥିବାବେଳେ ସିଂହଳୀ ଦଳ ମାତ୍ର ୧୬ ରନରେ ଅଗ୍ରଣୀ ରହିଥିଲା । ତେଣୁ ଗୁରୁବାର ଅନ୍ତିମ ତଥା ପଞ୍ଚମ ଦିବସର ପ୍ରଥମ ସେସନରେ ଶ୍ରୀଲଙ୍କାକୁ ସଅଳ ଅଲ୍ଆଉଟ୍ କରି ଭାରତ ସହଜ ବିଜୟ ଲକ୍ଷ୍ୟରେ ରହିଥିଲା । କିନ୍ତୁ ଭାରତର ଏହି ବିଜୟପଥରେ ସୋନାଲ ଦିନୁଶା ଓ ୯ ନମ୍ବର ବ୍ୟାଟର୍ କେଶରା ନୁୱାନ୍ଥା ବାଧକ ସାଜିଥିଲେ । ପୂର୍ବଦିନର ସ୍କୋର ୭ରୁ ବ୍ୟାଟିଂ ଆରମ୍ଭ କରିଥିବା ସୋନାଲ ଆଜି ଖେଳିଥିଲେ ଏକ ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି । ସେହିଭଳି ୩ ରନରୁ ବ୍ୟାଟିଂ ଆରମ୍ଭ କରିଥିବା ନୁୱାନ୍ଥା ୪୬ ରନର ଏକ ଉପଯୋଗୀ ପାଳି ଖେଳିଥିଲେ । ସପ୍ତମ ୱିକେଟ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୨୪୨ ବଲରୁ ୧୧୨ ରନ ଉଠାଇ ଶ୍ରୀଲଙ୍କାକୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ । ତେବେ ସବୁଠୁ ବଡ଼ କଥା ହେଉଛି ସୋନାଲ ୨୬୪ଟି ଓ ନୁୱାନ୍ଥା ୧୫୦ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ । ଉଭୟ ଏତେ ରକ୍ଷଣାତ୍ମକ ଖେଳିଥିଲେ ଯେ ଭାରତ ୱିକେଟ ପାଇଁ ନୟାନ୍ତ ହୋଇଥିଲା । ତେବେ ୪୬ ରନରେ ନୁୱାନ୍ଥଙ୍କୁ ଆଉଟ୍ କରି ମାନବ ସୂତାର ଭ୍ରମଣକାରୀ ଦଳକୁ ପ୍ରତିକ୍ଷୀତ ବ୍ରେକଥ୍ରୁ ଦେଇଥିଲେ । କିନ୍ତୁ ସୋନାଲ ପରବର୍ତ୍ତୀ ତିନି ବ୍ୟାଟର୍ ପ୍ରବଥା ଜୟସୁରିଆ (୨୮ ବଲରେ ୨ ରନ), ଲାହିରୁ କୁମାରା (୯୦ ବଲରେ ୧୨ ରନ) ଓ ଅସିଥା ଫର୍ଣ୍ଣାଣ୍ଡୋ (୨୪ ବଲରେ ଶୂନ)ଙ୍କୁ ସାଥି କରି ଭାରତୀୟ ବୋଲରଙ୍କୁ ଆହୁରି ନୟାନ୍ତ କରିଥିଲେ । ଫଳରେ ଦିବସରେ ୮୦.୪ ଓଭର ବୋଲିଂ କରିଥିଲେ ମଧ୍ୟ ଶ୍ରୀଲଙ୍କାକୁ ଅଲ୍ଆଉଟ୍ କରିବାକୁ ଭାରତ ସମର୍ଥ ହୋଇପାରି ନ ଥିଲା । ଏପରିକି ଭାରତୀୟ ଅଧିନାୟକ ଗିଲ୍ ୮ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ କେହି ପ୍ରଭାବୀ ସାବ୍ୟସ୍ତ ହୋଇପାରି ନ ଥିଲେ । ୱିକେଟ ଆଶାରେ ନିଜେ ଗିଲ୍ ୨ ଓ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ମଧ୍ୟ ଶେଷକୁ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ । ଖେଳ ଶେଷବେଳକୁ ଶ୍ରୀଲଙ୍କା ୯ ୱିକେଟରେ ୪୨୯ ରନ କରିଥିଲା । ସୋନାଲ ୧୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ଭାରତ ପକ୍ଷରୁ ସୂତାର ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ୱିକେଟ ନେଇଥିଲେ । ସିରିଜରେ ମୋଟ୍ ୩୨୮ ରନ କରିଥିବା ଦେବଦତ୍ତ ପାଡ଼ିକଲ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୫୦୩/ ୯ ଘୋଷଣା (ପାଡିକଲ- ୧୧୭, ଜୁରେଲ- ୧୧୫*, ପନ୍ତ- ୬୩, ଫର୍ଣ୍ଣାଣ୍ଡୋ- ୪/୧୦୬)
**ଶ୍ରୀଲଙ୍କା ପ୍ରଥମ ଇନିଂସ**: ୨୯୦/୧୦ (ସୋନାଲ- ୧୦୩, ପାସିନ୍ଦୁ- ୮୦, ପ୍ରସିଦ୍ଧ- ୩/ ୫୨, ସୂତାର- ୩/୮୫)
**ଶ୍ରୀଲଙ୍କା ଦ୍ୱିତୀୟ ପାଳି**: ୪୨୯ / ୯ (ସୋନାଲ- ୧୩୩*, ପାସିନ୍ଦୁ- ୯୨, ନୁୱାନ୍ଥା- ୪୬, ଜାଡେଜା- ୩/ ୯୪) ।

### ଅଷ୍ଟ୍ରେଲିଆ-ଏ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍

# ଭାରତ-ଏ ଦଳରେ ଓଡ଼ିଶାର ସୁଶ୍ରୀଙ୍କୁ ସୁଯୋଗ



ଭୁବନେଶ୍ୱର, ୨୭ ।୮ (ସମିସ): ବହୁବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଶାର ଜଣେ କ୍ରିକେଟର୍ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି । ଆଗାମୀ ଅଷ୍ଟ୍ରେଲିଆ-ଏ ମହିଳା ଦଳ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଲାଗି ଗୁରୁବାର ଘରୋଇ ଭାରତ-ଏ ଦଳ ଘୋଷଣା କରାଯାଇଛି । ଯେଉଁଥିରେ ଓଡ଼ିଶାର ଅଭିଜ୍ଞ ସ୍ପିନ-ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଏକମାତ୍ର ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଲାଗି ଭାରତ-ଏ ମହିଳା ଦଳରେ ସ୍ଥାନ ମିଳିଛି । ଭାରତୀୟ ସିନିଅର ମହିଳା କ୍ରିକେଟର ଯଷ୍ଟିକା ଭାଟିଆଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି । ଢେଙ୍କାନାଳ ଜନ୍ମିତ ସୁଶ୍ରୀ ଜଣେ ଅଫ୍-ସ୍ପିନର ସହ ମଧ୍ୟକ୍ରମରେ ଉପଯୋଗୀ ପାଳି ଖେଳିବାର ଦକ୍ଷତା ରଖିଛନ୍ତି । ୨୮ ବର୍ଷୀୟା ସୁଶ୍ରୀ ଓଡ଼ିଶା ପକ୍ଷରୁ ୧୧ଟି ପ୍ରଥମଶ୍ରେଣୀ, ୮୭ଟି ଲିଷ୍ଟ-ଏ ଓ ୬୯ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ତିନୋଟି ଯାକ ଫର୍ମାଟରେ ତାଙ୍କ ନାମରେ ୨୦୦୦ ରନ ସହ ୨୦୮ ଟି ୱିକେଟ ଲିପିବଦ୍ଧ ରହିଛି । ଯଦି ଅଷ୍ଟ୍ରେଲିଆ-ଏ ବିପକ୍ଷ ଏକମାତ୍ର ଚାରି-ଦିବସୀୟ ଟେଷ୍ଟ ମ୍ୟାଚରେ ସୁଶ୍ରୀ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଆଗାମୀ ଦିନରେ ତାଙ୍କୁ ଜାତୀୟ ସିନିଅର ଦଳରେ ଖେଳିବାର ସମ୍ଭାବନା ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଅଷ୍ଟ୍ରେଲିଆ-ଏ ମହିଳା ଦଳ ଭାରତ ଗସ୍ତରେ ଆସି ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ତିନୋଟି ଲେଖାଏ ଟି-୨୦, ଦିନିକିଆ ଓ ଗୋଟିଏ ଚାରି-ଦିବସୀୟ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ନ୍ୟୁ ଚଣ୍ଡିଗଡ଼ରେ ଟି-୨୦ ଏବଂ ଧର୍ମଶାଳାରେ ଦିନିକିଆ ଓ ଟେଷ୍ଟ ମ୍ୟାଚଟି ଖେଳାଯିବ । ଯଷ୍ଟିକା ଟେଷ୍ଟ ସହ ଦିନିକିଆ ଦଳର ନେତୃତ୍ୱ ନେବେ । ସେହିଭଳି ଅନୁଷ୍କା ଶର୍ମାଙ୍କୁ ଟି-୨୦ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି ।

### ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍

# ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୭ ।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷରେ କଲମ୍ବୋରେ ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ଏକ ଡ୍ର'ର ସାମ୍ନା କରିବାକୁ ପଡ଼ିଛି । ଫଳରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ଭାରତର ଫାଇନାଲ୍ ଖେଳିବା ଆଶାକୁ ବଡ଼ଧରଣର ଝଟକା ଲାଗିଛି । ଭାରତ ଏବେ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାରେ ପଞ୍ଚମ ସ୍ଥାନକୁ ଖସିଆସିଛି । ଶ୍ରୀଲଙ୍କା ବିପକ୍ଷରେ ସୁଯୋଗ ହାତଛଡ଼ା ହେବା କାରଣରୁ ଭାରତ ପାଇଁ ଫାଇନାଲ୍ ରାସ୍ତା କଠିନ ହୋଇଯାଇଛି । ଆଗାମୀ ଦିନରେ ବିଦେଶ ଏବଂ ଘରୋଇ ମାଟିରେ ହେବାକୁ ଥିବା ଟେଷ୍ଟ ସିରିଜ୍ ଗିଲ୍ ବାହିନୀର ଫାଇନାଲ ଖେଳିବାର ଭାଗ୍ୟ ନିର୍ଦ୍ଧାରଣ କରିବ । ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଡ୍ର' ହେବା ପରେ ଭାରତର ପଏଣ୍ଟ ପ୍ରତିଶତ (ପିସିଟି) ୫୩.୩୩ରୁ ହ୍ରାସ ପାଇ ୫୧.୫୨କୁ ଖସି ଆସିଛି । ବର୍ତ୍ତମାନ ଭାରତ ପାଞ୍ଚଟି ବିଜୟ ସହ ମୋଟ ୬୮ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି । ଭାରତୀୟ ଦଳ ନଭେମ୍ବର ମାସରେ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍ ସିରିଜ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏହାପରେ ୨୦୨୭ ମସିହାର ପ୍ରାରମ୍ଭରେ ଭାରତ ନିଜ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଖେଳିବ । ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ରହିବାକୁ ହେଲେ ଭାରତକୁ ଏହି ସମସ୍ତ ସାତୋଟି ମ୍ୟାଚ୍‌ରେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିବାକୁ ପଡ଼ିବ ।

# ଆଜିଠୁ ମହିଳା ଏସିଆ କପ୍ କ୍ରିକେଟ




ଦୁବାଇ, ୨୭ ।୮ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୦ମ ସଂସ୍କରଣ ଶୁକ୍ରବାରଠାରୁ ୟୁଏଇରେ ଆରମ୍ଭ ହେବାକୁ ଯାଉଛି । ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମହାଦେଶୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏଥର ଟି-୨୦ ଫର୍ମାଟ୍‌ରେ ଖେଳାଯିବ । ଆୟୋଜକ ୟୁଏଇ ସମେତ ୮ ଟି ଏସୀୟ ଦଳ ଏଥର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ରେକର୍ଡ ୭ ଥରର ଚାମ୍ପିଅନ ଭାରତ ସମେତ ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି । ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ଆୟୋଜକ ୟୁଏଇ ଗ୍ରୁପ୍-ବି'ରେ ରହିଛନ୍ତି । ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ । ସେପ୍ଟେମ୍ବର ୧୦ ଓ ୧୧ରେ ଯଥାକ୍ରମେ ଦୁଇଟି ଯାକ ସେମିଫାଇନାଲ ଏବଂ ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ । ହଂକଂ ଓ ଥାଇଲାଣ୍ଡ ମଧ୍ୟରେ ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଅଗଷ୍ଟ ୩୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏସିଆ କପ୍‌ରେ ଅଭିଯାନ ଆରମ୍ଭ କରିବ । ଏହାପରେ ସେପ୍ଟେମ୍ବର ୩ରେ ହଂକଂ ଓ ୫ ତାରିଖରେ ପାକିସ୍ତାନ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି ।

**ଭାରତୀୟ ମହିଳା ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଭାରତୀ ଫୁଲମଣି, ଦୀପ୍ତି ଶର୍ମା, ରିଚା ଘୋଷ, ଜି. କମଳିନୀ, ଅରୁନ୍ଧତୀ ରେଡ୍ଡୀ, ପ୍ରେମା ରାୱତ, ରାଧା ଯାଦବ, ଶ୍ରୀ ଚରଣୀ, ରେଣୁକା ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼ ଓ ପ୍ରତିକା ରାୱଲ ।

# ଭାରତୀୟ ଯୁବ ଦଳରେ ସେହ୍ୱାଗ, ଦ୍ରାବିଡଙ୍କ ପୁଅ





ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଆଗାମୀ ଦ୍ୱି-ପାକ୍ଷିକ ସିରିଜ ଲାଗି ଗୁରୁବାର ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ଘୋଷଣା କରାଯାଇଛି । ଯେଉଁଥିରେ ଦୁଇ ଦିଗଜ ପୂର୍ବତନ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅଙ୍କୁ ସୁଯୋଗ ମିଳିଛି । ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଦିନିକିଆ ସିରିଜ ଲାଗି ଘୋଷିତ ୧୫ ଜଣିଆ ଦଳରେ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଓ ଦ୍ରାବିଡ୍‌ଙ୍କ ସାନ ପୁଅ ଅନଭୟଙ୍କୁ ସାମିଲ କରାଯାଇଛି । ଡାହାଣହାତୀ ବ୍ୟାଟର୍ ଆର୍ଯ୍ୟବୀର ନିକଟରେ ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ୱେଷ୍ଟ ଦିଲ୍ଲୀ ଦଳ ପକ୍ଷରୁ ଖେଳୁଥିଲେ । ପିତା ବୀରେନ୍ଦ୍ରଙ୍କ ପରି ଆର୍ଯ୍ୟବୀର ମଧ୍ୟ ଜଣେ ବିସ୍ଫୋରକ ବ୍ୟାଟର୍ । ୨୦୨୪ରେ କୁଚ୍ ବିହାର ଟ୍ରଫିରେ ସେ ମେଘାଳୟ ବିପକ୍ଷରେ ୨୯୭ ରନ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ । ଅପରପକ୍ଷରେ ଦ୍ରାବିଡଙ୍କ ପୁଅ ଅନଭୟ ଜଣେ ୱିକେଟ-କିପର ବ୍ୟାଟର୍ । ନିକଟରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ମଧ୍ୟ ସେ ସ୍ଥାନ ପାଇ ୮୭ ରନର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ । ଅଷ୍ଟ୍ରେଲିଆ ଓ ଭାରତ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ଦିନିକିଆ ସିରିଜ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ । ସେହିଭଳି ଚାରି-ଦିବସୀୟ ଦୁଇଟି ଟେଷ୍ଟ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୨୭ ଓ ଅକ୍ଟୋବର ୫ରୁ ଖେଳାଯିବ । ଦିନିକିଆ ସିରିଜ ଓ ପ୍ରଥମ ଟେଷ୍ଟ ରାଜକୋଟରେ ଅନୁଷ୍ଠିତ ହେବ । ସେହିଭଳି ଦ୍ୱିତୀୟ ଟେଷ୍ଟଟି ଅହମ୍ମଦାବାଦରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ତେବେ ଉଭୟ ଆର୍ଯ୍ୟବୀର ଓ ଅନଭୟଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିନାହିଁ ।

### ମହିଳା ହକି ବିଶ୍ୱକପ୍

# ପଞ୍ଚମ ସ୍ଥାନରେ ରହିଲା ଭାରତ

ଆମଷ୍ଟେଲଭିନ, ୨୭ ।୮ (ଏଜେନ୍ସି): ନେଦରଲ୍ୟାଣ୍ଡସରେ ଚାଲିଥିବା ମହିଳା ହକି ବିଶ୍ୱକପରେ ଭାରତ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ପୂର୍ବରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଗୁରୁବାର ପଞ୍ଚମ-ଷଷ୍ଠ ସ୍ଥାନ ପାଇଁ ଜର୍ମାନୀ ସହ କ୍ଲାସିଫିକେସନ ମ୍ୟାଚ୍ ଖେଳିଥିଲା । ଏହି ମ୍ୟାଚକୁ ୩-୧ ଗୋଲରେ ବିଜୟୀ ହୋଇଥିଲା । ଭାରତ ପକ୍ଷରୁ ନବନୀତ୍ କୌର ଦୁଇଟି ଗୋଲ୍ ଦେଇଥିଲେ । ମହିଳା ହକି ବିଶ୍ୱକପ୍ ଇତିହାସରେ ଭାରତର ଏହା ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି । ୧୯୭୪ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ୪ର୍ଥ ସ୍ଥାନ ହାସଲ କରିଥିଲା । ଏହାପରେ ୧୯୭୮ରେ ସପ୍ତମ, ୧୯୮୩ରେ ୧୧ତମ, ୧୯୯୮ରେ ୧୨ତମ, ୨୦୦୬ରେ ୧୧ତମ, ୨୦୧୦ରେ ୯ମ, ୨୦୧୮ରେ ୮ମ ଓ ୨୦୨୨ରେ ୯ମ ସ୍ଥାନରେ ରହିଥିଲା । ମହିଳା ବିଶ୍ୱକପର ଦୁଇଟି ଯାକ ସେମିଫାଇନାଲ ଯଥାକ୍ରମେ ନେଦରଲ୍ୟାଣ୍ଡସ-ବେଲ୍‌ଜିୟମ ଏବଂ ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ ମଧ୍ୟରେ ଆଜି ରାତିରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଅଗଷ୍ଟ ୨୯ରେ କାଂସ୍ୟ ପଦକ ଓ ସ୍ୱର୍ଣ୍ଣ ପଦକ ଲାଗି ମ୍ୟାଚ୍ ଖେଳାଯିବ । ଅପରପକ୍ଷରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ହକି ଦଳ ବିଶ୍ୱକପରେ ଶୁକ୍ରବାର ୭ମ ଓ ଅଷ୍ଟମ ସ୍ଥାନ ଲାଗି ବେଲଜିୟମ ସହ ଖେଳିବ ।

### ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

# ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ଶାରଦା



ଭୁବନେଶ୍ୱର, ୨୭ ।୮ (ସମିସ): ଏଠାରେ ଚାଲିଥିବା ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ପୂର୍ବାଞ୍ଚଳ ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଶାରଦା ବେହେରା ଦମ୍‌ଦାର ପ୍ରଦର୍ଶନ କରି ୩-୦ ଫେମରେ ଟପ୍ ସିଡ୍ ସୁବ୍ରତ ଦାସଙ୍କୁ ହରାଇ ଦେଇଛନ୍ତି । ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମୁକାବିଲାଗୁଡ଼ିକରେ ସୋଏବ ଖାନ ୩-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ନିଶାନ୍ତ ବିଶ୍ୱାଳ ୩-୧ରେ ଅବିନାଶ ମହାପାତ୍ରଙ୍କୁ, ନିଶି ପ୍ରକାଶ ଦାସ ୩-୧ରେ ତାରିଣୀ ସାମଲଙ୍କୁ, ରୋହିତ ମାଲହୋତ୍ରା ୩-୧ରେ ସନ୍ଦୀପ ଅଗରୱାଲଙ୍କୁ, ସିଦ୍ଧାର୍ଥ ସେନ ୩-୧ରେ ଅମିତ ସିଂଙ୍କୁ ଓ ଶୁଭମ ଗୁପ୍ତା ୩-୦ରେ ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି । ପ୍ରିୟ ଗୋବିନ୍ଦ ମହାପାତ୍ରଙ୍କୁ ୱାକ୍ ଓଭର ମିଳିଥିଲା । ବିଜୟ ସହ ଶାରଦା, ସୋଏବ, ନିଶାନ୍ତ, ମିଶାଲ ସ୍ୱାଇଁ, ଶୁଭମ ଓ ପ୍ରିୟ ଗୋବିନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ ।

# ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃବିଦ୍ୟାଳୟ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୭ ।୮ (ସମିସ): ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରେ ୫ମ ଆମନ୍ତ୍ରଣୀୟ ଆନ୍ତଃବିଦ୍ୟାଳୟ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ । ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦିନତମାମ ପ୍ରତିଯୋଗିତା ପରେ ସନ୍ଧ୍ୟା ୫ଟାରେ ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି । ବିଦ୍ୟାଳୟସ୍ତରରୁ ଜିମ୍ନାଷ୍ଟିକ୍ସ ପ୍ରତିଭାର ବିକାଶ ଓ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବା ଏହି ଚାମ୍ପିଅନ୍‌ସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏଭଳି ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳସ୍ତରରେ ଜିମ୍ନାଷ୍ଟିକ୍ସକୁ ଅଧିକ ଲୋକପ୍ରିୟ କରିବା ସହ ଭବିଷ୍ୟତର ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରିବାରେ ସହାୟତା ମିଳିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି ।

### ନିର୍ବାଚନକୁ ନେଇ ବିସିସିଆଇ-ଓସିଏ ମୁହାଁମୁହିଁ

# ଓଡ଼ିଶା ହାଇକୋର୍ଟରେ ମାମଲା ଏବଂ ଆଇନଗତ ଲଢ଼େଇ

ନୂଆଦିଲ୍ଲୀ / ଭୁବନେଶ୍ୱର,୨୭ ।୮ (ଏଜେନ୍ସି)


ଫାଇଲ୍ ଫଟୋ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ମଧ୍ୟରେ ନିର୍ବାଚନକୁ ନେଇ ଏକ ଗମ୍ଭୀର ବିବାଦ ସୃଷ୍ଟି ହୋଇଛି । ଏହାକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ ହୋଇଛନ୍ତି । ବହୁ ଚର୍ଚ୍ଚିତ ଲୋଧା କମିଟିର କଡ଼ା ନିୟମ, ଜାତୀୟ କ୍ରୀଡ଼ା ଆଇନ ଏବଂ କ୍ରିକେଟ ପ୍ରଶାସନର କାର୍ଯ୍ୟପନ୍ଥାକୁ ନେଇ ଉଭୟ ସଂସ୍ଥା ପରସ୍ପର ସାମ୍ନାସାମ୍ନି ସ୍ଥିତିରେ ରହିଛନ୍ତି ।

- **୨୦୨୫ରୁ ଅଟକିଛି ନିର୍ବାଚନ**
- **୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖିବାକୁ ପରାମର୍ଶ**

ଏହି ମାମଲା ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ପହଞ୍ଚିଥିବାବେଳେ ଉଭୟ ପକ୍ଷରୁ ସେମାନଙ୍କର ଯୁକ୍ତି ଉପସ୍ଥାପନ କରାଯାଇଛି ।

ପୂର୍ବତନ ଓଡ଼ିଶା କ୍ରିକେଟର, କୋଚ୍ ତଥା କର୍ମକର୍ତ୍ତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏ ନିର୍ବାଚନ ତୁରନ୍ତ କରାଇବା ଦାବିରେ ହାଇକୋର୍ଟରେ ଏକ ମାମଲା ଦାୟର କରିବା ପରେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିଥିଲା । ବିସିସିଆଇର ଆଇନଗତ ସିନିଅର ମ୍ୟାନେଜର ମେଲିଣ୍ଡା କୋଲାକୋଙ୍କ ଜରିଆରେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି । ଏହି ସତ୍ୟପାଠରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଓସିଏ ତୁରନ୍ତ ନିର୍ବାଚନ ଅନୁଷ୍ଠିତ କରାଇବା ଜରୁରୀ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସଂସ୍ଥାର ନିଜସ୍ୱ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ । ଯଦି ନିର୍ବାଚନ କରା ନ ଯାଏ, ତେବେ ଏହା ନିୟମର ଉଲ୍ଲଂଘନ ହେବ । ବିସିସିଆଇ ପକ୍ଷରୁ ରାଜ୍ୟ ସଂସ୍ଥାର ପାଣ୍ଠି ବନ୍ଦ କରାଯିବା ସହ ସଦସ୍ୟତା କରାଯିବ ଅର୍ଥାତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ବିସିସିଆଇର ଯୁକ୍ତି ହେଉଛି, କୌଣସି ପଦାଧିକାରୀ ଲଗାତର ଦୁଇ ବର୍ଷରୁ ଅଧିକ ସମୟ ପଦରେ ରହିପାରିବେ ନାହିଁ ଏବଂ ସଂଘଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମୂଳ ଭାବନାକୁ ଅନୁସରଣ କରିବାକୁ ପଡ଼ିବ । ବର୍ତ୍ତମାନ ଓସିଏ ଅଧ୍ୟକ୍ଷ ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ୨୦୧୯ ଅକ୍ଟୋବରରୁ ନିଜ ନିଜ ପଦରେ ରହିଛନ୍ତି । ତେଣୁ ନିର୍ବାଚନ ଆଉ ବିଳମ୍ବ କରାଯିବା ନେଇ ବିସିସିଆଇ ପ୍ରଶ୍ନ ଉଠାଇଛି । ୨୦୨୫ ଅକ୍ଟୋବରରେ ହେବାକୁ ଥିବା ନିର୍ବାଚନକୁ ସଂସ୍ଥା ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇଥର ସ୍ଥଗିତ ରଖାଯାଇଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା କୋର୍ଟରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଏକ ସର୍କୁଲାର ଅନୁଯାୟୀ, ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ନିର୍ବାଚନକୁ ୨୦୨୬ ମସିହା ଡିସେମ୍ବର ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ, ଜାତୀୟ କ୍ରୀଡ଼ା ଶାସନ ଆଇନର ପ୍ରଭାବ ଏବଂ କ୍ରିକେଟକୁ ଆଗାମୀ ୨୦୨୮ ଅଲିମ୍ପିକ୍ସରେ ସାମିଲ କରାଯାଇଥିବାରୁ ଏହାର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ସାଧାରଣ ପରିଷଦର ସମ୍ମତିକ୍ରମେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଜାତୀୟ କ୍ରୀଡ଼ା ଶାସନ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ କ୍ରିକେଟ କ୍ରୀଡ଼ାଟି ଏପର୍ଯ୍ୟନ୍ତ ଏହି ଆଇନର ସ୍ୱତନ୍ତ୍ର ପରିସରଭୁକ୍ତ ହୋଇନାହିଁ ବୋଲି ବିସିସିଆଇ ପକ୍ଷରୁ ଯୁକ୍ତି ଉପସ୍ଥାପନା କରାଯାଇଛି । ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ଅନୁଯାୟୀ ବିସିସିଆଇ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଓସିଏରେ ନିର୍ବାଚନ କରାଇବା ନେଇ ବିସିସିଆଇର କଡ଼ା ଚେତାବନୀ ଏବଂ ରାଜ୍ୟ ସଂସ୍ଥାର ଆଇନଗତ ଯୁକ୍ତି ମଧ୍ୟରେ ଟଣାଓଟରା ଜାରି ରହିଛି । ଏହି ବିବାଦରେ ଲୋଧା କମିଟିର ସୁପାରିସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି । ଏହି ସମ୍ବେଦନଶୀଳ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ଉପରେ ସମଗ୍ର କ୍ରିକେଟ୍ ମହଲର ନଜର ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS